DHARITRI
ଭୁବନେଶ୍ୱର, ଗୁରୁବାର, ମେ ୨୭/୨୦୨୧ (୧୨ ପୃଷ୍ଠା) | Bhubaneswar, Thursday, May 27/2021 | ★★★★★★
୪୭ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଅଚିନ୍ତ ଶେଉଲିଙ୍କୁ ରୌପ୍ୟ**

ତାସ୍କେଣ୍ଟରେ ଚାଲିଥିବା ବିଶ୍ୱ ଜୁନିୟର ଭାରୋତ୍ତୋଳନରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଭାରତର ଅଚିନ୍ତ ଶେଉଲି ୭୩ କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

୧୨

୧୦

**ଓଟିଟିରେ ଆସିବ 'ସର୍ଦ୍ଦାର ଉଧମ ସିଂ'**

ଅଭିନେତା ଭିକି କୌଶଳଙ୍କ ଫିଲ୍ମ 'ସର୍ଦ୍ଦାର ଉଧମ ସିଂ' ଆସନ୍ତା ଅଗଷ୍ଟରେ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ ପାଇଁ ସ୍ଥିର ହୋଇଛି।



# କମ୍ ବହିଲା, ଜୋର ବର୍ଷିଲା



କେନ୍ଦ୍ରାପଡ଼ା ଜିଲା ଭିତରକନିକା-ରାଜନଗର ରାସ୍ତାର ଈଶ୍ୱରପୁର ବଜାରରେ ଗଛ ଉପୁଡି ଦୋକାନ ଘର ଉପରେ ପଡିଛି।



ବାଲେଶ୍ୱର ସଦର ବ୍ଲକ୍ ବର୍ଦ୍ଧନପୁର ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି।

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ୟାସ୍' ବୁଧବାର ମଧ୍ୟାହ୍ନରେ ବାଲେଶ୍ୱର ଜିଲା ବାହାନଗା ନିକଟରେ ଅତିକ୍ରମ କରିଛି। ସ୍ଥଳଭାଗ ଛୁଇଁଲା ବେଳକୁ ବାତ୍ୟାର ବେଗ ୧୨୦ରୁ ୧୪୫ କି.ମି. ଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସକାଳ ୧୦ଟା ୩୦ରୁ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ଆରମ୍ଭ କରିଥିଲା। ୧୧ଟା ୩୦ ବେଳକୁ ପବନର ଗତି କମି ଆସିଥିଲା। ବାତ୍ୟା ପ୍ରଭାବରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ପବନ ସାଙ୍ଗକୁ ପ୍ରବଳ ବର୍ଷା ଯୋଗୁ କେତେକ ସ୍ଥାନ ଜଳମଗ୍ନ ରହିଛି। ବାତ୍ୟା ଉତ୍ତର ଉତ୍ତର-ପୂର୍ବ ଦିଗକୁ ଗତିକରି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ତେବେ ଆକଳନ ଅନୁଯାୟୀ କମ୍ ପବନ ହୋଇଥିବାରୁ ଓଡ଼ିଶା ☞ପୃଷ୍ଠା-୪

**'ୟାସ୍' ଦୁର୍ବଳ**

- ବୁଢ଼ାବଳଙ୍ଗରେ ବନ୍ୟା ଆଶଙ୍କା
- ୧୨୦ କି.ମି. ବେଗରେ ଉପକୂଳ ଅତିକ୍ରମ କଲା: ପାଣିପାଗ ବିଭାଗ

## ବିଶେଷ ବଡ଼ କ୍ଷତି ହୋଇନାହିଁ: ଏସ୍ଆର୍‌ସି

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ବାତ୍ୟା 'ୟାସ୍' ବୁଧବାର ବାଲେଶ୍ୱର ଜିଲା ଦେଇ ସ୍ଥଳଭାଗ ଅତିକ୍ରମ କରିଛି। ପାଣିପାଗ ବିଭାଗ ଯେଉଁଭଳି ପୂର୍ବାନୁମାନ କରିଥିଲା ସେହି ଅନୁପାତରେ ପବନ ବହି ନ ଥିଲେ ସୁଦ୍ଧା ଅତି ପ୍ରବଳ ମାତ୍ରାରେ ବର୍ଷା ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରିପଦାର କୁସୁମୀ ଅଞ୍ଚଳରେ ସର୍ବାଧିକ ୩୦୪ ମିଲିମିଟର ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ରାଜନଗରରେ ୨୭୫, ଜଗତ୍‌ସିଂହପୁର ଜିଲା ଏରସମାରେ ୨୭୧ମି.ମି. ☞ପୃଷ୍ଠା-୪

## ୩ ଜୀବନ ଗଲା

**ବାଲେଶ୍ୱର ଅଫିସ/କେନ୍ଦୁଝର(ସ୍ୱ.ପ୍ର.)/ଚିତ୍ରଡା, ୨୬।୫**

ବାତ୍ୟା ୟାସ୍ ପ୍ରଭାବରେ ବୁଧବାର ପୂର୍ବାହ୍ନ ସମୟରେ ଗଛ ଭାଙ୍ଗିପଡି ବାଲେଶ୍ୱର ଓ କେନ୍ଦୁଝରରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୟୂରଭଞ୍ଜରେ କାନ୍ଥ ପଡି ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ବାଲେଶ୍ୱର ସହର ଷ୍ଟେଶନ ଛକ ନିକଟ ଭାସ୍କରଗଞ୍ଜ ଅଞ୍ଚଳର ମଣ୍ଟୁ ଜେନା(୨୨) ନାମକ ଯୁବକ ଦିଆସିଲି ଆଣିବାକୁ ବାହାରକୁ ଯାଇଥିବା ବେଳେ ଗଛଟି ତାଙ୍କ ଉପରେ ଭାଙ୍ଗିପଡିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ମଣ୍ଟୁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେନ୍ଦୁଝର ଜିଲା ଘସିପୁରା ଥାନା ପଞ୍ଚୁପଲୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଉପରେ ଗଛ ଡାଳ ଭାଙ୍ଗି ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ସକାଳ ପ୍ରାୟ ୭ଟା ବେଳେ ସେ ଘରୁ ବାହାରି ପୂଜା କରିବାକୁ ଯାଉଥିବା ବେଳେ ଏକ ବରଗଛର ଡାଳ ☞ପୃଷ୍ଠା-୪

## ୭ ଦିନ ରିଲିଫ୍ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ବାତ୍ୟା 'ୟାସ୍' ଯୋଗୁ ଭଦ୍ରକ ଓ ବାଲେଶ୍ୱରର ଅନେକ ଗ୍ରାମ ଜଳମଗ୍ନ ହୋଇଛି। ବର୍ଷା ଜଳ ଘେରରେ ରହିଥିବା ୧୨୮ ଗ୍ରାମର ଲୋକମାନଙ୍କୁ ଆସନ୍ତା ୭ ଦିନ ପାଇଁ ରିଲିଫ୍ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରଭାବିତ ଜିଲାଗୁଡ଼ିକର ମୁଖ୍ୟ ରାସ୍ତାଗୁଡ଼ିକୁ ଯାତାୟାତ ଉପଯୋଗୀ କରିବା ସହିତ ୮୦ ପ୍ରତିଶତ ବିଦ୍ୟୁତ୍ ଯୋଗାଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଅଧିକାର ପାଇଁ ସଂଘର୍ଷ ଜାରି

- କୃଷି ଆଇନ ବିରୋଧରେ ଆନ୍ଦୋଳନକୁ ୬ ମାସ
- ଚାଷୀ ପାଳିଲେ 'କଳା ଦିବସ'



ଦିଲ୍ଲୀର ସିଂଘୁ ସୀମାରେ ଚାଷୀ ଓ ସମର୍ଥକମାନେ କଳାଦିବସ ପାଳନ କରୁଛନ୍ତି।

**ନୂଆଦିଲ୍ଲୀ/ଚଣ୍ଡିଗଡ଼, ୨୬।୫**

କେନ୍ଦ୍ରର ବିବାଦୀୟ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଷୀ ସଂଗଠନ ଚଳାଇଥିବା ଆନ୍ଦୋଳନ ବୁଧବାର ୬ ମାସ ପୂରଣ କରିଛି। ଏହି ଅବସରରେ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ସାରା ଦେଶରେ କଳାଦିବସ ପାଳନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚାଷୀମାନେ କଳାପତାକା ଧରି ସରକାର ବିରୋଧୀ ସ୍ଲୋଗାନ ଦେବା ସହ କୁଶପୁତ୍ତଳିକା ଦାହ କରିଥିଲେ ଓ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲେ। ଦିଲ୍ଲୀ ସୀମାର ଗାଜିପୁର ବିକ୍ଷୋଭ ସ୍ଥଳୀରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ଥାଇ ଚାଷୀମାନେ କେନ୍ଦ୍ର ସରକାରଙ୍କ କୁଶପୁତ୍ତଳିକା ଦାହ କଲାବେଳେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିପରି ସିଂଘୁ ଓ ଟିକ୍ରି ସୀମାରେ ମଧ୍ୟ ନୂଆ କୃଷି ଆଇନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ର ସରକାରୀ ନେତାମାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କୋଭିଡ୍ ସ୍ଥିତି ଏବଂ ଲକ୍‌ଡାଉନ ଚାଲିଥିବାରୁ ଚାଷୀମାନଙ୍କୁ ଏକାଠି ନ ହେବା ଲାଗି ଦିଲ୍ଲୀ ପୋଲିସ ବାରଣ କରିବା ସତ୍ତ୍ୱେ ବହୁସଂଖ୍ୟାରେ କୃଷକ ସମ୍ମିଳିତ ହୋଇ କଳାଦିବସ ପାଳନ କରିଥିଲେ। ସେହିପରି ପଞ୍ଜାବ,ହରିୟାଣା ଓ ଉତ୍ତରପ୍ରଦେଶରେ ମଧ୍ୟ ଚାଷୀମାନେ କଳାଦିବସ ପାଳନ କରିଛନ୍ତି। ସେମାନେ ଘର ଉପରେ କଳାପତାକା ଉଡ଼ାଇବା ସହ କେନ୍ଦ୍ରର ସରକାରୀ ନେତାମାନଙ୍କ କୁଶପୁତ୍ତଳିକା ☞ପୃଷ୍ଠା-୪

## ରାମଦେବଙ୍କୁ ୧,୦୦୦ କୋଟିର ମାନହାନି ନୋଟିସ

**ଡେରାଡୁନ୍, ୨୬।୫**

ଏଲୋପାଥି ଏବଂ ଏଲୋପାଥିକ୍ ଡାକ୍ତରମାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ବାବା ରାମଦେବଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ମାନହାନି ନୋଟିସ ପଠାଇଛି। ଅପମାନଜନକ ମନ୍ତବ୍ୟ ପାଇଁ ରାମଦେବ ୧୫ ଦିନ ମଧ୍ୟରେ କ୍ଷମା ନ ମାଗିଲେ, ୧,୦୦୦ କୋଟି ଟଙ୍କାର କ୍ଷତିପୂରଣ ଦେବା ପାଇଁ ଦାବି କରାଯିବ ବୋଲି ଆଇଏମ୍‌ଏ କହିଛି।



ଯୋଗଗୁରୁଙ୍କ ମନ୍ତବ୍ୟ ଏଲୋପାଥି ଏବଂ ଆସୋସିଏଶନ ଅଧୀନରେ ଥିବା ପ୍ରାୟ ୨,୦୦୦ ଡାକ୍ତରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବାରୁ ଆଇଏମ୍‌ଏ (ଉତ୍ତରାଖଣ୍ଡ)ର ସମ୍ପାଦକ ଅଜୟ ଖାନ୍ନା ତାଙ୍କ ଓକିଲ ନୀରଜ ପାଣ୍ଡେଙ୍କ ଜରିଆରେ ୬ ପୃଷ୍ଠାର ଏହି ନୋଟିସ ପଠାଇଛନ୍ତି। ☞ପୃଷ୍ଠା-୪

## ଜେଇଇ ଆଡଭାନ୍ସଡ୍ ସ୍ଥଗିତ

**ନୂଆଦିଲ୍ଲୀ, ୨୬।୫**

ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜୁଲାଇ ୩ରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଆଡଭାନ୍ସଡ୍‌କୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ପରୀକ୍ଷା ତାରିଖ ସମ୍ପର୍କରେ ପରେ ଜଣାଇ ଦିଆଯିବ ବୋଲି ବୁଧବାର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ଖଡଗପୁର ପକ୍ଷରୁ ଘୋଷଣା କରାଯାଇଛି। ଜେଇଇ (ଆଡଭାନ୍ସଡ୍) ପାଇଁ ଗଠିତ ୩ ଜଣିଆ କମିଟିର ବୈଠକ ଗତ ଏପ୍ରିଲରେ ଖଡ଼ଗପୁର ଆଇଆଇଟିରେ ଅନୁଷ୍ଠିତ ହୋଇଥିଲା। ☞ପୃଷ୍ଠା-୪




# ଅବହେଳାରୁ ଖାଇବାତେଲ ଦର ବୃଦ୍ଧି

**ଭୁବନେଶ୍ୱର, ୨୬।୫ (ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲ ପରେ ଏବେ ଖାଇବା ତେଲର ଲଗାତର ଦରବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି। କିଛି ମାସ ମଧ୍ୟରେ ଅନ୍ତର୍ଜାତୀୟ ବଜାର ତୁଳନାରେ ଭାରତରେ ଖାଇବା ତେଲ ମୂଲ୍ୟ ଅହେତୁକ ଭାବେ ବଢ଼ିଛି। ଏହି ଦରବୃଦ୍ଧି ସମସ୍ୟାକୁ ନେଇ କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ଚିନ୍ତା ପ୍ରକଟ କରିଛି। ବିଭାଗ ପକ୍ଷରୁ ଉକ୍ତ ପ୍ରସଙ୍ଗରେ ସୋମବାର ସମସ୍ତ ପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଖାଇବା ତେଲ ଦର ନିୟନ୍ତ୍ରଣକୁ ଆଣିବା ଲାଗି ପଦକ୍ଷେପ ନେବାକୁ ରାଜ୍ୟ ଏବଂ ବ୍ୟବସାୟିକ ସଂସ୍ଥାଗୁଡିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଦର ବୃଦ୍ଧି ପାଇଁ ଭାରତର ନୀତି ଦାୟୀ। କାରଣ ଆମଦାନୀ ପରେ ଗ୍ରାଇଣ୍ଡିଂ ଖର୍ଚ୍ଚ ଏବଂ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାବଦ ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର ଆଦୌ ଧ୍ୟାନ ଦେଉନାହାନ୍ତି। ଯେଉଁମାନେ ଆମଦାନୀ କରୁଛନ୍ତି, ସେମାନେ ଏକଚାଟିଆ ନୀତି ଆପଣାଉଛନ୍ତି। ଫଳରେ କେତେଜଣ ବ୍ୟବସାୟୀ ଏବଂ କମ୍ପାନୀ ଏହା ଦ୍ୱାରା ଲାଭବାନ୍ ହେଉଥିବାବେଳେ ସାଧାରଣ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



କେନ୍ଦ୍ର ଏଥିରେ ହସ୍ତକ୍ଷେପ କରି ରପ୍ତାନି କରୁଥିବା ଦେଶଗୁଡ଼ିକ ସହ ଆଲୋଚନା ଦ୍ୱାରା କିଛି ମାତ୍ରାରେ ଟିକସ କମାଇ ପାରିଲେ ଏହାର ଲାଭ ସିଧାସଳଖ ଖାଉଟିଙ୍କୁ ମିଳିପାରନ୍ତା।

ରୋଷେଇରେ ବ୍ୟବହୃତ ବାଦାମ, ସୋରିଷ, ବନସ୍ପତି, ସୋୟା, ସନ୍‌ଫ୍ଲାୱାର ଏବଂ ପାମ୍ ଭଳି ତେଲର ମାସିକ ହାରାହାରି ଖୁଚୁରା ଦର ମେ'ରେ ୧୧ ବର୍ଷର ସର୍ବୋଚ୍ଚ ସ୍ତର ଛୁଇଁଥିବା ସରକାରୀ ତଥ୍ୟରୁ ସାମ୍ନାକୁ ଆସିଛି। କରୋନା ମୁକାବିଲା ପାଇଁ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ୍ ଜାରି କରାଯାଇଥିବାବେଳେ ଆର୍ଥିକ କାର୍ଯ୍ୟକଳାପ ଉପରେ ଏହାର ଗଭୀର ପ୍ରଭାବ ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତିରେ ଦୈନନ୍ଦିନ ବ୍ୟବହାରରେ ଆସୁଥିବା ଖାଇବା ତେଲର ଦରବୃଦ୍ଧି ଘଟି ରେକର୍ଡ ସ୍ତର ଛୁଇଁଛି।

ଦେଶରେ ମୋଟ ଖାଇବା ତେଲ ଆବଶ୍ୟକତାରୁ ପ୍ରାୟ ୬୦% ☞ପୃଷ୍ଠା-୪

# 'ୟାସ୍' ପ୍ରଭାବ





ଜୁଆର ଆସି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ ରାଜେନ୍ଦ୍ରନଗରର ଘର ସହ ଚାଷଜମିରେ ପାଣି ଜମି ରହିଛି।



ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଅନ୍ତର୍ଗତ ଗାଙ୍ଗରାଜ ଅଞ୍ଚଳରେ ପଡ଼ିଥିବା ଗଛକୁ ଅଗ୍ନିଶମ ବିଭାଗ କାଟି ସଫା କରୁଛନ୍ତି।



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କଂସାର ବାଡ ଦାଣ୍ଡୁଆ ଗାଁରେ ଲୁଣା ବନ୍ଧ ଭାଙ୍ଗି ସମୁଦ୍ର ପାଣି ପଶୁଛି।



ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ପୋଲିସ ଉଦ୍ଧାର କରୁଛି।



ଭଦ୍ରକ ଜିଲା ଚାନ୍ଦବାଲିରେ ଅଗ୍ନିଶମ କର୍ମଚାରୀ ଏକ ଘର ଉପରେ ପଡ଼ିଥିବା ଗଛକୁ କାଟୁଛନ୍ତି।



ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଣିଘେରରେ।



ଭଦ୍ରକ ଚାନ୍ଦବାଲି ଡାକ୍ତରଖାନାରେ ନବଜାତକଙ୍କ ସହ ମା'।



ଭଦ୍ରକ ଜିଲା ବାସୁଦେବପୁର ୨୨ ନଂ. ୱାର୍ଡ଼ରେ ଲୋକଙ୍କ ଘରେ ବର୍ଷାପାଣି ପଶିଛି।



ବାଲେଶ୍ୱର ସହର ସୁନହଟସ୍ଥିତ ଶକୁନ୍ତଳା ହାଇସ୍କୁଲ ପାଚେରି ଉପରେ ଗଛ ଭାଙ୍ଗିପଡ଼ିଛି।



ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବଜାରର ଏକ ଘର ଉପରେ ପଡ଼ିଥିବା ଗଛକୁ ପୋଲିସ କର୍ମଚାରୀ ପରିଷ୍କାର କରୁଛନ୍ତି।



ବାଲେଶ୍ୱର ରେମୁଣା ବ୍ଲକ ଗୁହୁ ପଞ୍ଚାୟତରେ ଏନଡିଆରଏଫ୍ ଟିମ୍ ପାଣିଘେରରୁ ଲୋକଙ୍କୁ ଉଦ୍ଧାର କରୁଛି।



ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଖୁଲାଡିଠାରେ ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିପଡ଼ିଛି।



ଜଳ ନିଷ୍କାସନ ପାଇଁ ଲୋକେ ବାସୁଦେବପୁର-ଜାମୁଝାଡ଼ି ରାସ୍ତାକୁ କାଟି ଦେବା ପରେ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ଭଦ୍ରକ ପୌରପାଳିକା ଅଞ୍ଚଳରେ ରାସ୍ତାରୁ ଗଛ ହଟାଯାଉଛି।



ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ଜୁଆର ମାଡ।



ବାଲେଶ୍ୱର ସହର ପୋଲିସ ଲାଇନ ପଡିଆରେ ବାତ୍ୟା ପରେ ବିଦ୍ୟୁତ୍ ଖୁଣ୍ଟ ମରାମତି କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୮୮,୩୨,୩୦୫ | ୩୫,୦୫,୮୨୧ | ୧୫,୦୪,୫୧,୧୧୫ |
| ଭାରତ | ୨,୭୩,୫୪,୦୨୯ | ୩,୧୫,୯୦୮ | ୨,୪୬,୦୪,୮୯୪ |
| ଓଡ଼ିଶା | ୭,୨୬,୦୦୩ | ୨୫୮୪(+୫୩) | ୬,୨୩,୬୨୮ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବାତ୍ୟା ସମୟରେ ଭଦ୍ରକରେ ୬୯ ଶିଶୁ ଜନ୍ମ

**ଭଦ୍ରକ,୨୬।୫:** ଭଦ୍ରକ ଜିଲା ପ୍ରଶାସନର ରେକର୍ଡ ଅନୁଯାୟୀ, ୟାସ୍‌କୁ ଦୃଷ୍ଟିରେ ରଖି ୨୨୪ ଜଣ ଆସନ୍ନ ପ୍ରସବାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଉଦ୍ୟମ କ୍ରମେ ଏହି ଗର୍ଭବତୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବାତ୍ୟା ସମୟରେ ୬୯ ଜଣ ଶିଶୁ ଜନ୍ମ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କାର୍ଯ୍ୟସ୍ଥଳରେ ଟିକାକରଣ ପାଇଁ ନିର୍ଦ୍ଦେଶାବଳୀ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ):** ଉଭୟ ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟସ୍ଥଳରେ କରୋନା ଟିକାକରଣ ସଂକ୍ରାନ୍ତରେ ରାଜ୍ୟ ସରକାର ବୁଧବାର ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସେହିଭଳି ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ପିଟାଲରେ ଟିକାକରଣ କରିପାରିବେ। ଯଦି ହସ୍ପିଟାଲ ଉପଲବ୍ଧ ନ ହୁଏ, ତେବେ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଘରୋଇ ହସ୍ପିଟାଲ କୋଭିଡ୍ ଭ୍ୟାକ୍ସିନେଶନ ସେଣ୍ଟର(ସିଭିସି) ସହିତ ଟ୍ୟାଗିଂ କରି କାର୍ଯ୍ୟସ୍ଥଳରେ ନିଜ କର୍ମଚାରୀ ଓ ପରିବାର ସଦସ୍ୟଙ୍କୁ ଟିକାକରଣ କରିପାରିବେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ତେବେ ସରକାରୀ କାର୍ଯ୍ୟାଳୟର ସିଭିସିରେ ୪୫ ବର୍ଷ ଏବଂ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଭାରତ ସରକାରଙ୍କ ଟିକା ଯୋଗାଣ ମାଧମରେ ଏବଂ ୧୮ରୁ ୪୪ ବର୍ଷ ବୟସ ବର୍ଗଙ୍କୁ ରାଜ୍ୟ ସରକାରଙ୍କ ଟିକା ଯୋଗାଣ ମାଧମରେ ଅନ୍ତର୍ଭୁକ୍ତ କରାଯାଇପାରେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଘରୋଇ ହସ୍ପିଟାଲଗୁଡ଼ିକ ନିଜେ ଟିକା ଉତ୍ପାଦନକାରୀଙ୍କଠାରୁ ଟିକା କିଣୁଛନ୍ତି। ତେଣୁ ଟିକାକରଣ ପାଇଁ ଘରୋଇ ହସ୍ପିଟାଲଗୁଡିକ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ମୂଲ୍ୟ ନେଉଛନ୍ତି।

# ବାତ୍ୟା ପରେ ବନ୍ୟା ଭୟ


ବୁଢ଼ାବଳଙ୍ଗ ନଦୀରେ ଶିମିଳିପାଳରୁ ଭାସି ଆସିଥିବା କାଠକୁ ଲୋକେ ସଂଗ୍ରହ କରୁଛନ୍ତି।

**ବାରିପଦା ଅଫିସ,୨୬।୫**

- ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ଅତି ପ୍ରବଳ ବର୍ଷା
- ବୁଢ଼ାବଳଙ୍ଗ, ଗଙ୍ଗାହାରରେ ଜଳପତନ ବୃଦ୍ଧି
- ଚିନ୍ତାରେ ନଦୀ କୂଳବାସୀ

ବାତ୍ୟା 'ୟାସ' ପ୍ରଭାବରେ ମୟୂରଭଞ୍ଜ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏବେ ବନ୍ୟା ଚିନ୍ତା ଘାରିଛି। ଶିମିଳିପାଳର ଆଭ୍ୟନ୍ତରୀଣ ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇଥିବା ଯୋଗୁ ଏଠାରୁ ବାହାରି ଥିବା ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ଜଳସ୍ତର ଉପରମୁଣ୍ଡରେ ବୃଦ୍ଧି ପାଇବାରେ ଲାଗିଛି। ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ନଦୀକୂଳିଆ ବାସିନ୍ଦାଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବା ପ୍ରକ୍ରିୟା ଜାରି ରହିଛି। ଏସ୍‌ଆର୍‌ସି ପ୍ରଦୀପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ବାରିପଦାର ମଧୁବନ ଅଞ୍ଚଳର କଚ୍ଚା ଓ ଆଜବେଷ୍ଟସ ଘରେ ରହୁଥିବା ଲୋକମାନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିଛନ୍ତି।

ଜିଲାର କୁସୁମୀ ବ୍ଲକ ଅଞ୍ଚଳରେ ମଙ୍ଗଳବାର ସର୍ବାଧିକ ୩୦୪ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଶାମାଖୁଣ୍ଟା ଓ ସାରସକଣା ବ୍ଲକରେ ସର୍ବନିମ୍ନ ୨୨ ମି.ମି. ବର୍ଷା ହୋଇଥିଲା। ବୁଧବାର ଯଶିପୁର ବ୍ଲକରେ ସର୍ବାଧିକ ୧୯୦ ମି.ମି., ବିଶୋଇରେ ୧୨୪ ମି.ମି., ଉଦଳାରେ ୧୧୦ ମି.ମି., ଶୁକ୍ରୁଲିରେ ୧୧୨ ମି.ମି., ବିଜାତଳାରେ ୧୦୮ ମି.ମି., ରରୁଆଁରେ ୧୦୫ ମି.ମି. ରେକର୍ଡ ହୋଇଥିବା ବେଳେ ବଡ଼ସାହି ଅଞ୍ଚଳରେ ସର୍ବନିମ୍ନ ୫ ମି.ମି. ବର୍ଷା ହୋଇଛି। ବୁଧବାର ସକାଳ ୬ରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ବରେହିପାଣି ଅଞ୍ଚଳରେ ୨୬୨ମି.ମି., ନଅଣା ସାଉଥରେ ୧୨୭ମି.ମି., ନଅଣା ନର୍ଥରେ ୨୪୪ମିମି, ପୋଡ଼ାଡ଼ିହାରେ ୧୫୩ମି.ମି., ଭଞ୍ଜବସାରେ ୩୦୨ମି.ମି., ଠାକୁରମୁଣ୍ଡା ୧୫୧ ମି.ମି. ଓ କେନ୍ଦୁମୁଣ୍ଡିରେ ୧୪୩ ମି.ମି. ବର୍ଷା ହୋଇଛି। ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୩୦.୯୨ମିଟର ରହିଥିବା ବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ଏହାର ଜଳସ୍ତର ୨୩.୦୨ମିଟର ରହିଥିଲା। ଏହି ନଦୀର ଉଭୟ ପାର୍ଶ୍ୱରେ ଥିବା ବଡ଼ସାହି, ଗୋପବନ୍ଧୁନଗର, ବେତନଟୀ ବ୍ଲକ ଅଧୀନ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ ଟିମ ସଜାଗ ହୋଇ ରହିଛନ୍ତି। ଜିଲାର ୨୬ଟି ବ୍ଲକ, ୨ଟି ପୌର ପରିଷଦ ଓ ୨ଟି ଏନ୍‌ଏସିର ୬୭ହଜାର ୯୮୦ଜଣ ଲୋକଙ୍କୁ ୪୨୨ଟି ସ୍ଥାନରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ।

ସେହିପରି ବାତ୍ୟା 'ୟାସ' ପ୍ରଭାବରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ବାରିପଦା ସହର, ରଙ୍ଗାମାଟିଆ, ଶୁନଗଡ଼ିଆ, ବେଲଗଡ଼ିଆ, ଚିପଟଅସ୍ତିଆ, ଅସ୍ତିଆ, ଡାକ୍ତରଖାନା ରାସ୍ତା, ଭଞ୍ଜପୁର ଆଦି ଅଞ୍ଚଳରେ ଗଛ ଉପୁଡ଼ି ରାସ୍ତାରେ ପଡ଼ିଛି। ଅଗ୍ନିଶମ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତାହାକୁ ସଫା କରାଯାଉଥିବା ଦେଖିବାକୁ ମିଳିଛି।




## ବାଲେଶ୍ୱରକୁ ଗଲେ ଆଉ ୧୦ ଉଦ୍ଧାରକାରୀ ଦଳ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

**ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି**

ବାତ୍ୟା 'ୟାସ' ଯୋଗୁ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ଜିଲାଗୁଡ଼ିକରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବୁଧବାର ଅଗ୍ନିଶମ ଡିଜିଏମ୍. ଅକ୍ଷୟ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଅଧିକ କ୍ଷତିଗ୍ରସ୍ତ ବାଲେଶ୍ୱର ଜିଲାରେ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ୧୦ଟି ଉଦ୍ଧାରକାରୀ ଦଳକୁ ପଠାଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ମୁତାବକ, ବାଲେଶ୍ୱର ଜିଲାକୁ ପୂର୍ବରୁ ଯାଇଥିବା ଅଗ୍ନିଶମ ବିଭାଗର ୪୦ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆଉ ୧୦ ଦଳ ପହଞ୍ଚିଲେ ଏହି କାର୍ଯ୍ୟ ଆହୁରି ଜୋର୍‌ଦାର ହେବ। ସେହିଭଳି ଭଦ୍ରକ ଜିଲାରେ ୨୦, ମୟୂରଭଞ୍ଜରେ ୨୫, କେନ୍ଦ୍ରାପଡାରେ ୧୫, ଯାଜପୁରରେ ୧୩ ଓ କେନ୍ଦୁଝର ଜିଲାରେ ୨୨ ଦଳ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଦ୍ଧାର ଓ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଦଳରେ ନିୟୋଜିତ କର୍ମଚାରୀମାନେ ଆବଶ୍ୟକ ଯନ୍ତ୍ରାଂଶ ଓ ପାୱାର ବୋଟ୍ ସହ ଜିଲାର ବିଭିନ୍ନ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପୂର୍ବ ଯୋଜନା ଅନୁଯାୟୀ ମୁତୟନ ହୋଇ କାର୍ଯ୍ୟ ଚାଲୁ କରିଛନ୍ତି। ରାସ୍ତାରେ ଭାଙ୍ଗିପଡିଥିବା ଗଛ କାଟି ସଫା କରି ଗମନାଗମନର ସୁବ୍ୟବସ୍ଥା କରୁଛନ୍ତି। ଏଥିସହ ପାଣି ଘେରରେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କରୁଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ, ବିଧାୟକ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ବାତ୍ୟା ୟାସ୍ ଯୋଗୁ ବାଲେଶ୍ୱର ଓ ଭଦ୍ରକ ଜିଲାରେ ଅଧିକ କ୍ଷତି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବିଜେଡି ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବୁଧବାର ଅପରାହ୍ନରେ ବାଲେଶ୍ୱର ଗସ୍ତ କରି ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରଣବ ଲୋକମାନଙ୍କୁ ଭେଟି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହିସମୟରେ ତାଙ୍କ ସହିତ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉପସ୍ଥିତ ଥିଲେ।


ବିଧାୟକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ପ୍ରଭାବିତ ଲୋକଙ୍କୁ ସହାୟତା କରିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

- ବାତ୍ୟା ପରବର୍ତ୍ତୀ ମୁକାବିଲା ପାଇଁ ଭାଜପାର ୫ ଜଣିଆ ସମନ୍ୱୟ କମିଟି
- ପ୍ରଭାବିତ ଜିଲାରେ ୩ ଜଣିଆ ସମନ୍ୱୟ କମିଟି ଗଠନ

ବାତ୍ୟା 'ୟାସ୍' ବୁଧବାର ମଧ୍ୟାହ୍ନରେ ଓଡ଼ିଶା ଉପକୂଳ ଅତିକ୍ରମ କରିଛି । ଏହା ପ୍ରଭାବରେ ଭଦ୍ରକ ଓ ବାଲେଶ୍ୱର ଅଧିକ ପ୍ରଭାବିତ ହେବା ସହ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ ଜିଲାରେ ବର୍ଷା ଜାରିରହିଛି। ବାତ୍ୟା ମୁକାବିଲା ପାଇଁ ଭାଜପା ପକ୍ଷରୁ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଏକ ୫ ଜଣିଆ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ଗଠନ କରାଯାଇଛି। ସେହିପରି ପ୍ରତ୍ୟେକ ପ୍ରଭାବିତ ଜିଲାରେ ମଧ ୩ଜଣିଆ ସମନ୍ୱୟ କମିଟି ଗଠନ କରାଯାଇଛି। ଏହି କମିଟି ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ସରକାରୀ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଏନ୍‌ଡିଆରଏଫ୍ ଇତ୍ୟାଦିଙ୍କ ସହ ସମନ୍ୱୟ ରକ୍ଷାକରି ସାଧାରଣ ଲୋକଙ୍କୁ ସହାୟତା ଓ ସହଯୋଗ କରିବେ । କରୋନା ଗାଇଡ୍‌ଲାଇନକୁ ପାଳନ କରି ଲୋକଙ୍କୁ ସେବା ଓ ସହାୟତା ଯୋଗାଇ ଦେବା ପାଇଁ ଦଳ ପକ୍ଷରୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧକ୍ଷତାରେ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଭାଜପାର ଜରୁରିକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ପ୍ରଭାବିତ ଅଞ୍ଚଳର ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ବାତ୍ୟା ସ୍ଥିତି ପ୍ରସଙ୍ଗରେ ବିସ୍ତୃତ ଚର୍ଚ୍ଚା ଓ ଆଲୋଚନା ହୋଇଛି।

## ନଦୀରେ ଫସିଥିବା ୧୦ଜଣଙ୍କୁ କୂଳକୁ ଆଣିଲା ଏନ୍‌ଡିଆର୍‌ଏଫ୍

**ଜଗତ୍‌ସିଂହପୁର ଅଫିସ, ୨୬।୫**

**ଟୁଇଟ୍ କରି ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ**




ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଞ୍ଚଳର ଜପା ପଞ୍ଚାୟତର ଦାଶମଠ ନିକଟ ନଦୀରେ ମଙ୍ଗଳବାର ସନ୍ଧ୍ୟାରେ ୧୦ ଜଣ ଫସି ଯାଇଥିଲେ। ସେମାନେ ମାଛ ଧରିବାକୁ କିମ୍ବା ଚିଙ୍ଗୁଡି ଘେରିରୁ ଫେରୁଥିଲେ। ଡଙ୍ଗା ଓଲଟି ପଡ଼ିବାରୁ ପାଣିରେ ସେମାନେ ଅଟକି ରହିଥିଲେ। ଏ ସମ୍ପର୍କରେ ସେମାନେ ମୋବାଇଲ ଫୋନ୍ ଯୋଗେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇ ସହାୟତା ମାଗିଥିଲେ। ସରପଞ୍ଚ ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ସୂଚନା ଦେଇଥିଲେ। ବାତ୍ୟା ୟାସ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୂନ୍ୟ ଜୀବନହାନି ଉପରେ ଗୁରୁତ୍ୱ ଦେଇଛନ୍ତି। ତେଣୁ ସେ ଏନ୍‌ଡିଆର୍‌ଏଫ୍ ଦଳ ସହାୟତାରେ ତତ୍କାଳ ଫସିଥିବା ଲୋକଙ୍କୁ ଉଦ୍ଧାର ପାଇଁ ବାହାରିଥିଲେ ବୋଲି ବିଡିଓ ବେହେରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ତହସିଲଦାର ଓ ଏନ୍‌ଡିଆର୍‌ଏଫ୍ ଦଳ ସହ ମିଶି ଏରସମାରୁ ଜପା ପାଖାପାଖି ୨୦ କି.ମି. ପର୍ଯ୍ୟନ୍ତ ଯିବା ପାଇଁ ସମୟ ଲାଗିଥିଲା। ଘଟଣାସ୍ଥଳରେ ପହଞ୍ଚିଲାବେଳକୁ ଅନ୍ଧାର ହୋଇଯାଇଥିଲା। ସେତେବେଳେ ପ୍ରବଳ ବର୍ଷା ଲାଗି ରହିଥିଲା। ଯେଉଁ ଗାଡ଼ିରେ ପାୱାର ବୋଟ୍ ଯାଇଥିଲା ତାହା ନଦୀ ପର୍ଯ୍ୟନ୍ତ ଯାଇପାରି ନ ଥିଲା। ପରେ ଆଉ ଏକ ଗାଡ଼ି ବ୍ୟବସ୍ଥା କରି ସେଥିରେ ବୋଟ୍ ନିଆଯାଇଥିଲା। ଏହାପରେ ଏନ୍‌ଡିଆର୍‌ଏଫ୍ ଦଳ ନଦୀରେ ବୋଟ୍ ପ୍ରସ୍ତୁତ କରି ଫସିଥିବା ଲୋକଙ୍କ ନିକଟରେ ପହଞ୍ଚି ଉଦ୍ଧାର କରି କୂଳକୁ ଆଣିଥିଲା। ସମସ୍ତେ ସୁରକ୍ଷିତ ଭାବେ କୁଞ୍ଜକୋଠି ନଦୀପାର୍ଶ୍ୱରେ ପହଞ୍ଚି ଗାଁକୁ ଫେରିଥିଲେ ବୋଲି ବିଡିଓ ସୂଚନା ଦେଇଛନ୍ତି। ଏନ୍‌ଡିଆର୍‌ଏଫ୍ ଓ ବିଡିଓଙ୍କ ତ୍ୱରିତ ପଦକ୍ଷେପ ପାଇଁ ୧୦ଜଣଙ୍କ ଜୀବନ ବଞ୍ଚିଗଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ଟୁଇଟ୍ କରି ପ୍ରଶଂସା କରିଛନ୍ତି।

## ବିଶାଖାପାଟଣାରୁ ଆସିଲା ୩୦ ଜେନେରେଟର

**ବାତ୍ୟା ପ୍ରଭାବିତ ଅଞ୍ଚଳକୁ ପଠାଗଲା**


ବିଶାଖାପାଟଣାରୁ ଆସି ଭୁବନେଶ୍ୱର ସତ୍ୟନଗରରେ ପହଞ୍ଚିଥିବା ଉଚ୍ଚଶକ୍ତି ସମ୍ପନ୍ନ ଜେନେରେଟର।

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ବାତ୍ୟା 'ୟାସ୍' ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଦୂର ପାଇଁ ବିଶାଖାପାଟଣାରୁ ଉଚ୍ଚଶକ୍ତି ସମ୍ପନ୍ନ ୩୦ ଡିଜେଲ ଜେନେରେଟର (ଡିଜି) ସେଟ୍ ଅଣାଯାଇଛି। ଟ୍ରକ୍‌ରେ ଆସିଥିବା ଏହି ଜେନେରେଟରକୁଡ଼ିକ ବୁଧବାର ଭୁବନେଶ୍ୱରରେ ପହଞ୍ଚିବା ପରେ ଜରୁରୀ ଆବଶ୍ୟକତା ଭିତ୍ତିରେ କ୍ଷତିଗ୍ରସ୍ତ ଜିଲାଗୁଡ଼ିକୁ ପଠାଇ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ନେଇଥିଲେ। ଏଥିଯୋଗୁ ବିଦ୍ୟୁତ୍ ସେବା ବ୍ୟାହତ ହେବାର ଆଶଙ୍କା ଥିବାରୁ ଜରୁରୀ ଭିତ୍ତିରେ ଜେନେରେଟରର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ବାହାରୁ ମଧ ଜେନେରେଟର ମଗାଇଥିଲେ ସରକାର। ୩୦ ଜେନେରେଟର ଆସିବା ପରେ ବୁଧବାର ସେଥିରୁ କିଛି ଅଧିକ ପ୍ରଭାବିତ ଭଦ୍ରକ ଓ ବାଲେଶ୍ୱର ସମେତ କେନ୍ଦ୍ରାପଡ଼ାକୁ ଯାଇଛି। ସେସବୁ ଟ୍ରକ୍‌ରେ ମଧ ରିଲିଫ୍ ସହ ଅନ୍ୟ କେତେକ ସାମଗ୍ରୀ ପଠାଯାଇଛି। ତେବେ ଗୁରୁବାର ଅବଶିଷ୍ଟ ଜେନେରେଟରକୁ ଆବଶ୍ୟକ କରୁଥିବା ଅନ୍ୟ ଅଞ୍ଚଳକୁ ପଠାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବାତ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିବା ସହ ତାର ଛିଣ୍ଡି ଯାଇଛି। ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ବିଭିନ୍ନ ଅଞ୍ଚଳ ଏବେ ଅନ୍ଧାରରେ ରହିଛି। ଏଥିଯୋଗୁ ଉଦ୍ଧାର ଓ ଅନ୍ୟାନ୍ୟ ସେବା କାର୍ଯ୍ୟ ଯେପରି ବ୍ୟାହତ ନ ହେବ ସେଥିପାଇଁ ଏସ୍‌ଆର୍‌ସି ପକ୍ଷରୁ ଏଭଳି ତ୍ୱରିତ ପଦକ୍ଷେପ ନିଆଯାଇଛି।


ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି
ଜୋଲି ତୁଳସୀ-51 ଡ୍ରପ୍‌ସ




CLINICALLY TESTED

କାଲି ପର୍ଯ୍ୟନ୍ତ ଯାହା ଆମେ କେବଳ ଖବରରେ ଦେଖୁଥିଲୁ, ତାହା ଏବେ ଆମ ଆଖପାଖରେ ଘଟୁଛି । ଏପରି କ୍ଷେତ୍ରରେ ନିଜ ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ପ୍ରତୀତ ହେଉଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ।

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଓ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ ।

ଆପଣଙ୍କ ପରିବାରର ସୁରକ୍ଷା କବଚ

- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଧ୍ୟାନ ଦିଅନ୍ତୁ, ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକାସଦୃଶ ଅନେକ ପ୍ରଡକ୍ଟ ଆସିଯାଇଛି । ତେଣୁ କିଣିବା ସମୟରେ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ଓ କିଣନ୍ତୁ ।

ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । Helpline: 0161-520-1588 Buy Online:www.jollypharmaindia.com

**ଆଜିର ମନ୍ତବ୍ୟ**
କେନ୍ଦ୍ରର ବିନା ସହଯୋଗରେ ବିଶ୍ୱ ବଜାରରୁ ଟିକା ମିଳିପାରିବ ନାହିଁ। ରାଜ୍ୟଗୁଡ଼ିକୁ ତୁରନ୍ତ ଭାକ୍ସିନ ଯୋଗା ନ ଗଲେ ଅଧିକ ଜୀବନ ହାନି ହେବାର ଆଶଙ୍କା ରହିଛି। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଟିକା ଦିଓଟି ଧୋଇ ଥୋଇଲି ଲୋ**
**ନିଗିଡ଼ି ପଡ଼ିଲା ଘିଅ**
**ଲୋକେ ପଚାରିଲେ କି ବୋଲି କହିବି**
**ମୁଁ ତ ଗାଁ ମକଦ୍ଦମ ଝିଅ ।**

ଶାଶୁଘରେ ନିଜ ବାପଘର ଲୋକଙ୍କ ଠାଣିମାଣି ନେଇ ତୁଚ୍ଛା ପ୍ରଶଂସା। ବାପ ଅଜା ଅମଳରେ ସେମାନେ କେତେ ଥିଲାବାଲା ବା ବଡ଼ଲୋକ ଥିଲେ ଦେଖେଇ ହୋଇ କଥା କହିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ କଥା ଗଲା ପଛକୁ**
**ଟୋକା ଚିଲାଣି ଗବ ଗଛକୁ ।**

ଆଜିକାଲିକା ପିଲାଙ୍କୁ ବଳ ନାହିଁ। ନିଜ ହାତରେ ନିଜେ ଚଉଦ ପା। ଭବିଷ୍ୟତରେ ସେମାନେ କ'ଣ କରିବେ ବାପା, ମା ଓ ମୁରବିମାନେ ଭାବି ପାରୁନାହାନ୍ତି। ତାଙ୍କ ଭବିଷ୍ୟତ ସେ ସ୍ଥିର କଲେଣି। ତାଙ୍କର କୌଣସି କାମରେ ଗୁରୁଜନମାନଙ୍କ ହସ୍ତକ୍ଷେପ ଚାହୁଁ ନାହାନ୍ତି। ସମାଜ ଉପରେ ଏହାର କି ପ୍ରଭାବ ପଡ଼ିବ ତାହା ସମୟ ହିଁ ସ୍ଥିର କରିବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩ କି.ମି. ଭିତରକୁ ଜୁଆର ମାଡ଼ି ଆସିଲା

**ରାଜନଗର,୨୬।୫(ଡି.ଏନ.ଏ.)**

ୟାସ୍ ବାତ୍ୟା ରାଜନଗରରେ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ଓ ଜୋର ପବନ ଯୋଗୁ ହଜାରରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ବିଭିନ୍ନ ସ୍ଥାନରେ ଶତାଧିକ ଗଛ ଭାଙ୍ଗି ପଡିଛି। ସମୁଦ୍ର ଜୁଆର ଲୁଣାବନ୍ଧ ଡେଇଁ ଗାଁରେ ଲହରି ଭାଙ୍ଗୁଛି। ବାତ୍ୟା ଉପକୂଳ ଅତିକ୍ରମ କରିଥିଲେ ମଧ୍ୟ ଲୋକେ ଏବେ ବି ଭୟଭୀତ ଅବସ୍ଥାରେ ଅଛନ୍ତି । ୟାସ୍ ପ୍ରଭାବରେ ଗତ ସୋମବାରଠାରୁ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ପବନ ଆରମ୍ଭ ହୋଇଥିଲା । ମଙ୍ଗଳବାର ସନ୍ଧ୍ୟାରୁ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୧ଶହରୁ ଊର୍ଦ୍ଧ୍ୱ କିମି ବେଗରେ ପବନ ବହିଥିଲା । ବର୍ଷା ସହିତ ନଦୀ ଓ ସମୁଦ୍ରରେ ଉଚ୍ଚ ଜୁଆର ଉଠିବା ଯୋଗୁ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଥିଲା । ସମୁଦ୍ରରେ ଉଚ୍ଚ ଜୁଆର ଉଠି ବନବିଭାଗର ହବାଲିଖଟି ଗେଷ୍ଟହାଉସ ଭିତରକୁ ଲୁଣା ପାଣି ପଶିଥିଲା। ସାତଭାୟା, ହବାଲିଖଟି, ଏକକୂଳାରୁ ୩ କିମି ଭିତରକୁ ଜୁଆର ମାଡ଼ି ଆସିଥିଲା । ପେଣ୍ଠ ନିକଟରେ ସମୁଦ୍ର ଅଶାନ୍ତ ହୋଇ ରାଜନଗରର ସୁରକ୍ଷା କବଚ କୁହାଯାଉଥିବା ଲୁଣାଘେରିବନ୍ଧରେ ମାଡ଼ ହୋଇଥିଲା। ଏଥିରେ ଲୁଣାବନ୍ଧ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇ ନ ଥିଲେ ମଧ୍ୟ ଜୁଆର ପାଣି ଛିଟିକା ମାରି ଭେଡ଼ାକୁ ପଶିଥିଲା । ବୈତରଣୀ ନଦୀର ପାଣି



■ ରାଜନଗର: ବହୁ ଅଞ୍ଚଳ ଜଳମଗ୍ନ
■ ହଜାରରୁ ଊର୍ଦ୍ଧ୍ୱ ଘର, ଗଛ ଭାଙ୍ଗିଲା

ରାଜନଗର-ତାଳଚୁଆ ମୁଖ୍ୟରାସ୍ତାର ଖୋଳାରୁ ନଳିତାପାଟିଆ ରାସ୍ତାକୁ ବୁଡାଇ ଜନବସତି ମଧ୍ୟକୁ ପାଣି ପଶିଛି। ନଳିତାପାଟିଆ- ତାଳଚୁଆ ରାସ୍ତାର ସୁବର୍ଣ୍ଣପୁର, କୃଷ୍ଣନଗର, କନକନଗର ନିକଟ ରାସ୍ତା ଉପରେ ପାଣି ଚାଲିଛି। ଏହି ରାସ୍ତାର ୩୦ ଭାଗ ଧୋଇ ହୋଇଯାଇଛି । ଈଶ୍ୱରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଓ ଅଜଗରପାଟିଆ ଗାଁରେ ଜୁଆର ପାଣି ପଶିଛି। ଏଥିଯୋଗୁ ଉଭୟ ଗାଁର ଶତାଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ଗୁଣଗଡି ଜୁନୁସନଗର ରାସ୍ତାର ବନ୍ଧ ଡେଇଁ ଜୁଆର ଜନବସତିକୁ ପଶିଛି। କେରଡାଗଡ-ଅଳତାଙ୍ଗ ଲୁଣାଘେରିବନ୍ଧର କୋଇଲିପୁର, ବଡକୋଟ ନିକଟରେ ହଂସୁଆ ନଦୀର ପାଣି ବନ୍ଧ ଉପରେ ମାଡ଼ ହୋଇ ଲହଡ଼ି ଭେଡାକୁ ପଶିଛି। ରଙ୍ଗଣୀ ପଞ୍ଚାୟତର ପଟ୍ଟାପାରିଆଗାଁରେ ଭିତରକନିକା ନଦୀର ଜୁଆର ତାଣ୍ଡବ ରଚିଛି। ପଟ୍ଟାପାରିଆଗାଁର ୧୬୦ ପରିବାର ଜୁଆର ଯୋଗୁ ଦୁଃଖରେ ଅଛନ୍ତି । ଘର ଭିତରେ ଓ ଗାଁ ଦାଣ୍ଡରେ ଜୁଆର ପାଣି ଲହଡ଼ି ଭାଙ୍ଗୁଛି। ନଦୀ ସବୁ ଫୁଲି ରହିଥିବାରୁ ଗୁମୁରାଗାଁର ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ବିଲ, ବାଡି ସବୁ ଜଳମୟ ହୋଇଛି । ପବନ ସାଙ୍ଗକୁ ୩ଦିନ ଧରି ଲଗାଣ ବର୍ଷାଯୋଗୁ ରାଜନଗର ବ୍ଲକର ୧୧ ପଞ୍ଚାୟତ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତାଳଚୁଆ, ବାଘମାରୀ, ରଙ୍ଗଣୀ, କେରୁଆଁପାଳ, କୃଷ୍ଣନଗର, ଡାଙ୍ଗମାଳ, ଖମାରସାହି, ଈଶ୍ୱରପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଛି। ଭିଜା କାନ୍ଥ ଭାଙ୍ଗିବା ଆରମ୍ଭ ହୋଇଛି । ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍, ୪ ଓଡ୍ରାଫ୍ ଟିମ୍, ୨ ଅଗ୍ନିଶମ ବାହିନୀ ରାସ୍ତା ଉପରେ ପଡ଼ିଥିବା ଗଛ ସଫା କରିବା କାମରେ ନିୟୋଜିତ ଅଛନ୍ତି । ତାଳଚୁଆ ବଜାରରେ ଅଧିକାଂଶ ଦୋକାନ ଘର ଉଡ଼ାଇ ନେଇଛି।

# ନିଜକୁ ଜୀବିତ ପ୍ରମାଣ ପାଇଁ ଅଫିସ୍ ଧାଉଁଛନ୍ତି

**ଭୋପାଳ, ୨୬।୫:** ନିଜକୁ ଜୀବିତ ବୋଲି ପ୍ରମାଣ କରିବା ସହ ସରକାରୀ ଯୋଜନାରେ ସାମିଲ କରାଯିବାକୁ ଅନୁରୋଧ କରି ସରକାରୀ ଅଫିସ୍‌କୁ ଧାଉଁଛନ୍ତି ମଧ୍ୟପ୍ରଦେଶ ଚନ୍ଦେରୀ ତହସିଲର ଶିବକୁମାର ଅହିରୱାର। ୨ ମାସ ହେଲା ସ୍ତ୍ରୀ ପିଲାଙ୍କୁ ଧରି ୨୪ ବର୍ଷୀୟ ଶିବକୁମାର ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟକୁ ଯାଇ ଆବେଦନ କରୁଥିଲେ ହେଁ ସରକାରୀ କାଗଜପତ୍ରରେ ତାଙ୍କୁ ଏ ଯାଏ ଜୀବିତ ଦର୍ଶାଯାଇ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ୨୦୧୮ରେ ଶ୍ରମିକ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ ଜନ କଲ୍ୟାଣ ସମ୍ବଳ ଯୋଜନାରେ ସାମିଲ କରାଯାଇଥିଲା। ହେଲେ ତାଙ୍କୁ ସରକାରୀ ଭାବେ ମୃତ ଘୋଷଣା କରାଯାଇଥିବା ସେ ଗତ ମାର୍ଚ୍ଚରେ ଜାଣିବାକୁ ପାଇଥିଲେ। ଏଥିଯୋଗୁ ତାଙ୍କୁ ସରକାରୀ ସହାୟତା ବନ୍ଦ କରିଦିଆଯାଇଛି। ସରପଞ୍ଚଙ୍କ ଦସ୍ତଖତ ଥିବା ଏକ ଚିଠି ଧରି ସେ ଗୋଟିଏ ପରେ ଗୋଟିଏ ଅଫିସ୍ ଯାଇ ଆବେଦନ କରିବା ସତ୍ତ୍ୱେ କେହି ଶୁଣି ନ ଥିବା ଶିବକୁମାର କହିଛନ୍ତି। ତେବେ ଡାଟା ଏଣ୍ଟ୍ରି କିରାଣୀଙ୍କ ତ୍ରୁଟି ଯୋଗୁ ଏପରି ହୋଇଥିବା ତହସିଲ ଏସ୍‌ଡିଏମ୍ କହିଛନ୍ତି। ଏଥିପାଇଁ ସମ୍ପୃକ୍ତ କିରାଣୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଖୁବ୍‌ଶୀଘ୍ର ଶିବକୁମାରଙ୍କୁ ପୁଣି ଉକ୍ତ ଯୋଜନାରେ ସାମିଲ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଦେଶଦ୍ରୋହ ମାମଲା ପାଇଁ ମୋଦିଙ୍କୁ ଆଇଏମ୍‌ଏର ଚିଠି

**ନୂଆଦିଲ୍ଲୀ, ୨୬।୫**

କୋଭିଡ୍ ଟିକାକରଣ ବିରୋଧରେ ବାବା ରାମଦେବ ଚଳାଇଥିବା ଅପପ୍ରଚାର ରୋକିବା ଲାଗି ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅନୁରୋଧ କରିଛି। ଏଥିସହିତ ଦେଶଦ୍ରୋହ ଆଇନ ଅନୁଯାୟୀ ଯୋଗଗୁରୁଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ମୋଦିଙ୍କୁ ଆଇଏମ୍‌ଏ ନିବେଦନ କରିଛି। କୋଭିଡ୍ ଟିକାର ଉଭୟ ଡୋଜ୍ ନେବା ସତ୍ତ୍ୱେ ୧୦,୦୦୦ ଡାକ୍ତରଙ୍କ ମୃତ୍ୟୁ ହେଲାଣି। ଏଲୋପାଥି ଔଷଧ ଯୋଗୁ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି ବୋଲି ରାମଦେବ ଏକ ଭିଡିଓ ବାର୍ତ୍ତାରେ ଅଭିଯୋଗ କରିଥିଲେ। ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କରୋନା ମହାମାରୀରୁ ସୁରକ୍ଷା ଲାଗି ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକାଦାନ ଲାଗି ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଆଇଏମ୍‌ଏ ସକ୍ରିୟତାର ସହ ଆଗେଇ ନେଉଛି। ଟିକାକରଣ ଆରମ୍ଭ ହେବା ପରେ ପ୍ରଥମେ ଆଇଏମ୍‌ଏ ଅଧିକାରୀମାନେ ଟିକା ନେଇ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିଥିଲେ। ଆଧୁନିକ ମେଡିସିନ ପେସାଦାରମାନେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଆଇସିଏମ୍‌ଆର୍ କିମ୍ବା ଚିକିତ୍ସା ପାଇଁ ଜାତୀୟ ଟାସ୍କଫୋର୍ସର ଗାଇଡ୍‌ଲାଇନ ଓ ପ୍ରୋଟୋକଲକୁ ପାଳନ କରିଥାନ୍ତି। ଏଲୋପାଥି ଔଷଧ ଲୋକଙ୍କୁ ମାରିଦେଉଛି ବୋଲି ଯଦି ଜଣେ ଦାବି କରେ ଏହା ମନ୍ତ୍ରଣାଳୟକୁ ଚ୍ୟାଲେଞ୍ଜ ପାଇଁ ଉଦ୍ୟମ। କରୋନା ମହାମାରୀ ସମୟରେ ଡାକ୍ତରମାନେ ଆଗଧାଡ଼ିର ଯୋଦ୍ଧା ଭାବେ କାର୍ଯ୍ୟକରି ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଉଛନ୍ତି।

**ଟିକାକରଣ ବିରୋଧରେ ରାମଦେବଙ୍କ ଅପପ୍ରଚାର**

ଇତିମଧ୍ୟରେ ପ୍ରଥମ ଲହରରେ ୭୫୩ ଏବଂ ଦ୍ୱିତୀୟ ଲହରରେ ୫୧୩ ଜଣ ଡାକ୍ତରଙ୍କ ଜୀବନ ଗଲାଣି। ପ୍ରଥମ ଲହର ବେଳେ ପ୍ରାଣ ହରାଇଥିବା କୌଣସି ଡାକ୍ତର ଟିକା ନେଇ ନ ଥିଲେ। ଦ୍ୱିତୀୟ ଲହରରେ ପ୍ରାଣ ହରାଇଥିବା ଅଧିକାଂଶ ଡାକ୍ତର ବିଭିନ୍ନ କାରଣରୁ ଟିକା ନେଇ ନ ଥିଲେ ବୋଲି ଆଇଏମ୍‌ଏ କହିଛି। ଦୁଇ ଡୋଜ୍ ଟିକା ନେବା ପରେ ୧୦ ହଜାର ଡାକ୍ତର ମରିଛନ୍ତି ବୋଲି ଅଭିଯୋଗ କରିବା ଟିକାକରଣ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ଲାଗି ଏକ ସୁଚିନ୍ତିତ ଉଦ୍ୟମ। ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### କମ୍ ବହିଲା, ଜୋର ...

ଉପରୁ ବଡ଼ ବିପଦ ଟଳିଯାଇଛି। ବାତ୍ୟା ପ୍ରଭାବରେ ବାଲେଶ୍ୱର ଜିଲାରେ ପ୍ରବଳ ପବନ ସହ ବର୍ଷା ହୋଇଛି। ନୀଳଗିରି ଅଞ୍ଚଳରେ ଅଧିକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ବାଲେଶ୍ୱର ସଦର ସମେତ ଭୋଗରାଇ,ବାଲିଆପାଳ, ବାହାନଗା ବ୍ଲକର ସମୁଦ୍ରକୂଳିଆ ଗାଁଗୁଡ଼ିକରେ ଅନୁରୂପ ପରିସ୍ଥିତି ସହ ଲୁଣି ପାଣି ପଶିଥିବା ଦେଖିବାକୁ ମିଳିଛି। ବସ୍ତା ବ୍ଲକର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହେବା ସହ କେତେକ ସ୍ଥାନରେ ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି ।

ଭଦ୍ରକ ଜିଲାରେ ଦିନତମାମ ପ୍ରବଳ ବର୍ଷା ହେବା ସହ ଚାନ୍ଦବାଲି ଓ ଧାମରାରେ ପବନର ବେଗ ୧୨୦ରୁ ୧୩୦ କି.ମି. ରହିଥିଲା। ଶତାଧିକ ବର୍ଷର ବହୁ ଗଛ ଭୂଇଁରେ ଲୋଟି ପଡ଼ିଛି। ବୁଧବାର ପୂର୍ଣ୍ଣିମା ହୋଇଥିବାରୁ ବଙ୍ଗୋପସାଗର ଜୁଆରିଆ ହୋଇ ଫୁଲି ଉଠିଥିଲା। ବହୁ ସମୁଦ୍ରକୂଳିଆ ଗାଁ ଜୁଆର ପାଣିରେ ଜଳମଗ୍ନ ହୋଇରହିଛି। ଅନେକ ରାସ୍ତା ମଧ୍ୟ ଜଳମଗ୍ନ ହୋଇ ପଡ଼ିଛି। ମୁଖ୍ୟତଃ ବାସୁଦେବପୁର, ଚାନ୍ଦବାଲି ଓ ଧାମରା ଅଞ୍ଚଳ ବାତ୍ୟାରେ ପ୍ରଭାବିତ ହୋଇଛି। ଧାମରା ଅଞ୍ଚଳରେ ଦୁଇଦିନ ଧରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ଯୋଗାଯୋଗରେ ସମସ୍ୟା ସୃଷ୍ଟି ହୋଇଛି। ସମୁଦ୍ରକୂଳିଆ, ବୈତରଣୀ, ସାଳନ୍ଦୀ, ମନ୍ତେଇ ନଦୀକୂଳିଆ ଗ୍ରାମବାସୀ ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

ମୟୂରଭଞ୍ଜ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। କେତେକ ସ୍ଥାନରେ କଚ୍ଚା ଘର ଓ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଜିଲାର ବିଭିନ୍ନ ବ୍ଲକ ସମେତ ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଥିଯୋଗୁ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀରେ ଜଳ ପତ୍ତନ ବୃଦ୍ଧି ପାଇ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, ପୁରୀ, ଯାଜପୁରରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ସର୍ବାଧିକ ୨୮୮.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ରାଜକନିକା ୨୫୧, ଗରଦପୁର ୨୪୫, ମାର୍ଶାଘାଇ ୨୨୯, କୁଜଙ୍ଗ ୨୨୬, ମୟୂରଭଞ୍ଜର ନୱାନା ୨୧୦.୪, ତିର୍ତ୍ତୋଲ ୨୦୭, ବିଞ୍ଝାରପୁର ୨୦୬, ପାରାଦୀପ ୨୦୦.୩, ପଟ୍ଟାମୁଣ୍ଡାଇ ୧୯୫, ବାଲିକୁଦା ୧୯୩, ଡେରାବିଶ ୧୮୫, ଅସ୍ତରଙ୍ଗ ୧୮୦, ଭଦ୍ରକ ୧୬୭, କେନ୍ଦ୍ରାପଡ଼ା ୧୬, ସୋର ୧୬୦, ଜଗତ୍‌ସିଂହପୁର ୧୫୦, ତିହିଡି ୧୪୨, ବରି ୧୪୦.୮, ଆଳିପିଙ୍ଗଳ ୧୩୯, ଯାଜପୁର ୧୩୫, ନୀଳଗିରି ୧୨୮, ଆଖୁଆପଦା ୧୨୭, ବାସୁଦେବପୁର ୧୨୫ ଏବଂ ଚଣ୍ଡିଖୋଲରେ ୧୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ବିଶେଷ ବଡ଼ କ୍ଷତି ...

ବର୍ଷା ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୬୬ଟି ସ୍ଥାନରେ ୧୧୦ ମିଲିମିଟରରୁ ୩୦୪ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ କରାଯାଇଛି। ବାତ୍ୟା ସମ୍ପର୍କରେ ସୂଚନା ଦେଇ ଏସ୍‌ଆର୍‌ସି ପ୍ରଦୀପ କୁମାର ଜେନା କହିଛନ୍ତି, ପ୍ରାଥମିକ ରିପୋର୍ଟ ଅନୁସାରେ ବାତ୍ୟା ଯୋଗୁ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲାରେ ଅଧିକ କ୍ଷୟକ୍ଷତି ହୋଇ ନାହିଁ। ବିଦ୍ୟୁତ୍ କିମ୍ବା ଟେଲିଫୋନ ଭିତ୍ତିଭୂମି କ୍ଷତି ହୋଇନାହିଁ। ବହୁ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ବିଦ୍ୟୁତ୍ ଲାଇନ ଯାଞ୍ଚ କରିବା ପରେ ତୁରନ୍ତ ପୁନଃ ସଂଯୋଗ ଦିଆଯିବ। ଭଦ୍ରକରେ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟ ଜାରି ରହିଛି। ବାତ୍ୟା ଯୋଗୁ ବାଲେଶ୍ୱରର ନୀଳଗିରି ଅଞ୍ଚଳରେ ଅଧିକ ଗଛ ଉପୁଡ଼ି ପଡ଼ିଛି। ଶିମିଳିପାଳ ଅଞ୍ଚଳରେ ଅଧିକ ବର୍ଷା ହୋଇଥିବାରୁ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ହେବା ଆଶଙ୍କା ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି। ବୁଢ଼ାବଳଙ୍ଗ ନଦୀର ବାରିପଦାଠାରେ ବିପଦ ସଙ୍କେତ ସ୍ତର ୨୮ ମିଟର ଥିବାବେଳେ ଜଳ ସ୍ତର ୨୧ମିଟର ରହିଛି। ଆଗୁଆ ପଦକ୍ଷେପ ସ୍ୱରୂପ ସମ୍ପୃକ୍ତ ବୁଢ଼ାବଳଙ୍ଗ ନଦୀର ଉଭୟ ପାର୍ଶ୍ୱରୁ ଏକାଧିକ ଗ୍ରାମର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ନୀଳଗିରିରେ ୧୦୦ କି.ମି. ବେଗରେ ପବନ ହୋଇଛି। ବାତ୍ୟା ଯୋଗୁ ବିଶେଷ ବଡ଼ କ୍ଷତି ହୋଇନାହିଁ। ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ଗଛ ପଡ଼ି ଜଣେ ଲେଖାଏ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଜିଲାପାଳମାନେ ଏହାର ତଦନ୍ତ କରୁଛନ୍ତି। ବାତ୍ୟା ଯୋଗୁ ୪ ମିଟର ଜୁଆର ଆସିଛି। ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ବହୁ ଗ୍ରାମରେ ଜୁଆର ପାଣି ପଶିଛି। ବାହାନଗା, ରେମୁଣା, ଧାମରା, ରାଜନଗର ଅଞ୍ଚଳରେ ପାଣି ପଶିଛି। ଏହାର କ୍ଷୟକ୍ଷତି ଜଣାପଡ଼ି ନାହିଁ। ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ପାଣିଘେର ଭିତରେ ଯେଉଁମାନେ ଥିବେ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯିବ। ବାଲେଶ୍ୱର ଓ ଭଦ୍ରକ ଜିଲାରେ ଅଧିକ କ୍ଷତି ହୋଇଛି। ବର୍ଷା ଯୋଗୁ କେତେକ ସ୍ଥାନରେ ଫ୍ଲାସ୍ ଫ୍ଲଡ୍ ହୋଇଛି। ଜଳ ସମ୍ପଦ ବିଭାଗର ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏନ୍‌ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ରାସ୍ତା ଉପରେ ଭାଙ୍ଗି ପଡ଼ିଥିବା ଗଛକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯାଇ ଯାନବାହନ ଚଳାଚଳକୁ ସ୍ୱାଭାବିକ କରାଯାଉଛି। ଆକଳନଠାରୁ କମ୍ ପବନ ହୋଇଥିବାରୁ ବଡ଼ କ୍ଷତି ହୋଇ ନ ଥିବା ଆଶା କରାଯାଉଛି। ଆବଶ୍ୟକତା ଥିବା ଯାଏ ଏନ୍‌ଡିଆରଏଫ୍ ଟିମ୍ ଓଡ଼ିଶାରେ ରହିବ ବୋଲି ଏନ୍‌ଡିଆରଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ କହିଛନ୍ତି।

### ୩ ଜୀବନ ...

ତାଙ୍କ ମୁଣ୍ଡରେ ଭାଙ୍ଗିପଡିଥିଲା। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାତ୍ୟା ସମୟରେ ଘରୁ ନ ବାହାରିବା ଲାଗି ବାରମ୍ବାର ଲୋକଙ୍କୁ ନିବେଦନ କରାଯାଇଥିଲେ ମଧ୍ୟ ଏହାକୁ ଅମାନ୍ୟ କରାଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ପାଳସମୁଣ୍ଡଳୀ ପଞ୍ଚାୟତ କୁସୁମକୋଟି ଗ୍ରାମର ବୁଧୁନୀ ସିଂ ପ୍ରବଳ ବର୍ଷା ବେଳେ ଘରେ ଶୋଇଥିବା ବେଳେ ତାଙ୍କ ଉପରେ କାନ୍ଥ ଭୁଶୁଡି ପଡ଼ିଥିଲା। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାମଦେବଙ୍କୁ...

ଆଇପିସିର ଧାରା ୪୯୯ ଅନୁଯାୟୀ ରାମଦେବଙ୍କ ମନ୍ତବ୍ୟ ଏକ ଆପରାଧିକ କାର୍ଯ୍ୟ ବୋଲି ନୋଟିସରେ ଉଲ୍ଲେଖ କରାଯିବା ସହ ଏଥିପାଇଁ ଯୋଗଗୁରୁ ଲିଖିତ କ୍ଷମା ପ୍ରାର୍ଥନା କରିବାକୁ ଦାବି କରାଯାଇଛି।

### ଅଧିକାର ପାଇଁ ...

ଦାହ କରିଥିଲେ। ହରିୟାଣାର ଭିୱାନି ଗ୍ରାମରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାରଙ୍କ କୁଶପୁତ୍ତଳିକା ପୋଡ଼ିଥିଲେ। କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତବର୍ଷ ନଭେମ୍ବର ୨୬ରୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଜାରି ରହିଛି। ବାରମ୍ବାର ଆଲୋଚନା ସତ୍ତ୍ୱେ କେନ୍ଦ୍ର ସରକାର କୃଷକ ସଂଗଠନଗୁଡ଼ିକର ଦାବିକୁ ଗ୍ରହଣ କରୁନାହାନ୍ତି। ସିଂଘୁ ସୀମାରେ ଚାଷୀମାନେ କଜରିଆ ଟାଇଲ୍ସ ଅଫିସଠାରେ ଏକାଠି ହୋଇ ବୈଠକ କରିବା ପରେ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲେ। ସେମାନେ କୃଷି ଆଇନ ବିରୋଧରେ ସ୍ଲୋଗାନ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

### ଜେଇଇ ଆଡଭାନ୍ସଡ୍ ...

ଏଥିରେ ପରୀକ୍ଷା ପରିଚାଳନା ଲାଗି କୋଭିଡ୍-୧୯ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। କରୋନା ଦ୍ୱିତୀୟ ଲହରକୁ ନେଇ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏପ୍ରିଲ୍ ଓ ମେ'ରେ ହେବାକୁ ଥିବା ଜେଇଇ ମେନ୍‌କୁ ସ୍ଥଗିତ ରଖିଥିଲେ। ଏହି ପରୀକ୍ଷାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ତାରିଖ ବଦଳାଇବା ଆବଶ୍ୟକ ବୋଲି କମିଟି ଅନୁଭବ କରିଥିଲା।

### ଅବହେଳାରୁ ଖାଇବା ...

ବିଦେଶରୁ ଆମଦାନୀ କରି ପୂରଣ କରାଯାଇଥାଏ। ବିଦେଶ ବଜାରରେ ତେଲ ଦର ଉଚ୍ଚ ରହିଲେ ଏହାର ପ୍ରଭାବ ଘରୋଇ ବଜାର ଉପରେ ସଙ୍ଗେ ସଙ୍ଗେ ପଡୁଛି। ଏଭଳି ସ୍ଥିତିରେ ଭାରତକୁ ତେଲ ରପ୍ତାନି କରୁଥିବା ଦେଶଗୁଡ଼ିକ ଉଚ୍ଚ ଟିକସ ଲାଗୁ କରୁଥିବା ଦେଖାଯାଉଛି। କେନ୍ଦ୍ର ସରକାର ମଧ୍ୟ ଏଥିରେ ଲାଗୁ କରୁଥିବା ଉଚ୍ଚ ହାରର ଆମଦାନୀ ଟିକସ ଯୋଗୁ ଦର ଉଚ୍ଚରେ ରହୁଛି। ପୂର୍ବରୁ ଆକାଶଛୁଆଁ ଇନ୍ଧନ ତେଲ ଦରକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ସାଧାରଣ ଖାଉଟିଙ୍କ ପକେଟକୁ ଏହା ଅଧିକ ଗରମ କରିଛି। ଭୁବନେଶ୍ୱରରେ ଗତ ମାସରେ ସୋରିଷ ତେଲ ଲିଟର ପିଛା ୧୫୫ରୁ ୧୬୫ ଟଙ୍କା ରହିଥିବାବେଳେ ଏବେ ଏହା ୧୭୫ରୁ ୧୯୩ ଟଙ୍କା ରହିଛି। ସେହିପରି ସନ୍‌ଫ୍ଲାୱାର ତେଲ ଲିଟର ପିଛା ୧୪୦ରୁ ୧୬୫ ମଧ୍ୟରେ ପୂର୍ବରୁ ବିକ୍ରି ହେଉଥିବାବେଳେ ଏବେ ୧୫୦ରୁ ୧୭୫ରେ ବିକ୍ରି ହେଉଛି। ବାଦାମ ତେଲ ଦର ମଧ୍ୟ ବୃଦ୍ଧି ଘଟିଛି। ଗତ ମାସରେ ବାଦାମ ତେଲ ଲିଟର ପିଛା ୧୭୦ରେ ବିକ୍ରି ହେଉଥିବାବେଳେ ଏବେ ୧୮୦, ପାମୋଲିନ୍ ତେଲ ୧୧୫ରୁ ଏବେ ୧୩୫ ଏବଂ ବନସ୍ପତି ୧୨୫ରୁ ୧୪୦କୁ ବୃଦ୍ଧି ଘଟିଛି। ଭୁବନେଶ୍ୱର ୧ନମ୍ବର ହାଟରେ ଦୋକାନ କରିଥିବା ବ୍ୟବସାୟୀ ଏ. ଦିନେଶ କୁମାର ପାତ୍ରଙ୍କ କହିବା ହେଲା, ସୋରିଷର ମୂଲ୍ୟ ପୂର୍ବାପେକ୍ଷା ସେତେ ବଢ଼ି ନ ଥିଲେ ମଧ୍ୟ କମ୍ପାନୀଗୁଡ଼ିକ ଲାଭଖୋର ମନୋବୃତ୍ତି ନେଇ ସୋରିଷ ତେଲ ମୂଲ୍ୟ ଆଶାତୀତ ବୃଦ୍ଧି କରି ଗ୍ରାହକଙ୍କୁ ଲୁଟୁଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ମାସିକ ପ୍ରାୟ ୫୦ ହଜାର ଟନ୍ ଖାଇବା ତେଲ ବ୍ୟବହାର ହୋଇଥାଏ। ଏହା ବାର୍ଷିକ ଭିତ୍ତିରେ ୬ ଲକ୍ଷ ଟନ୍ ହେବ। ରାଜ୍ୟ ସ୍ତରରେ ମଧ୍ୟ ତେଲ ଉତ୍ପାଦନକୁ ଗୁରୁତ୍ୱ ମିଳିବା ଜରୁରୀ। ଏକଦା ଓଡ଼ିଶା ତୈଳବୀଜ ଶସ୍ୟ ଉତ୍ପାଦନରେ ଆଗରେ ରହୁଥିଲା। ଏବେ ସେହି ସ୍ଥିତି ନାହିଁ। ଏହି ଚାଷକୁ ସରକାର ପ୍ରୋତ୍ସାହିତ କଲେ ଏହାର ଲାଭ କୃଷକମାନେ ମଧ୍ୟ ପାଇପାରନ୍ତେ ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଗତ ୨ ବର୍ଷ ହେବ କୋଭିଡ୍ ଯୋଗୁ ବଜାର ପ୍ରଭାବିତ ହୋଇ ରହିଥିବାରୁ ଖାଇବା ତେଲ ବିକ୍ରି ପ୍ରାୟ ୪୦% କମିଛି।

କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ମୁତାବକ, ମଙ୍ଗଳବାର ପ୍ୟାକେଜ୍ଡ ସୋରିଷ ତେଲର ମାସିକ ହାରାହାରି ଖୁଚୁରା ଦର ଲିଟର ପ୍ରତି ୧୬୪.୪୪ ଟଙ୍କା ଛୁଇଁଛି। ଗତ ବର୍ଷ ମେ' ମାସରେ ଏହା ୧୧୮.୨୫ ଟଙ୍କା ସ୍ତରରେ ଥିବାବେଳେ ଚଳିତ ବର୍ଷ ଅଦ୍ୟାବଧି ଏହାର ଦର ୩୯% ଊର୍ଦ୍ଧ୍ୱରେ ରହିଛି। ଗତ ଏପ୍ରିଲରେ ସୋରିଷ ତେଲ ଲିଟର ପିଛା ୧୫୫.୩୯ ଟଙ୍କାରେ ବିକ୍ରି ହେଉଥିଲା। ୨୦୧୦ ମେ'ରେ ଏହି ତେଲ ଲିଟର ପିଛା ଦର ୬୩.୦୫ ଟଙ୍କା ଥିଲା। ଏହାବାଦ୍ ପାମ୍ ତେଲ ଦର ମଧ୍ୟ ଅହେତୁକ ଭାବେ ବଢ଼ିଛି। ଚଳିତ ମାସରେ ଏହି ତେଲର ଲିଟର ପିଛା ଦର ୧୩୧.୬୯ ଟଙ୍କା ଛୁଇଁଛି। ଗତ ବର୍ଷ ମେ' ମାସରେ ଏହା ୮୮.୨୭ ଟଙ୍କାରେ ବିକ୍ରି ହେଉଥିବାବେଳେ ବର୍ତ୍ତମାନ ୪୯% ବୃଦ୍ଧି ଘଟିଛି। ଗତ ମାସରେ ମଧ୍ୟ ପାମ୍ ତେଲର ହାରାହାରି ଖୁଚୁରା ଦର ରେକର୍ଡ ସ୍ତରରେ ଥିଲା। ଚଳିତ ମାସରେ ବାଦାମ, ବନସ୍ପତି, ସୋୟା ଏବଂ ସନ୍‌ଫ୍ଲାୱାର ତେଲ ଲିଟର ପିଛା ଦର ଗତ ବର୍ଷ ସମାନ ସମୟ ତୁଳନାରେ ୧୯ରୁ ୫୨% ବୃଦ୍ଧି ପାଇଛି। ଏହି ତେଲଗୁଡ଼ିକର ଖୁଚୁରା ବଜାର ଦର ଯଥାକ୍ରମେ ୧୭୫.୫୫ ଟଙ୍କା, ୧୨୮.୭ ଟଙ୍କା, ୧୪୮.୨୭ ଟଙ୍କା ଏବଂ ୧୬୯.୫୪ ଟଙ୍କା ରହିଛି।

ଅନ୍ୟପକ୍ଷରେ ଖାଇବା ତେଲ ଉପରେ ଲାଗୁ ହେଉଥିବା ସେସ୍, ଜିଏସ୍‌ଟି ଏବଂ ଆମଦାନୀ ଟିକସ ହ୍ରାସ କରି ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଉପରେ ସରକାର ଧ୍ୟାନ ଦିଅନ୍ତୁ। ବର୍ତ୍ତମାନ ଜରୁରୀ ସାମଗ୍ରୀ ଆଇନରେ ଯେଉଁ କୋହଳ ନୀତି ଗ୍ରହଣ କରାଯାଇଛି ତା'ର ଲାଭ ବହୁରାଷ୍ଟ୍ରୀୟ କମ୍ପାନୀ ନୁହେଁ, ବରଂ ସାଧାରଣ ଲୋକ କିଭଳି ପାଇବେ ସେ ନେଇ ସରକାର ବିଚାର କରିବା ଆବଶ୍ୟକ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଓଡ଼ିଶା ରାଜ୍ୟ ବ୍ୟବସାୟୀ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଏହି ଦରବୃଦ୍ଧି ଖାଉଟିଙ୍କ ଉପରେ ଚାପ ପକାଇଛି। ଦେଶର ଖାଇବା ତେଲ ଚାହିଦା ପୂରଣ କରିବା ଭଳି ଉତ୍ପାଦନ କ୍ଷମତା ନ ଥିବାରୁ ସବୁବେଳେ ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରିବାକୁ ପଡୁଛି। ବିଦେଶୀ ବଜାରରେ ତେଲ ଦର ଉଚ୍ଚରେ ରହିଲେ ଏହାର ପ୍ରଭାବ ଘରୋଇ ବଜାର ଉପରେ ପଡୁଛି। ରାଜ୍ୟରେ ଗତ ୬ ମାସ ତଳେ ଖାଇବା ତେଲ ଯେଉଁ ଦରରେ ବିକ୍ରି ହେଉଥିଲା ତାହା ଏବେ ଦୁଇଗୁଣ ହୋଇଛି। କୋଭିଡ୍ ଯୋଗୁ ଆର୍ଥିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଲୋକଙ୍କର ଜୀବିକା ନାହିଁ। ଏଭଳି ସ୍ଥିତିରେ ଖାଉଟିଙ୍କ କ୍ରୟ କ୍ଷମତା ନ ଥିବା ବେଳେ ଏହି ଦରବୃଦ୍ଧି ରୋଷେଇ ଘରେ ସଙ୍କଟ ସୃଷ୍ଟି କରିଛି। ସରକାର ଧ୍ୟାନ ଦେଲେ ଖାଇବା ତେଲଦର ହ୍ରାସ ପାଇବା କଷ୍ଟକର ହେବନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସମାଜ କଲ୍ୟାଣ, ଆନୁଷ୍ଠାନିକ କ୍ଷେତ୍ର, ସଭାସମିତିରେ ସାମିଲ ହୋଇ ସମ୍ମାନିତ ହେବେ। ସ୍ୱେଚ୍ଛାକୃତ ଭାବେ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବ। ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ।

**ବୃଷ**
ଆଜି ପରିବାରରେ ହସଖୁସିର ବାତାବରଣ ସୃଷ୍ଟି ହେବ। ମତାନ୍ତରଜନିତ କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ସନ୍ଧ୍ୟାରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭରୁ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ପରିବହନ, ପ୍ରଶାସନ, ପ୍ରକାଶନ, ଯୋଗାଯୋଗ କାମ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ**
ବହୁତ ଦିନର କାମଟିକୁ ଆଜି ସମ୍ପନ୍ନ କରି ଖୁସି ହେବେ। ସାଧାରଣ ଯୁକ୍ତି ତର୍କରୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାମ୍ବାଦିକତା, କଳା, ସାହିତ୍ୟ, ସଙ୍ଗୀତ ଆସରରେ ହଜିଯାଇ ପାରନ୍ତି। ରାଜନୈତିକ ତତ୍ପରତା ପରିବେଶକୁ ସରଗରମ କରିବାର ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ**
ଆଜି ପରିବାରରେ ଶୁଭକାର୍ଯ୍ୟ ସମ୍ପନ୍ନ କରିବେ। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଭାଇଙ୍କ ପାରିବାରିକ ସମସ୍ୟା କିମ୍ବା ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ**
ଆକସ୍ମିକ ଭାବରେ ଅଭାବନୀୟ ପରିସ୍ଥିତି ସାଙ୍ଗକୁ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ଭାଇ ଭଉଣୀ କିମ୍ବା ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା**
ବିଭିନ୍ନ ସମସ୍ୟା ବିଜଡ଼ିତ ରହୁଥିବାରୁ ଆଜି ଅସ୍ଥିରତା ମଧ୍ୟରେ ଦିନଚର୍ଯ୍ୟା କରିବାକୁ ବାଧ୍ୟ ହେବେ। ବ୍ୟୟବୃଦ୍ଧି, ସନ୍ତାନଙ୍କ ସମସ୍ୟା, ଶତ୍ରୁତା, ବିରୋଧର ସାମ୍ନା କରି ଚିନ୍ତିତ ରହିବେ। ହସ୍ତା ନକ୍ଷତ୍ରର ସବୁ କାମଗୁଡ଼ିକ ସହଜ ଓ ସୁବିଧାରେ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା**
ଦୀର୍ଘଦିନରୁ ଯାହା ପାଉନଥିଲେ ଆଜି ତାହା ଆକସ୍ମିକ ଭାବେ ପାଇ ମନ ଖୁସି ହୋଇଯିବ। ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଏଣୁ ସତର୍କତାର ସହ କିଛି ମତମନ୍ତବ୍ୟ ଦେବା ଭଲ। ଚିତ୍ରା ନକ୍ଷତ୍ରର ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଧୋକା ଖାଇ ପରିସ୍ଥିତି ଆପଣଙ୍କୁ ସହନଶୀଳ ଓ ନୀରବଦ୍ରଷ୍ଟା ଭାବରେ ରୂପାୟିତ କରିଦେବ। ଅନୁରାଧା ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ। ପରିବହନ, ଶିଳ୍ପ, ବାଣିଜ୍ୟରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆକସ୍ମିକ କୌଣସି ସମସ୍ୟା ମନକୁ ଗୋଳମାଳିଆ କରିଦେଇପାରେ।

**ଧନୁ**
ଆତ୍ମୀୟଙ୍କ ତରଫରୁ ବିରୋଧ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ନୂତନ ସ୍ଥାନ ପରିଦର୍ଶନ, ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନରେ ନିଜକୁ ମଜାଇ ରଖିବେ। ଏକ ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ ଅତିବାହିତ ହୋଇପାରେ। ଆନୁଷ୍ଠାନିକ କାମ କିମ୍ବା ସଭାସମିତିରେ ସମ୍ମାନ ଲାଭ କରିବେ।

**ମକର**
ପାପଗ୍ରହଯୁକ୍ତ ସପ୍ତମାଧିପତି ହେତୁ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧାଭାଷର ଆଭାସ ମାନସିକ ଅଶାନ୍ତି ଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁମାନେ ଶତ୍ରୁତା ଆଚରିଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ।

**କୁମ୍ଭ**
କର୍ମକ୍ଷେତ୍ରରେ ଶତଭିଷା ନକ୍ଷତ୍ର ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପର୍ଯ୍ୟଟନ, ଲୋକ ସମ୍ପର୍କ, ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହୋଇପାରନ୍ତି।

**ମୀନ**
ନିଜର କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା ଗୁରୁବାର, ମେ ୨୭ ତାରିଖ, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ତିରୋଧାନ ଦିବସ, ଠାକୁର ଅନୁକୂଳଚନ୍ଦ୍ରଙ୍କ ୪୭ତମ ସ୍ନାନୋତ୍ସବ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପ୍ରତିପଦା ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅପରାହ୍ନ, ଘ.୦୩।୩୯ ଗତେ ଘ.୦୬।୧୬ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୧ ଗତେ ଘ.୦୬।୦୩ ମଧ୍ୟେ, ଘ.୦୯।୩୩ ଗତେ ଘ.୧୧।୧୭ ମଧ୍ୟେ ମାହେନ୍ଦ୍ରବେଳା॥ ଅପରାହ୍ନ ଘ.୦୧।୨୧ ଗତେ ଘ.୦୩।୦୦ ମଧ୍ୟେ ରାହୁକାଳ ॥



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ବିଶ୍ୱସ୍ତ ସହଯୋଗୀ ତଥା ଲସ୍ ଏଞ୍ଜେଲସ୍‌ର ଡେମୋକ୍ରାଟିକ୍ ମେୟର ଏରିକ୍ ଗାର୍‌ସେଟିଙ୍କୁ ଭାରତରେ ପରବର୍ତ୍ତୀ ରାଷ୍ଟ୍ରଦୂତ ନିଯୁକ୍ତ କରିପାରନ୍ତି। ଏରିକ୍ ବାଇଡେନ୍‌ଙ୍କ ରାଷ୍ଟ୍ରପତି ନିର୍ବାଚନ ଅଭିଯାନର ସହ-ଅଧ୍ୟକ୍ଷ ଥିଲେ। ଏହି ପଦବୀ ପାଇଁ ଏରିକ୍‌ଙ୍କ ନାମ ଘୋଷଣା କରାଗଲେ କେନ୍ ଜଷ୍ଟରଙ୍କ ପରେ ସେ ଭାରତରେ ରାଷ୍ଟ୍ରଦୂତ ନିଯୁକ୍ତ ହେବେ।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂଆ ସିବିଆଇ ମୁଖ୍ୟ

**ନୂଆଦିଲ୍ଲୀ, ୨୬।୫(ଆଇଏଏନ୍‌ଏସ୍):** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ନୂଆ ନିର୍ଦ୍ଦେଶକ ଭାବେ ଆଇପିଏସ୍ ଅଫିସର ସୁବୋଧ କୁମାର ଜୟସ୍ୱାଲ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଜୟସ୍ୱାଲଙ୍କୁ ପରବର୍ତ୍ତୀ ସିବିଆଇ ମୁଖ୍ୟ ବାଛିବା ପରେ ମଙ୍ଗଳବାର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ତାଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୯୮୫ ବ୍ୟାଚ୍‌ର ଏହି ମହାରାଷ୍ଟ୍ର କ୍ୟାଡର ଆଇପିଏସ୍ ଅଫିସର ସିବିଆଇ ମୁଖ୍ୟ ପଦରେ ଦୁଇବର୍ଷ କାର୍ଯ୍ୟ କରିବେ। ପୂର୍ବରୁ ସେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ମହାନିର୍ଦ୍ଦେଶକ, ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକ ଥିଲେ ଏବଂ ବାହ୍ୟ ଗୋଇନ୍ଦା ସଂସ୍ଥା 'ର'ରେ କାର୍ଯ୍ୟ କରିଥିଲେ।

### ଆମ୍ବୁଲାନ୍ସରେ ମହିଳାଙ୍କୁ ଗଣବଳାତ୍କାର

**ଜୟପୁର, ୨୬।୫:** ଜଣେ ୨୨ ବର୍ଷୀୟା ମହିଳାଙ୍କୁ ଖାଦ୍ୟ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କୁ ଆମ୍ବୁଲାନ୍ସରେ ନେଇଯାଇ ଡ୍ରାଇଭର ଓ ତାଙ୍କ ସହଯୋଗୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରାଜସ୍ଥାନ ରାଜଧାନୀ ଜୟପୁରରେ ସୋମବାର ଏହି ଘଟଣା ଘଟିଛି। ମୋତି ଡୁଙ୍ଗ୍‌ରି ଷ୍ଟେଶନ ହାଉସ୍ ଅଫିସର ସୁରେନ୍ଦ୍ର ପାଞ୍ଚୋଲିଙ୍କ କହିବା ଅନୁଯାୟୀ ଉକ୍ତ ବିବାହିତା ମହିଳାଙ୍କୁ ଡ୍ରାଇଭର ଓ ତାଙ୍କ ସହଯୋଗୀ ଖାଦ୍ୟ ଦେବାର ପ୍ରତିଶ୍ରୁତି ଦେଇ ଆମ୍ବୁଲାନ୍ସରେ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ବଳାତ୍କାର କରିଥିଲେ। ମହିଳାଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତମାନଙ୍କ ନାମରେ ଆଇପିସିର ଧାରା ୩୭୬ଡି (ଗଣବଳାତ୍କାର) ଏବଂ ଏସ୍‌ସି/ଏସ୍‌ଟି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଜେରା କରୁଛି।

### ଚାଷୀ ଆକ୍ରମଣର ଏସ୍‌ଆଇଟି ତଦନ୍ତ ହେଉ

**ନୂଆଦିଲ୍ଲୀ, ୨୬।୫(ପି.ଟି.):** କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କ ଉପରେ ଆକ୍ରମଣର ନିରପେକ୍ଷ ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦ୍ୱାରା କରାଇବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଛି। ପିଟିଶନ ଅନୁଯାୟୀ ଗତ ଜାନୁୟାରୀ ୨୯ରେ ଦିଲ୍ଲୀର ସିଙ୍ଘୁ ସୀମାରେ ଆନ୍ଦୋଳନରତ ଚାଷୀଙ୍କ କ୍ୟାମ୍ପ୍ ଉପରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ସେଠାରେ ନିୟୋଜିତ ଥିବା ପୋଲିସ ଦୁର୍ବୃତ୍ତମାନଙ୍କୁ ସହାୟତା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସମ୍ପୃକ୍ତ ଦୁର୍ବୃତ୍ତ ଓ ଦିଲ୍ଲୀ ପୋଲିସର କେତେଜଣ ଅଫିସରଙ୍କ ବିରୋଧରେ ଆଲିପୁର ଥାନାରେ ଅଭିଯୋଗ କରାଯାଇଥିଲେ ହେଁ କୌଣସି ଏତଲା ଦାଏର ହୋଇ ନ ଥିଲା। ଏ ସମ୍ପର୍କରେ ସିବିଆଇ, ଭାରତର ପ୍ରଧାନ ବିଚାରପତି ଓ ଜାତୀୟ ମାନବାଧିକାର କମିଶନଙ୍କୁ ଅଭିଯୋଗ କରାଯାଇ ଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେଣୁ ଅଦାଲତଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ପାଇଁ ପିଟିଶନରେ ଅନୁରୋଧ କରାଯାଇଛି।

## ଭାରତରେ ଆଫ୍ରିକାନ୍ ଭାୟୋଲେଟ୍‌ସ



ଭାରତରେ ପ୍ରଥମ ଥର ପାଇଁ ଏକ ପ୍ରକାର ବିଲୁପ୍ତ ପ୍ରାୟ ପ୍ରଜାତିର ଫୁଲ ଗଛ ମିଳିଛି। ଭୋପାଳସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚର ବୈଜ୍ଞାନିକମାନେ ମିଜୋରାମରେ ଆଫ୍ରିକାନ୍‌ଭାୟୋଲେଟ୍‌ସର ନୂଆ ଭାରିଆଣ୍ଟ ପାଇଛନ୍ତି। ଡିଡିମୋକାର୍ପସ୍ ଭିକିଫୁଙ୍କି ନାମରେ ଜଣା ଏହି ପ୍ରଜାତିର ଫୁଲ ଭାରତର ଉତ୍ତର-ପୂର୍ବରାଜ୍ୟ ସୀମା ମ୍ୟାନ୍‌ମାର ନିକଟ ନିର୍ଦ୍ଦିଷ୍ଟ ୩ଟି ସ୍ଥାନରେ ଦେଖିବାକୁ ମିଳିଥାଏ। ଏହା ଏକ ଏପିଫାଇଟ୍, ଅର୍ଥାତ ଏକ ପ୍ରକାର ଉଦ୍ଭିଦ ଯାହା ଅନ୍ୟ ଗଛରେ ବଢ଼ିଥାଏ ଏବଂ ମୌସୁମୀ ସମୟରେ ଏଥିରେ ହାଲ୍‌କା ଗୋଲାପୀ ରଙ୍ଗର ଫୁଲ ଫୁଟିଥାଏ। ଉତ୍ତର ଭାରତରେ ଏକ ସ୍ୱତନ୍ତ୍ର ଜୈବ ବିବିଧତା ରହିଥିବା ଏଥିରୁ ପ୍ରମାଣ ହୋଇଛି ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି।

## ସୋନାଙ୍କ 'ଲଭ୍ ଲେଟର୍'



ସାମୁଦ୍ରିକ ଝଡ଼ 'ୟାସ' ଯୋଗୁ ପ୍ରଭାବିତ ଓଡ଼ିଶା ପାଇଁ ଗାୟିକା ସୋନା ମହାପାତ୍ର ସ୍ୱତନ୍ତ୍ର ଭାବେ 'ଲଭ୍ ଲେଟର' ରେକର୍ଡ କରିଥିବା ବୁଧବାର କହିଛନ୍ତି। ସୋନା ତାଙ୍କ ସ୍ୱାମୀ ତଥା ସଙ୍ଗୀତକାର ରାମ ସମ୍ପଥଙ୍କ ସହ ମିଶି ଘରେ ଏହି ଗୀତ ରେକର୍ଡ କରିଛନ୍ତି। ତାଙ୍କ ବ୍ୟାଣ୍ଡପାର୍ଟିର ସଦସ୍ୟ ଏଥିରେ ସହଯୋଗ କରିଛନ୍ତି। ଲଭ୍ ଲେଟର ଫର୍ ଓଡ଼ିଶା ହାଶ୍ ଟ୍ୟାଗ୍ ବ୍ୟବହାର କରି ସେ ଏକ ଟୁଇଟ୍ କରିଛନ୍ତି। ଖୁବଶୀଘ୍ର ସେ ଏହାକୁ ରିଲିଜ କରିବେ ବୋଲି ସୋନା ଟୁଇଟ୍ କରି କହିଛନ୍ତି।

# ଦକ୍ଷିଣ, ଉତ୍ତରପୂର୍ବରେ ବଡ଼ ଚିନ୍ତା

## ଦିନକରେ ୨.୦୮ ଲକ୍ଷ ସଂକ୍ରମିତ; ୪,୧୫୭ ମୃତ



ଶ୍ରୀନଗରରେ ଜଣେ କୋଭିଡ୍ ମୃତକଙ୍କ ଶେଷକୃତ୍ୟ ବେଳେ କାନ୍ଦୁଛନ୍ତି ପରିବାର ଲୋକେ।

**ନୂଆଦିଲ୍ଲୀ,୨୬।୫**

ଭାରତରେ ମଙ୍ଗଳବାର ୨,୦୮,୯୨୧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାସହ ଦେଶର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୭୧,୫୭,୭୯୫ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ୪,୧୫୭ ଜଣଙ୍କ ଜୀବନ ଯିବା ପରେ ମୋଟ ମୃତ୍ୟୁସଂଖ୍ୟା ୩,୧୧,୩୮୮ ଡେଇଁଛି। ମୋଟାମୋଟି ଭାବେ ଦେଖିଲେ ଦେଶର ଦକ୍ଷିଣ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ପଜିଟିଭ୍ ହାର ଓ ମୃତ୍ୟୁ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ରହିଛି। ଅନ୍ୟପକ୍ଷେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ପଜିଟିଭ୍ ହାର ୫% ତଳକୁ ରହିଲେ କୋଭିଡ୍-୧୯ ସଂକ୍ରମଣ ନିୟନ୍ତ୍ରଣରେ ରହିଛି ବୋଲି କୁହାଯାଇପାରିବ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସକାଳ ୮ଟାରେ ଅପ୍‌ଡେଟ୍ କରାଯାଇଥିବା ତଥ୍ୟାନୁସାରେ ମଙ୍ଗଳବାର ଗୋଟିଏ ଦିନରେ ୨୨,୧୭,୩୨୦ ଜଣଙ୍କ ସାମ୍ପୁଲ ଟେଷ୍ଟ କରାଯାଇଥିଲା। ଏହା ହେଉଛି ଅଦ୍ୟାବଧି ସର୍ବାଧିକ ନମୁନା ପରୀକ୍ଷା। ମଙ୍ଗଳବାରର ଟେଷ୍ଟକୁ ମିଶାଇଲେ ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୩୩,୪୮,୧୧,୪୯୬ ଜଣଙ୍କ ନମୁନା ସଂଗ୍ରହ କରାଯାଇ ସାରିଲାଣି। ବର୍ତ୍ତମାନ ଦେଶରେ ପଜିଟିଭିଟ୍ ହାର ୯.୪୨% ରହିଛି। ଲଗାତର ଦ୍ୱିତୀୟ ଦିନ ଧରି ପଜିଟିଭ୍ ହାର ୧୦% ତଳେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପଜିଟିଭ୍ ହାର ଆନ୍ଧ୍ର ଓ କର୍ନାଟକରେ ୨୦% ଉପରେ ରହିଛି। କେରଳରେ ଏହା ୨୦% ତଳେ ଥିବାବେଳେ ତାମିଲନାଡୁରେ ପ୍ରାୟ ୨୦% ରହିଛି। କର୍ନାଟକରେ ୧୭% ଉପରେ ପଜିଟିଭ୍ ହାର ରହିଛି। ସେହିପରି ଗୋଆ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ସିକିମ ଓ ପଶ୍ଚିମବଙ୍ଗରେ ମଧ ସ୍ଥିତି ଉଦ୍‌ବେଗଜନକ ରହିଛି।

ଅନ୍ୟପକ୍ଷରେ ସକ୍ରିୟ ମାମଲା ୨୪,୯୫,୫୯୧କୁ ଖସିଛି। ୨୪ ଘଣ୍ଟାରେ ୨,୯୫,୯୫୫ କରୋନା ରୋଗୀ ଆରୋଗ୍ୟ ଲାଭ କରିଛନ୍ତି। ଏହାସହ ଦେଶରେ ମୋଟ ଭଲ ହୋଇଥିବା ସଂକ୍ରମିତଙ୍କ ସଂଖ୍ୟା ୨,୪୩,୫୦,୮୧୬ରେ ପହଞ୍ଚିଛି। ଜାତୀୟ ସ୍ତରରେ ରିକଭରି ରେଟ୍ ୮୯.୬୬% ରହିଥିବା ମନ୍ତ୍ରଣାଳୟ ଦର୍ଶାଇଛି। ଏହି ଅବଧି ମଧ୍ୟରେ ପ୍ରାଣ ହରାଇଥିବା ୪,୧୫୭ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରର ସର୍ବାଧିକ ୧,୧୩୭ ଜଣ ହୋଇଥିବାବେଳେ କର୍ନାଟକର ୫୮୮ ଜଣ ରହିଛନ୍ତି। ସେହିପରି ତାମିଲନାଡୁର ୪୬୮, କେରଳର ୧୭୭, ପଞ୍ଜାବର ୧୭୪ ଏବଂ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ୧୫୭ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ଦିଲ୍ଲୀରେ ୧୫୬ ଓ ହରିୟାଣା ୧୨୮, ଆନ୍ଧ୍ରପ୍ରଦେଶରେ ୧୦୬ କରୋନା ସଂକ୍ରମିତଙ୍କ ଜୀବନ ଯାଇଛି। ଏହାସହ ମୋଟ ମୃତ୍ୟୁସଂଖ୍ୟା ୩,୧୧,୩୮୮ ଡେଇଁଛି।

## ଦ୍ୱିତୀୟ ଲହରରେ ୫୭୭ ଶିଶୁ ଅନାଥ

**ନୂଆଦିଲ୍ଲୀ,୨୬।୫**

କୋଭିଡ୍-୧୯ର ଦ୍ୱିତୀୟ ଲହର ପ୍ରଥମଠାରୁ ଅଧିକ ଘାତକ ହୋଇଛି। ଏହି ଲହର ଆସିବା ପରେ ଦେଶର ବିଭିନ୍ନ ଭାଗରେ ୫୭୭ ଶିଶୁ ସେମାନଙ୍କ ମା'ବାପାଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି। ଏହା ସରକାରୀ ତଥ୍ୟଠାରୁ ପ୍ରକୃତ ସଂଖ୍ୟା ଅଧିକ ହୋଇପାରେ ବୋଲି ଅନୁମାନ କରାଯାଉଛି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପାଖରେ ଏପ୍ରିଲରୁ ଏଯାଏ ଉପଲବ୍ଧ ତଥ୍ୟ ଅନୁସାରେ ଦ୍ୱିତୀୟ ଲହରରେ ୫୭୭ ଶିଶୁ ଅନାଥ ହୋଇଛନ୍ତି। ଏହି ଶିଶୁମାନେ ଏବେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ସହିତ ରହୁଛନ୍ତି। ସେମାନଙ୍କ ଆବଶ୍ୟକତା ଓ ସୁରକ୍ଷା ପ୍ରତି ସରକାର ସଚେତନ ରହିଛନ୍ତି। ଏନେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁଇଟ୍ କରିଛନ୍ତି। ସେ କହିଛନ୍ତି, ୨୦୨୧ ଏପ୍ରିଲ ୧ରୁ ବୁଧବାର ଅପରାହ୍ନ ୨ଟା ସୁଦ୍ଧା ୫୭୭ ଶିଶୁ କୋଭିଡ୍-୧୯ରେ ନିଜ ମା' ଓ ବାପାଙ୍କୁ ହରାଇଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଇତିମଧ୍ୟରେ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି ଯେ, ସରକାର ଏହି ଶିଶୁମାନଙ୍କ କଲ୍ୟାଣ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ପ୍ରତି ଜିଲାକୁ ୧୦ ଲକ୍ଷ ଟଙ୍କା ଲେଖାଏ ଆବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ହାଇକୋର୍ଟ ଗଲା ହ୍ୱାଟ୍ସଆପ୍

### ସରକାରଙ୍କ ନୂଆ ଆଇଟି ନିୟମକୁ ବିରୋଧ

### ଗୋପନୀୟତା ଅଧିକାର ନିରଙ୍କୁଶ ନୁହେଁ: କେନ୍ଦ୍ର

**ନୂଆଦିଲ୍ଲୀ, ୨୬।୫(ପି.ଟି.)**



ସୋସିଆଲ୍ ମିଡିଆ ପାଇଁ କେନ୍ଦ୍ର ସରକାରଙ୍କ ନୂଆ ଆଇଟି ନିୟମାବଳୀକୁ ଚ୍ୟାଲେଞ୍ଜ କରି ହ୍ୱାଟ୍ସଆପ୍ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସରକାର ଗତ ଫେବୃୟାରୀ ୨୫ରେ ନୂଆ ସୂଚନା ପ୍ରଯୁକ୍ତି (ମଧ୍ୟସ୍ଥ ଗାଇଡ୍‌ଲାଇନ ଓ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ନିୟମାବଳୀ, ୨୦୨୧ ଘୋଷଣା କରିଥିଲେ। ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ଭଳି ବୃହତ୍ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ମେ' ୨୫ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା।

ନୂଆ ନିୟମ ଅନୁଯାୟୀ ମେସେଜିଂ ଆପ୍‌ଗୁଡ଼ିକ ସୂଚନାର ପ୍ରଥମ ଅର୍ଗାନାଇଜରଙ୍କୁ ଚିହ୍ନଟ ବ୍ୟବସ୍ଥା କରିବେ। ଏଥିପାଇଁ ବୃହତ୍ ପ୍ଲାଟ୍‌ଫର୍ମଗୁଡ଼ିକୁ ମୁଖ୍ୟ କମ୍ପ୍ଲାଇନ୍ସ ଅଫିସର, ନୋଡାଲ ଯୋଗାଯୋଗ ବ୍ୟକ୍ତି ଏବଂ ରେସିଡେଣ୍ଟ ଗ୍ରିଭାନ୍ସ ଅଫିସର ନିଯୁକ୍ତି କରିବା ପାଇଁ କୁହାଯାଇଥିଲା। ତେବେ ଚିହ୍ନଟ ବ୍ୟବସ୍ଥା ଅସାମ୍ବିଧାନିକ ଓ ଏହାର ଗୋପନୀୟତା ମୌଳିକ ଅଧିକାରର ଉଲ୍ଲଂଘନ ଏବଂ ଏହା ଏଣ୍ଡ-ଟୁ-ଏଣ୍ଡ ଏନ୍‌କ୍ରିପ୍‌ଶନକୁ ବ୍ୟାଘାତ କରିବ ବୋଲି ହ୍ୱାଟ୍ସଆପ୍ କହିଛି। ଅନ୍ୟପକ୍ଷରେ ହ୍ୱାଟ୍ସଆପ୍ ପିଟିଶନର ଜବାବ ଦେଇ କେନ୍ଦ୍ର କହିଛି, ନାଗରିକଙ୍କ ଗୋପନୀୟତା ଅଧିକାରର ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ତେବେ କୌଣସି ମୌଳିକ ଅଧିକାର ନିରଙ୍କୁଶ ନୁହେଁ ବୋଲି ସରକାର ସ୍ପଷ୍ଟ କରିଦେଇଛନ୍ତି। ଏଥିସହିତ ଆଇଟି ମନ୍ତ୍ରଣାଳୟ ନିୟମାବଳୀକୁ ଆହୁରି କଡ଼ାକଡ଼ି କରିଛି। ସୋସିଆଲ ମିଡିଆଗୁଡ଼ିକ ନିୟମାବଳୀ କାର୍ଯ୍ୟକାରୀ କଲେ କି ନାହିଁ ଯଥାଶୀଘ୍ର ସମ୍ଭବ ତା'ର ସବିଶେଷ ବିବରଣୀ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ହ୍ୱାଟ୍ସଆପ୍‌ର ଯୁକ୍ତିକୁ ଖଣ୍ଡନ କରି ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ଜାତୀୟ ସୁରକ୍ଷା ବଜାୟ ରଖିବା ଏବଂ ସାର୍ବଜନିକ ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ଉପାୟ ଓ ତଥ୍ୟ ଜରୁରୀ। ଏଥିପାଇଁ ଯେକୌଣସି ମାଧ୍ୟମରେ ବୈଷୟିକ ସମାଧାନ ସୂତ୍ର ବାହାର କରିବା ହ୍ୱାଟ୍ସଆପ୍‌ର ଦାୟିତ୍ୱ ବୋଲି ରବିଶଙ୍କର କହିଛନ୍ତି।

## ପଣ୍ୟବାହୀ ଜାହାଜରେ ନିଆଁ



**ନୂଆଦିଲ୍ଲୀ, ୨୬।୫:** ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ଉପକୂଳରେ ଏମ୍‌ଭି ଏକ୍ସ-ପ୍ରେସ୍ ପିଅର୍ଲରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଭାରତୀୟ ତଟସୁରକ୍ଷା ବାହିନୀ (ଆଇସିଜି) ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ସାମୁଦ୍ରିକ ପାଟ୍ରୋଲିଂରେ ନିୟୋଜିତ ଥିବା ଭାରତୀୟ ତଟସୁରକ୍ଷା ବାହିନୀ ଜାହାଜ ବୈଭବକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିବାବେଳେ ଟୁଟିକୋରିନ୍‌ରୁ ଯାଇଥିବା ଅନ୍ୟତମ ଜାହାଜ ବଜ୍ର କଲମ୍ବୋ ଉପକୂଳରେ ପହଞ୍ଚିଛି। ପାଗ ଖରାପ ସତ୍ତ୍ୱେ ତଟସୁରକ୍ଷା ବାହିନୀ ଦୁଃସାହସିକତାର ସହିତ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛି। ଏହା ବ୍ୟତୀତ ଆଇସିଜି ଜାହାଜ ସମୁଦ୍ର ପ୍ରହରୀକୁ ମଧ ପଠାଯାଇଛି। ନିଆଁ ଲାଗିଥିବା ଏମ୍‌ଭି ଏକ୍ସ-ପ୍ରେସ୍ ପିଅର୍ଲରେ ୧,୪୮୬ଟି ନାଇଟ୍ରିକ୍ ଏସିଡ୍ କଣ୍ଟେନର ଏବଂ ଅନ୍ୟାନ୍ୟ ବିପଜ୍ଜନକ ଆଇଏମ୍‌ଡିଜି କୋଡ୍ ରସାୟନ ରହିଛି।

### ଉଦ୍ଧାର କାର୍ଯ୍ୟରେ ଭାରତୀୟ ତଟରକ୍ଷା ବାହିନୀ

## କାଲିଫର୍ନିଆରେ ଗୁଳି: ୮ ମୃତ

**କାଲିଫର୍ନିଆ, ୨୬।୫**

ଆମେରିକାର କାଲିଫର୍ନିଆସ୍ଥିତ ସାନ ଜୋସ୍‌ଠାରେ ବୁଧବାର ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀ ସକାଳ ପ୍ରାୟ ସାଢ଼େ ୬ଟାରେ ସାନ୍ ଜୋସ୍‌ର ଏକ ରେଳ ୟାର୍ଡକୁ ଯାଇ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ସାଣ୍ଟା କ୍ଲାରା କାଉଣ୍ଟି ଶେରିଫ୍ ମୁଖପାତ୍ର ରସେଲ ଡେଭିସ୍ ସୂଚନା ଦେଇଛନ୍ତି। କାଲିଫର୍ନିଆ ପୋଲିସର କହିବା ଅନୁସାରେ, ରେଳ ମରାମତି କରାଯାଉଥିବା ଭ୍ୟାଲି ଟ୍ରାନ୍ସପୋର୍ଟେଶନ ଅଥରିଟି କଣ୍ଟ୍ରୋଲ ସେଣ୍ଟରରେ ଗୁଳିକାଣ୍ଡ ଘଟିଛି। ଗୁଳିମାଡ଼ରେ ୮ ନିହତ ହୋଇଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଆକ୍ରମଣକାରୀ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ପୋଲିସ ସହ ଏଫ୍‌ବିଆଇ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଦନ୍ତ ଚଳାଇଛି।

### ଆକ୍ରମଣକାରୀ ନିହତ

## ୫୩ ଦେଶରେ ଭାରତ ଭାରିଆଣ୍ଟ

**ନୂଆଦିଲ୍ଲୀ,୨୬।୫**



ଭାରତୀୟ ଭାରିଆଣ୍ଟ କୁହାଯାଉଥିବା କୋଭିଡ୍-୧୯ର ବି.୧.୬୧୭ ରୂପ ୫୩ ଦେଶକୁ ବ୍ୟାପିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଏହାସହ ଅନ୍ୟ ୭ ଦେଶରେ ମଧ ଏହି ଭାରିଆଣ୍ଟ ଦେଖାଯାଇଥିବା ନେଇ ବେସରକାରୀ ଭାବେ ସୂଚନା ହସ୍ତଗତ ହୋଇଥିବା ନେଇ ବୁଧବାର ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ପ୍ରକାଶିତ ସାପ୍ତାହିକ ରିପୋର୍ଟରେ ଦର୍ଶାଯାଇଛି। ଏହି ଭାରିଆଣ୍ଟ ଅଧିକ ବେଗରେ ବ୍ୟାପୁଥିବା ଏଥିରେ କୁହାଯାଇଥିବାବେଳେ ରୋଗର ଗମ୍ଭୀରତା ତଥା ସଂକ୍ରମଣଜନିତ ରିସ୍କ କେତେ ରହିଛି ସେ ନେଇ ଅନୁସନ୍ଧାନ ଚାଲିଥିବା ଡବ୍ଲ୍ୟୁଏଚ୍‌ଓ କହିଛି।

## ପଶ୍ଚିମବଙ୍ଗରେ 'ୟାସ୍' ତାଣ୍ଡବ

# ୧ କୋଟି ପ୍ରଭାବିତ, ୩ ଲକ୍ଷ ଘର ଭାଙ୍ଗିଛି: ମମତା



ପୂର୍ବ ମେଦିନୀପୁର ଜିଲାର ଦିଘାରେ ୟାସ୍ ପ୍ରଭାବରେ କୂଳ ଲଂଘୁଛି ସମୁଦ୍ର।

**କୋଲକାତା,୨୬।୫**

ବଙ୍ଗୋପସାଗରରୁ ମାଡ଼ିଆସିଥିବା ସାମୁଦ୍ରିକ ଝଡ଼ ୟାସ୍ ଉତ୍ତର ଓଡ଼ିଶାର ଧାମରା ବନ୍ଦର ନିକଟରେ ସ୍ଥଳଭାଗ ଛୁଇଁଛି। କିନ୍ତୁ ଏହାର ଦୌରାତ୍ମ୍ୟ ପଡ଼ୋଶୀ ପଶ୍ଚିମବଙ୍ଗରେ ମଧ ଦେଖିବାକୁ ମିଳିଛି। ଏଥିରେ ୧୪ ଜିଲାର ଅନ୍ୟୂନ ୧ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ବର୍ଷା ଓ ସମୁଦ୍ର ପାଣିରେ ୩ ଲକ୍ଷ ଘର ଭାଙ୍ଗିଯାଇଛି। ପ୍ରଭାବିତ ଅଞ୍ଚଳକୁ ୧୦ କୋଟି ଟଙ୍କାର ରିଲିଫ୍ ସାମଗ୍ରୀ ପଠାଯାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଦାବି କରିଛନ୍ତି। ତେବେ ଓଡ଼ିଶାରେ ବାତ୍ୟା ଲ୍ୟାଣ୍ଡଫଲ୍ କରି ଏତେ କ୍ଷୟକ୍ଷତି ଘଟାଇ ନ ଥିବାବେଳେ ମମତାଙ୍କ ଦାବିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଓ ସନ୍ଦେହ ସୃଷ୍ଟି ହୋଇଛି।

ପଶ୍ଚିମବଙ୍ଗରେ ଶକ୍ତିଶାଳୀ ସମୁଦ୍ରର ଉଚ୍ଚ ଢେଉ ସାଙ୍ଗକୁ ବର୍ଷା ଓ ପବନ ତାଣ୍ଡବ ରଚିଛି। ୟାସ୍ ଆସିବା ପୂର୍ବରୁ ୧୫,୦୪,୫୦୬ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ସମୟରେ ଜଣେ ବ୍ୟକ୍ତି ସମୁଦ୍ରକୁ ମାଛ ଧରିବାକୁ ଯାଇ ପ୍ରାଣ ହରାଇଛନ୍ତି। ସର୍ବାଧିକ ପ୍ରଭାବିତ ଜିଲା ଦକ୍ଷିଣ ୨୪ ପ୍ରଗଣା, ଉତ୍ତର ୨୪ ପ୍ରଗଣା ଜିଲାରେ ଆକାଶ ମାର୍ଗରୁ ସ୍ଥିତି ଅନୁଧ୍ୟାନ କରିବେ ବୋଲି ମମତା କହିଛନ୍ତି। ପ୍ରକୃତ କ୍ଷୟକ୍ଷତି ଆକଳନ ପାଇଁ ୭୨ ଘଣ୍ଟା ଲାଗିବ। ଉପକୂଳ ଜିଲା ପୂର୍ବ ମେଦିନୀପୁରର ଦିଘାରେ ୟାସ୍‌ର ଭୟଙ୍କର ପ୍ରଭାବ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ସମୁଦ୍ର ଓ ବର୍ଷାପାଣିରେ ଘରଦ୍ୱାର ଭାଙ୍ଗିଯାଇଛି। ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଧରାଶାୟୀ ହୋଇଯାଇଛି। ପର୍ଯ୍ୟଟନ ସହର ଦିଘାରେ ସମୁଦ୍ରରେ ୨ ମିଟର ଉଚ୍ଚତାର ଜୁଆର ଉଠିଥିଲା। ଏହାର ପ୍ରଭାବରେ ବିଦ୍ୟାଧାରୀ, ହୁଗ୍‌ଲି, ରୂପନାରାୟଣ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଶଙ୍କରପୁର ଉପକୂଳସ୍ଥିତ ଏକ ସ୍କୁଲ ଧୋଇହୋଇ ଯାଇଛି। ଫ୍ରାଜେରଗଞ୍ଜରେ ରାସ୍ତାରେ ପାଣି ଢେଉ ମାରୁଥିବାବେଳେ ଲୋକେ ନିଜ ତଥା ଗୋରୁଙ୍କ ଜୀବନ ବଞ୍ଚାଇବା ପାଇଁ ଧାଉଁଥିବା ଦେଖିବାକୁ ମିଳିଛି। ସେନା, ଏନ୍‌ଡିଆର୍‌ଏଫ୍, ରାଜ୍ୟ ପୋଲିସ ଏବଂ ସ୍ୱେଚ୍ଛାସେବୀମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

- ୧୫ ଲକ୍ଷ ସ୍ଥାନାନ୍ତରିତ
- ମାଛ ଧରିବାକୁ ଯାଇ ଜଣେ ମୃତ





ଦକ୍ଷିଣ ୨୪ ପ୍ରଗଣା ଜିଲା କାକଦ୍ୱୀପସ୍ଥିତ ହସ୍ପିଟାଲରେ ପାଣି ପଶିଛି।

ଜଣେ ନିଜର ଶୁଭେଚ୍ଛା ଦ୍ୱାରା ବହୁତ କିଛି ପରିବର୍ତ୍ତନ କରିପାରେ। କିନ୍ତୁ ତାହା ସମ୍ପୂର୍ଣ୍ଣ ପବିତ୍ର ଓ ଅବିମିଶ୍ର ଶୁଭେଚ୍ଛା ହେବା ଉଚିତ। ...ଐକାନ୍ତିକ ଡାକ ନିଶ୍ଚୟ ପହୁଁଚେ ଏବଂ ତା'ର ଉତ୍ତର ଆସେ। **—ଶ୍ରୀମା**

# ସାରସ୍ୱତ ସମ୍ପର୍କ: ସେଦିନ ଓ ଆଜି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୫୩ ମସିହା ଶେଷାର୍ଦ୍ଧ ସମୟର କଥା। ସେତେବେଳେ ବିଶିଷ୍ଟ ଲେଖକ ମନୋଜ ଦାସ ଥାଆନ୍ତି ଛାତ୍ରନେତା। ସେ ପଢୁଥାଆନ୍ତି ଫକୀର ମୋହନ ମହାବିଦ୍ୟାଳୟରେ। ଥରେ ସେ ଛାତ୍ର ଫେଡେରେଶନର କୌଣସି ଏକ କାର୍ଯ୍ୟରେ ଭଦ୍ରକ ଆସିଥାଆନ୍ତି। ଛାତ୍ର ଫେଡେରେଶନର ଜଣେ ପୂର୍ବତନ କର୍ମକର୍ତ୍ତା ଯୋଗେନ୍ ବସୁ ସେତେବେଳେ ଭଦ୍ରକ ମହାବିଦ୍ୟାଳୟରେ ଅଧ୍ୟାପକ ଥାଆନ୍ତି। ଏଣୁ ମନୋଜ ଦାସ ତାଙ୍କ ସହ ସୌଜନ୍ୟ-ସାକ୍ଷାତ୍ ନିମନ୍ତେ ତାଙ୍କ ବାସଭବନରେ ପହଞ୍ଚିଲେ। ଯୋଗେନ୍‌ବାବୁ ଦାଣ୍ଡଘରେ ବସିଥାଆନ୍ତି। ଖଟ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ କେହି ଜଣେ ବିରାଜମାନ ଥା'ନ୍ତି। ଯୋଗେନ୍‌ବାବୁ ତାଙ୍କୁ (ମନୋଜ ଦାସଙ୍କୁ) ଦେଖି ହଠାତ୍ କହି ଉଠିଲେ, 'ମନୋଜ'! ଖଟ ଉପରେ ଅର୍ଦ୍ଧଶାୟିତ ଥିବା ଭଦ୍ରବ୍ୟକ୍ତି ଜଣକ ଉଠିପଡ଼ି ଆଶ୍ଚର୍ଯ୍ୟ ହୋଇ କହିଲେ, 'କେଉଁ ମନୋଜ?' ଯୋଗେନ୍‌ବାବୁ କହିଲେ, 'ଲେଖକ ମନୋଜ ଦାସ'। ସେହି ଭଦ୍ରବ୍ୟକ୍ତି ମନୋଜ ଦାସଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇଲେ। ସେ ଥିଲେ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ। ମନୋଜ ଦାସ କଲେଜରେ ତୃତୀୟ ବର୍ଷର ଛାତ୍ର ଥିବାବେଳକୁ ତାଙ୍କର 'ଶତାବ୍ଦୀର ଆର୍ତ୍ତନାଦ', 'ବିପ୍ଳବୀ ଫକୀର ମୋହନ', 'ପଦଧ୍ୱନି' କବିତା ସଂକଳନ ଏବଂ 'ସମୁଦ୍ରର କ୍ଷୁଧା' ଓ 'ଜୀବନର ସ୍ୱାଦ' ଗଳ୍ପ ସଂକଳନ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିସାରିଥିଲା। ପୁନଶ୍ଚ ୧୯୫୦ ମସିହାରୁ ସେ 'ଦିଗନ୍ତ' ପତ୍ରିକାର ସମ୍ପାଦନା କରିଆସୁଥିଲେ। ମହାବିଦ୍ୟାଳୟରେ ପଢ଼ିବା ବେଳକୁ ସେ ଜଣେ କବି ଓ ଗାଳ୍ପିକ ଭାବରେ ଆଦୃତ ହୋଇ ସାରିଥିଲେ। ତାଙ୍କର ଲେଖା ପଢ଼ି ମହାପାତ୍ର ନୀଳମଣି ସାହୁ ଏତେ ଅଭିଭୂତ ହୋଇଥିଲେ ଯେ, ଥରେ ସେ ଟ୍ରେନ୍‌ରେ ଫକୀର ମୋହନ କଲେଜରେ ପଢୁଥିବା ମନୋଜ ଦାସଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବାଲେଶ୍ୱର ଚାଲି ଆସିଥିଲେ। ମାତ୍ର ସେଥର ତାଙ୍କ ସହ ସାକ୍ଷାତ୍ ହୋଇପାରି ନ ଥିଲା। ଜଣେ ଛାତ୍ରର ଲେଖାରେ ମୁଗ୍ଧ ହୋଇ ଜଣେ ଅଧ୍ୟାପକ ତାଙ୍କୁ ଭେଟିବା ପାଇଁ ଆସିବା କମ୍ ମହତ୍ତ୍ୱର କଥା ନୁହେଁ।

ସାରସ୍ୱତ ସମ୍ପର୍କ ସମ୍ବନ୍ଧୀୟ ଆଉ ଏକ ଘଟଣା। ଏହା ପ୍ରାପ୍ତ ହୋଇଛି ଆଉ ଜଣେ ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କ ପାଖରୁ। ସେତେବେଳେ ଖ୍ରୀଷ୍ଟ କଲେଜରେ ଓଡ଼ିଆ ଅଧ୍ୟାପକ ଥା'ନ୍ତି ବିଶିଷ୍ଟ ସାହିତ୍ୟିକ ପଠାଣି ପଟ୍ଟନାୟକ। ଦିନେ ଶ୍ରେଣୀଗୃହରେ ଅଧ୍ୟାପକ ପଟ୍ଟନାୟକ ଛାତ୍ରମାନଙ୍କୁ ନିଜର ପରିଚୟ ପଚାରନ୍ତେ ଜଣେ ଛାତ୍ର କହିଲେ, ସେ ହେଉଛନ୍ତି ଭଞ୍ଜକିଶୋର ପଟ୍ଟନାୟକ। ପଠାଣିବାବୁ ଭାବିଲେ, ଛାତ୍ରଟି ଦୁଷ୍ଟାମି କରୁଛି ଏବଂ ସେ ବିରକ୍ତ ହୋଇ ପଚାରିଲେ, 'ତୁମେ ଜାଣ ସେ କିଏ? ସେ ହେଉଛନ୍ତି ବିଶିଷ୍ଟ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ।' ଛାତ୍ରଟି କହିଲା, 'ହଁ ସାର୍, ମୁଁ ସେହି ଭଞ୍ଜକିଶୋର ପଟ୍ଟନାୟକ।' ଆହୁରି ରାଗିଗଲେ ପଠାଣିବାବୁ। ସେ ତାଙ୍କୁ କହିଲେ, 'ଠିକ୍ ଅଛି। କହିଲ, ସେ କେଉଁ ନାଟକଗୁଡ଼ିକ ଲେଖିଛନ୍ତି?' ଛାତ୍ରଟି କହିଗଲା, ''ନାଟକଗୁଡ଼ିକ ହେଲା- 'ବେନାମୀ', 'ତୋଫାନ', 'ଜହର', 'ଜୟମାଲ୍ୟ', 'ମାଣିକ ଯୋଡ଼ି,' 'ବୈରାଗୀର ସଂସାର' ଓ ଆହୁରି ଅନେକ। ପଠାଣିବାବୁଙ୍କ ଆଉ ସନ୍ଦେହ ରହିଲା ନାହିଁ। ସେହି ଛାତ୍ର ହିଁ ଥିଲେ ଭଞ୍ଜକିଶୋର ପଟ୍ଟନାୟକ। ପଠାଣିବାବୁ ତାଙ୍କୁ ଅପମାନିତ କରିଥିବାରୁ ଦୁଃଖ ପ୍ରକାଶ କଲେ। ମାତ୍ର ଭଞ୍ଜକିଶୋର ପଟ୍ଟନାୟକ କହିଲେ, 'ସାର୍, ଆପଣ ମୋର ଗୁରୁ। ଯଦି ମୁଁ ଜଣେ ସଫଳ ନାଟ୍ୟକାର ହୋଇଥାଏ, ତାହା ଆପଣଙ୍କ ଆଶୀର୍ବାଦରୁ।' ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିଲା ଗଭୀର ସାରସ୍ୱତ ସମ୍ପର୍କ। ସାହିତ୍ୟ ହେଉଛି ଦିବ୍ୟ ପ୍ରେରଣାର ଅଭିବ୍ୟକ୍ତି। ଏଣୁ ସାରସ୍ୱତ ସମ୍ପର୍କରେ ଥାଏ ଅନାବିଳ ପ୍ରେମ। ସେଠି ନ ଥାଏ ଈର୍ଷା, ଦ୍ୱେଷ ଓ ପରଶ୍ରୀକାତରତା। ସେଠି ନ ଥାଏ ବରିଷ୍ଠ-କନିଷ୍ଠ ଭେଦଭାବ କିମ୍ବା ଗୁରୁ-ଶିଷ୍ୟ ଭେଦଭାବ। ଉଭୟ ଭଞ୍ଜକିଶୋର ପଟ୍ଟନାୟକ ଓ ମନୋଜ ଦାସ ସେମାନଙ୍କ ଗୁରୁମାନଙ୍କଠାରୁ ଛାତ୍ରଥିବା ସମୟରେ ମଧ୍ୟ ଶୁଭେଚ୍ଛା, ଅଭିନନ୍ଦନ ଓ ସ୍ୱୀକୃତି ଲାଭ କରିଥିଲେ। ସେମାନଙ୍କ ମଧ୍ୟରେ ଗଢ଼ି ଉଠିଥିଲା ଅନାବିଳ ସାରସ୍ୱତ ସମ୍ପର୍କ।

କବି ଗଙ୍ଗାଧର ମେହେର ସାରସ୍ୱତ କର୍ମରେ ଆତ୍ମନିୟୋଗ କଲାବେଳକୁ ରାଧାନାଥ ରାୟ ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠିତ ହୋଇ ସାରିଥିଲେ। ପୁନଶ୍ଚ ବୟସରେ ଗଙ୍ଗାଧର ତାଙ୍କଠୁ ଢେର ସାନ। ତା' ସତ୍ତ୍ୱେ ରାଧାନାଥ ତାଙ୍କ ଦ୍ୱାରା ପ୍ରଣୀତ ଖଣ୍ଡିଏ ବ୍ୟାକରଣ ପୁସ୍ତକ ଗଙ୍ଗାଧରଙ୍କ ଦ୍ୱାରା ସଂଶୋଧିତ କରାଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସେ ଚିଠି ଲେଖିଥିଲେ, ''ଆପଣଙ୍କଠାରୁ ମୁଁ ପୁସ୍ତକ ସମ୍ବନ୍ଧରେ ମୂଲ୍ୟବାନ ଉପଦେଶ ପ୍ରତ୍ୟାଶା କରେ। ବ୍ୟାକରଣ ଶାସ୍ତ୍ରରେ ଆପଣ ସବ୍ୟୁତ୍ପନ୍ନ। ମୁଁ ଯେଉଁ ପ୍ରଣାଳୀ ଅବଲମ୍ବନ କରି ପୁସ୍ତକ ଲେଖିଅଛି, ସେ ସମ୍ପର୍କରେ ଆପଣଙ୍କ ମତ ବିସ୍ତୃତ ଭାବରେ ଲେଖିଲେ ଉପକୃତ ହେବି। ମୋହର ନିତାନ୍ତ ପ୍ରାର୍ଥନା, ଆପଣ ନିଃସଙ୍କୋଚରେ ସମସ୍ତ ଦୋଷ ଦେଖାଇବା ହେବେ।'' ବୟସର ତାରତମ୍ୟ ସତ୍ତ୍ୱେ ଉଭୟ ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ଅନାବିଳ ସାରସ୍ୱତ ସମ୍ପର୍କ ଗଢ଼ି ଉଠିଥିଲା। କ୍ରମେ ସାରସ୍ୱତ ସମ୍ପର୍କ ଉଭୟଙ୍କୁ ଏତେ ନିକଟତର କରିଥିଲା ଯେ, ସେମାନେ ପରସ୍ପରର ସୁଖ ଓ ଦୁଃଖରେ ମଧ୍ୟ ଭାଗୀ ହେଉଥିଲେ। କନିଷ୍ଠ କବି ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱରେ ରାଧାନାଥ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ଲେଖିଥିଲେ, ''ଆପଣ ସୁକବି ଓ ସୁଲେଖକ, କେବଳ ଏହି କଥା ମନେକରି ମୁଁ ଯେ ଆପଣଙ୍କୁ ଶ୍ରଦ୍ଧା କରେ, ତାହା ନୁହେଁ; ମୁଁ ଜାଣେ ଆପଣ ପବିତ୍ର ହୃଦୟ ସାଧୁ ପୁରୁଷ। ଆପଣ କେବଳ ମୋହର ଶ୍ରଦ୍ଧା ଆକର୍ଷଣ କରିଅଛନ୍ତି ତାହା ନୁହେଁ, ସେହି ଶ୍ରଦ୍ଧା ସଙ୍ଗେ ଆନ୍ତରିକ ଭକ୍ତି ମଧ୍ୟ ଆକର୍ଷଣ କରିଅଛନ୍ତି।'' ପଲ୍ଲୀକବି ନନ୍ଦକିଶୋର ବଳ ଓ ବ୍ୟାସକବି ଫକୀର ମୋହନଙ୍କ ସହ ମଧ୍ୟ ଗଙ୍ଗାଧରଙ୍କ ଅନାବିଳ ସାରସ୍ୱତ ସମ୍ପର୍କ ଥିଲା। ଗଙ୍ଗାଧରଙ୍କ 'ଇନ୍ଦୁମତି' ପଢ଼ି ନନ୍ଦକିଶୋର ମନ୍ତବ୍ୟ ଦେଇଥିଲେ- 'କିନ୍ତୁ ତୁମେ ଦୀନକବି ରହିବ ଜୀବିତ, ଯେତେଦିନ ଥିବ ଭବେ ଓଡ଼ିଆ ସାହିତ୍ୟ।' ସୁଦୂର ବାଲେଶ୍ୱରରେ ଫକୀର ମୋହନ ଗଙ୍ଗାଧରଙ୍କ କବିତା ପଢ଼ିବାକୁ ଅପେକ୍ଷା କରିଥା'ନ୍ତି। ତାଙ୍କରି ଭାଷାରେ 'କବିତାଗୁଡ଼ିକ ପଢ଼ି ମନ ମାନିଯାଏ, ଆଉ ସେ ଲେଖିବ ବୋଲି ବାଟ ଚାହିଁଥାଏ (ଉତ୍କଳ ଭ୍ରମଣ)'। ଉଭୟ ରାଧାନାଥ ଓ ଫକୀର ମୋହନଙ୍କ ମୃତ୍ୟୁରେ କବି ଗଙ୍ଗାଧର ଭାଙ୍ଗିପଡ଼ି ଲେଖିଛନ୍ତି ଦୁଇଟି କବିତା। ସାରସ୍ୱତ ସମ୍ପର୍କର ଆଉ ଏକ ଜ୍ୱଳନ୍ତ ଉଦାହରଣ ହେଉଛି କବି ବ୍ରଜମୋହନ ପଣ୍ଡା ଓ ଗଙ୍ଗାଧରଙ୍କ ସମ୍ପର୍କ। ଗଙ୍ଗାଧରଙ୍କ ସାରସ୍ୱତ କୃତି ବ୍ରଜମୋହନଙ୍କୁ ଏତେ ଅଭିଭୂତ କରିଥିଲା ଯେ ସେ ଥରେ ଲେଖିଥିଲେ, ''ଲୋକେ ତୀର୍ଥାଟନ କରନ୍ତି, ମାତ୍ର ମୁଁ ଆପଣଙ୍କୁ ତୀର୍ଥ ଜ୍ଞାନ କରେ। ସେହି ତୀର୍ଥରେ ମୋର ନିବାସ ସ୍ଥାପନ କରି କିପରି ନିଜକୁ ପବିତ୍ର ଓ ଚରିତାର୍ଥ କରନ୍ତି, ଏହି ମାତ୍ର ଅନ୍ତର୍ଗତ ବାସନା।'' (ପତ୍ର)। ବ୍ରଜମୋହନ ଗଙ୍ଗାଧରଙ୍କଠାରୁ ୨୭ ବର୍ଷ ସାନ। ତା' ସତ୍ତ୍ୱେ ଗଙ୍ଗାଧର ବ୍ରଜମୋହନଙ୍କୁ ସମ୍ମାନ ଜଣାଉଥିଲେ। ତାଙ୍କ କବି ଜୀବନର ଚରମ କୃତିତ୍ୱ 'ତପସ୍ୱିନୀ'ର ସଂଶୋଧନ ନିମନ୍ତେ ସେ ବ୍ରଜମୋହନଙ୍କ ମନ୍ତବ୍ୟ ଜିଜ୍ଞାସା କରିଥିଲେ। ବ୍ରଜମୋହନ ତାଙ୍କୁ ଲେଖିଲେ ''ତପସ୍ୱିନୀସ୍ଥ ଭାଷାକୁ 'ଶ୍ୱେତସରସିଜ ଦୃଶା' ନ କରି ବିକଚରାଜୀବ ଦୃଶା' କଲେ ଭଲ ହେବ।'' ଗଙ୍ଗାଧର ତାଙ୍କର ପରାମର୍ଶ ଗ୍ରହଣ କରି ନେଇଥିଲେ। ସାରସ୍ୱତ ସମ୍ପର୍କ ସାମାଜିକ ପଦପଦବୀ ବା ସ୍ଥିତି କିମ୍ବା ବୟସରେ ତାରତମ୍ୟ ଜନିତ ଭେଦଭାବକୁ ଅତିକ୍ରମ କରୁଥିଲା। ଲେଖକମାନଙ୍କ ମଧ୍ୟରେ ଈର୍ଷା ବା ପରଶ୍ରୀକାତରତା ନ ଥିଲା। ମାତ୍ର ସେହି ସାରସ୍ୱତ ସମ୍ପର୍କ ଆଜି ଆଉ ଦେଖିବାକୁ ମିଳୁନାହିଁ। ସାରସ୍ୱତ ସମ୍ପର୍କରେ ପ୍ରବେଶ କରିଛି ଅସୂୟାଭାବ ଓ ଏହା ବ୍ୟକ୍ତିଗତ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି।

ସମ୍ପ୍ରତି ମୋଟା ଅର୍ଥଯୁକ୍ତ ପୁରସ୍କାର ପ୍ରଚଳନ ଲେଖକମାନଙ୍କ ମଧ୍ୟରେ ରହିଥିବା ସାରସ୍ୱତ ସମ୍ପର୍କକୁ ନଷ୍ଟ କରିଦେଇଛି। ଅନେକ ସମୟରେ ସାହିତ୍ୟ ଏକାଡେମୀର ପୁରସ୍କାର ଘୋଷଣା ହେଲେ ତା'ର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠୁଛି। କେହି କେହି ଏହାକୁ ନେଇ ଅଦାଲତର ଆଶ୍ରୟ ନେଉଛନ୍ତି। ଅନେକେ କହୁଛନ୍ତି, ସାହିତ୍ୟ ଏକାଡେମୀ ପୁରସ୍କାର ପଛରେ ଲବି କାମ କରୁଛି। ପ୍ରକାଶ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା ପୁସ୍ତକ 'ଫାର୍ସ ୨୦୧୦'ରେ ପରିବେଷିତ ବିଭୂତି ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ମହାନ୍ତି, ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ସାହିତ୍ୟିକମାନଙ୍କ ପ୍ରବନ୍ଧଗୁଡ଼ିକରେ ଯେଭଳି ଆକ୍ଷେପ ଓ ପ୍ରତିଆକ୍ଷେପର ଆଲୋଚନା ହୋଇଛି, ସେଥିରୁ ସ୍ପଷ୍ଟ ହୁଏ ଯେ ସାରସ୍ୱତ ସାଧକମାନଙ୍କ ମଧ୍ୟରେ ଆଉ ସଦ୍ଭାବ ଓ ପ୍ରୀତି ନାହିଁ। ରହିଛି ଦ୍ୱେଷ, ଈର୍ଷା ଓ ପରଶ୍ରୀକାତରତା। ଆମେ ଅନ୍ତତଃ ଆଶା କରିବା ଏହି ସାରସ୍ୱତ ସମ୍ପର୍କ ହିଂସା ସ୍ତରକୁ ନ ପହଞ୍ଚୁ, ଠିକ୍ ଯେମିତି ଦିନେ ଏଜ୍‌ରା ପାଉଣ୍ଡ ଓ ଏବାରକ୍ରୋମ୍ବିଙ୍କ ମଧ୍ୟରେ ଘଟିଥିଲା। ଏହି ଦୁଇ ଲେଖକଙ୍କ ମଧ୍ୟରେ ଥିଲା ଅସହିଷ୍ଣୁତା। ଏବାରକ୍ରୋମ୍ବିଙ୍କ ମତରେ, ପାଉଣ୍ଡଙ୍କ କବିତା ଅସାର ବାଗାଡ଼ମ୍ବର। ଅନ୍ୟପକ୍ଷରେ ପାଉଣ୍ଡ କହୁଥାଆନ୍ତି, ଏବାରକ୍ରୋମ୍ବି ଜଣେ ମୂଢ଼ ବ୍ୟକ୍ତି। ଦିନେ ଉଭୟଙ୍କ ମଧ୍ୟରେ ବିତର୍କ ଏପରି ଏକ ପର୍ଯ୍ୟାୟକୁ ଗଲା ଯେ, ପାଉଣ୍ଡ ଏବାରକ୍ରୋମ୍ବିଙ୍କୁ ଏକ ଦ୍ୱନ୍ଦ୍ୱଯୁଦ୍ଧକୁ ଆହ୍ୱାନ କଲେ। ଏବାରକ୍ରୋମ୍ବି କ୍ଷୀଣକାୟ ଥିବାରୁ ଦ୍ୱନ୍ଦ୍ୱଯୁଦ୍ଧର ଅସ୍ତ୍ର ମନୋନୟନ ଅଧିକାର ତାଙ୍କୁ ଦିଆଗଲା। ସେ ଘୋଷଣା କଲେ, ପରସ୍ପର ନିଜ ନିଜ ଅବିକ୍ରିତ ବହିଗୁଡ଼ିକୁ ନିକ୍ଷେପ କରିବେ ଜଣେ ଧରାଶାୟୀ ହେବା ପର୍ଯ୍ୟନ୍ତ। ସୁଖର କଥା, ଏହି ଦୁର୍ଭାବ ବିନିମୟ ଭିତରେ ଦ୍ୱନ୍ଦ୍ୱ ଯୁଦ୍ଧର ଅବସାନ ଘଟିଲା। ଉଭୟ ସାହିତ୍ୟିକଙ୍କ ଗୁଣଗ୍ରାହୀମାନେ ଆଶ୍ୱସ୍ତ ହେଲେ। ଆଜି ସାହିତ୍ୟିକମାନଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ଈର୍ଷା ବା ଅସୂୟା ଏପରି ସ୍ତରରେ ନ ପହଞ୍ଚୁ। ତେବେ ହେବ ସାହିତ୍ୟ ଜଗତର ମଙ୍ଗଳ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ,
ଟିଟିଲାଗଡ଼, ମୋ: ୭୦୦୮୩୬୯୯୨୦

# କରୋନାରେ ନିଶାସେବନର କୁପ୍ରଭାବ



ଡ. ଭାରତ ଭୂଷଣ ରଥ

ଅମୂଲ୍ୟ ମାନବ ଜୀବନ। ଏହି ଜୀବନର ସୁରକ୍ଷା ମାନବର ସର୍ବପ୍ରଥମ କର୍ତ୍ତବ୍ୟ। ମାନବ ନିଜ ଜୀବନକୁ ଜିଇବାର ଏକ ସ୍ୱତନ୍ତ୍ର କଳା ଅଛି। ଜୀବନ ଜିଇବାର କଳା ଆମେ ବିଭିନ୍ନ ସଦ୍‌ଗ୍ରନ୍ଥ ଏବଂ ସତ୍ ପୁରୁଷଙ୍କର ସାନ୍ନିଧ୍ୟରୁ ପାଇପାରିବା। ସବୁଠାରୁ ସରଳ ଉପାୟ ହେଲା, ନିଜ ବିବେକକୁ ପଚାରି ଦେଲେ ଆମେ ପାଇଯିବା ଜୀବନବିଷୟକ ସମସ୍ତ ଶଙ୍କାର ସମାଧାନ। ମାନବ ଶରୀରରେ ସୂକ୍ଷ୍ମ ରୂପରେ ବିରାଜମାନ କରିଥିବା ଆତ୍ମା ହିଁ ବିବେକ ମାଧ୍ୟମରେ ଆମକୁ ଏକ ପୂର୍ଣ୍ଣାଙ୍ଗ ଜୀବନର ମନ୍ତ୍ର ପଢ଼ାଏ। ତେବେ ପ୍ରଶ୍ନ ଉଠେ ସବୁ ମାନବ କ'ଣ ନିଜ ବିବେକକୁ ସମ୍ମାନ ଦିଅନ୍ତି? ଏହି ପ୍ରଶ୍ନର ଉତ୍ତର ନିଶ୍ଚୟ ନକାରାତ୍ମକ ଦିଗକୁ ଅଙ୍ଗୁଳି ନିକ୍ଷେପ କରେ। ଅଧିକାଂଶ ମାନବ ନିଜ ମନର ଅଧୀନ। ବିବେକ ସେମାନଙ୍କ ପାଖରେ ଶୂନ୍ୟ। ଆଜିର କରୋନା ମହାମାରୀ ସମୟରେ ଠିକ୍ ସେମିତି ଏକ ଘଟଣା ଆମ ନଜରରେ ବାରମ୍ବାର ଉଦ୍ଭାସିତ ହେଉଛି। ତାହାହେଲା ମଦ ଏବଂ ସିଗାରେଟ୍ ପ୍ରଭୃତି ମାଦକଦ୍ରବ୍ୟ ସେବନ କରୁଥିବା ମାନବଙ୍କର କରୋନାଜନିତ ମୃତ୍ୟୁ।

ଆମେ ସାଧାରଣଭାବରେ ଦେଖିବାକୁ ପାଉଛୁ କରୋନାଭୂତାଣୁର ଶିକାର ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସାଧାରଣତଃ ତିନୋଟି ଶ୍ରେଣୀର ବ୍ୟକ୍ତି ବିଶେଷଭାବରେ ମୃତ୍ୟୁମୁଖର ସମ୍ମୁଖୀନ ହେଉଛନ୍ତି। ପ୍ରଥମତଃ ବିଭିନ୍ନ ଗୁରୁତର ରୋଗରେ ପୀଡ଼ିତ ମାନବ ଯଦି କରୋନା କବଳିତ ହେଲେ ତେବେ ସେମାନଙ୍କ ମଧ୍ୟରୁ ଅନେକେ ମୃତ୍ୟୁମୁଖର ସମ୍ମୁଖୀନ ହେଉଛନ୍ତି। ଦ୍ୱିତୀୟତଃ ମଦ ଏବଂ ସିଗାରେଟ୍ ପ୍ରଭୃତି ନାନାବିଧ ମାଦକଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି କରୋନାରେ ପ୍ରାଣ ହରାଉଛନ୍ତି। ତୃତୀୟତଃ ରୋଗ ପ୍ରତିରୋଧକ ଶକ୍ତିର ନ୍ୟୂନତା, ଧୈର୍ଯ୍ୟହରା ବ୍ୟକ୍ତି ତଥା ଚିକିତ୍ସା ଅଭାବରେ ରହିଯାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ରୋଗୀ ଜୀବନ ହାରୁଛନ୍ତି। ତେବେ ପ୍ରଥମ ଏବଂ ତୃତୀୟ ପ୍ରକାରର ରୋଗୀଙ୍କର ଯଦି ମୃତ୍ୟୁ ହୁଏ ଆମେ ଭାଗ୍ୟକୁ ନିନ୍ଦା କରିବା । କିନ୍ତୁ ଦ୍ୱିତୀୟ ପ୍ରକାରର କରୋନା ରୋଗୀ ଯେଉଁମାନେ ନାନାପ୍ରକାର ମାଦକଦ୍ରବ୍ୟ ସେବନ କରି ନିଜ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଜାଣିଶୁଣି ନଷ୍ଟ କରିଦେଇଥାନ୍ତି ସେମାନଙ୍କ ପାଇଁ ଦାୟୀ କିଏ ? ଆମେ ଭଲଭାବରେ ଜାଣୁ ମଦ ଏକ ଏଭଳି ଦ୍ରବ୍ୟ, ଯାହା ସେବନ କଲେ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଏହାର କୁପ୍ରଭାବରେ ପ୍ରଭାବିତ ହୁଏ। ମଦ ଏବଂ ସିଗାରେଟ୍ ସର୍ବପ୍ରଥମେ ମାନବର ଶ୍ୱାସନଳୀ, ଖାଦ୍ୟନଳୀ ଏବଂ ଫୁସଫୁସ୍‌କୁ ନଷ୍ଟ କରିଥାଏ। ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା ଉଚ୍ଚ ରକ୍ତଚାପ, ହାର୍ଟଆଟାକ୍, ଲିଭର ସମସ୍ୟା, କ୍ୟାନ୍‌ସର ଏବଂ ବିଭିନ୍ନ କ୍ରୋନିକ୍ ସମସ୍ୟା ସୃଷ୍ଟି ହୁଏ। କହିବାକୁ ଗଲେ ମଦ ହେଉଛି ଆଜୀବନ ଶରୀର ସମସ୍ୟା ସୃଷ୍ଟିକରୁଥିବା ଏକ ପ୍ରଭାବଶାଳୀ ବିଷ। ତେଣୁ ଯେତେବେଳେ ମାଦକଦ୍ରବ୍ୟ ପାନ କରୁଥିବା ବ୍ୟକ୍ତି କୋଭିଡ୍ ପଜିଟିଭ୍ ଚିହ୍ନଟ ହୁଅନ୍ତି ସର୍ବପ୍ରଥମେ ସେମାନଙ୍କର ଶ୍ୱାସନଳୀ ପ୍ରଭାବିତ ହୋଇ ତା'ପରେ ବହୁତ ଶୀଘ୍ର ଫୁସ୍‌ଫୁସ୍‌କୁ ଅମ୍ଳଜାନ ସରବରାହ ବନ୍ଦ ହୋଇଯାଉଛି। ଏହାର ପ୍ରଭାବ ଏତେ କ୍ଷତିକାରକ ହେଉଛି ଯେ, ଅମ୍ଳଜାନ ସିଲିଣ୍ଡର ଏବଂ ଭେଣ୍ଟିଲେଟର ପ୍ରଭୃତି ମଧ୍ୟ ସେହି ରୋଗୀଙ୍କୁ ଜୀବନଦାନ ଦେବାରେ ସମର୍ଥ ହେଉନାହିଁ। ତେଣୁ ଏହି ସବୁ ମନ୍ଦ ଅଭ୍ୟାସ ରଖିଥିବା ଅନେକ ବ୍ୟକ୍ତି ବର୍ତ୍ତମାନ କୋଭିଡ୍ ଦ୍ୱାରା ସଂକ୍ରମିତ ହୋଇ ଅକାଳରେ ପ୍ରାଣ ହରାଇବା ସହିତ ନିଜ ପରିବାରର ସୁଖସମୃଦ୍ଧିକୁ ଉଜାଡ଼ି ଦେଉଛନ୍ତି।

'ମଦ' ଭାରତରେ ଏକ ଏଭଳି ବିଷାକ୍ତ ପରିବେଶ ସୃଷ୍ଟି କରିଛି, ଯାହା ଦିନକୁ ଦିନ ଭାରତର ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ବିଶେଷକରି ଭାରତର ଜନସଂଖ୍ୟାର ଅର୍ଦ୍ଧାଧିକ ହେଉଛନ୍ତି ଯୁବକ ଏବଂ ଯୁବତୀ। ଭାରତୀୟ ଯୁବବର୍ଗ ଚାହିଁଲେ ବିଶ୍ୱ ପରିବର୍ତ୍ତନ କରିପାରିବେ। କିନ୍ତୁ ବିଡ଼ମ୍ବନାର ବିଷୟ ଭାରତର ଯୁବବର୍ଗର ଏକ ସିଂହଭାଗ ମଦକୁ ଆଶ୍ରୟ କରି ଜୀବନ କାଟନ୍ତି। ମଦ ଭାରତର ଅନେକ ଯୁବକଙ୍କୁ କରିଦେଇଛି ଅକର୍ମଣ୍ୟ, ଅଭାବଗ୍ରସ୍ତ ଏବଂ ଏକ ଅଭିଶପ୍ତ ଜୀବନର ନମୁନା। ଧନୀ ଏବଂ ଗରିବ ଆଜି ଭାରତର ଅଧିକାଂଶ ଘର ମଦର କବଳରେ କବଳିତ। ତନ୍ମଧ୍ୟରେ ବିଷାକ୍ତ ମଦର ପ୍ରଭାବ ମଧ୍ୟ କିଛି କମ୍ ନୁହେଁ। ମଦକୁ ଜୀବନର ଆୟୁଧ କରି ବଞ୍ଚୁଥିବାର ନମୁନା ପ୍ରତି ଗାଁ ଗହଳିରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ପରିବ୍ୟାପ୍ତ।

ଆଜିର କରୋନା ବିଭୀଷିକା ସମୟରେ ମାନବସମାଜ ନିଜର ନୀଚ ଅଭିରୁଚିକୁ ଯଥାଶୀଘ୍ର ପରିବର୍ତ୍ତନ କରିବା ଆବଶ୍ୟକ। ଜୀବନର ଆରମ୍ଭ ଭଗବାନଙ୍କର ଅମୃତସ୍ପର୍ଶରେ ହୋଇଥାଏ । ବାପା ଏବଂ ମା'ଙ୍କର ଦିବ୍ୟ ସାନ୍ନିଧ୍ୟରେ ସୃଷ୍ଟି ହୋଇଥିବା ନୂତନ ଜୀବନଟିକୁ ମଦ୍ୟପାନ କରି ନିଜ ହସ୍ତରେ ଅନର୍ଥ କରିଦେବା ଅପେକ୍ଷା ଏ ଜୀବନର ସୁରକ୍ଷା କରିବା ଆମ୍ଭର ସର୍ବପ୍ରଥମ କର୍ତ୍ତବ୍ୟ ହେଉ। ଜୀବନର ସୃଷ୍ଟି ହୋଇଛି ମାନେ ନିଶ୍ଚୟ ଦିନେ ନା ଦିନେ ବିଦାୟ ନେବ। କିନ୍ତୁ ନିଶାଦ୍ରବ୍ୟ ସେବନ କରି ଜୀବନକୁ ନଷ୍ଟ କରିଦେବା ସମାଜ ଏବଂ ଭଗବାନଙ୍କ ସମ୍ମୁଖରେ ନିଶ୍ଚୟ ଘୃଣ୍ୟତର କାର୍ଯ୍ୟର ନମୁନା। ତେଣୁ ମାଦକଦ୍ରବ୍ୟ ସେବନ କରୁଥିବା ପ୍ରତିଟି କୋଭିଡ୍ ରୋଗୀ ଯୋଗ, ପ୍ରାଣାୟାମ କରିବା ପୂର୍ବକ ଏବଂ ଡାକ୍ତରଙ୍କର ସମସ୍ତ ପରାମର୍ଶକୁ ସମ୍ମାନ ଦେବା ସହିତ ଭବିଷ୍ୟତ ଜୀବନରେ ନିଜର କୁଅଭ୍ୟାସଠାରୁ ଦୂରେଇ ରହିବା ପାଇଁ ସଂକଳ୍ପବଦ୍ଧ ହେବା ଏକାନ୍ତ ଆବଶ୍ୟକ। ଏହି ସଂକଳ୍ପ ହିଁ ସେମାନଙ୍କୁ କରୋନା କବଳରୁ ରକ୍ଷା କରିପାରିବ।

ଅଧ୍ୟାପକ, ସଂସ୍କୃତସାହିତ୍ୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି (ଆ.ପ୍ର.)
ମୋ:୮୮୯୭୪୨୬୨୪୩

## ଏଇ ଭାରତରେ

କୋଭିଡ୍ ମହାମାରୀରେ ରୋଜଗାର ହରାଇଥିବା ଶ୍ରମିକ ତଥା ଅସହାୟମାନଙ୍କର ସାହାରା ପାଲଟିଛନ୍ତି ଅଙ୍କଶା ସାଡେକର। ପୁଣେରେ ରହନ୍ତି ସେ। ପୁରୁଷୋତ୍ତମ ମାଳତୀ ଫାଉଣ୍ଡେଶନ ପ୍ରତିଷ୍ଠା କରି ତା' ମାଧ୍ୟମରେ ବିଭିନ୍ନ ସ୍ଥାନରେ ଦେହଜୀବୀ, ରାସ୍ତା କଡ଼ରେ ରହୁଥିବା ଲୋକ ଏବଂ ଅନ୍ୟ ଅଭାବୀମାନଙ୍କୁ ପ୍ରତିଦିନ ମାଗଣାରେ ୭,୦୦୦ ମିଲ୍ ଦେଉଛନ୍ତି। ନଭେମ୍ବର ୨୦୨୦ରେ ଜଣେ ଅସହାୟ ବ୍ୟକ୍ତି ଉପବାସ ରହିଥିବା ସୋସିଆଲ ମିଡ଼ିଆରୁ ଜାଣି ତାଙ୍କୁ ମାଗଣାରେ ମିଲ୍ ଦେବା ଆରମ୍ଭ କରିଥିଲେ ଓ ପରେ ଏଥିରେ ଅଧିକ ଅସହାୟଙ୍କୁ ସାମିଲ କଲେ। ମାଗଣାରେ ଦେଉଥିବା ମିଲ୍ ସଂଖ୍ୟା ଏବେ ବୃଦ୍ଧି ପାଇ ୭,୦୦୦ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨,୫୦୦ଜଣଙ୍କୁ ଦିନକୁ ତିନୋଟି ମିଲ୍ ସେ ଦେଉଛନ୍ତି। ପୁଣେରେ ତାଙ୍କ ସଂସ୍ଥା ୪୦ ଟଙ୍କା ମୂଲ୍ୟରେ ୮,୦୦୦ ମିଲ୍ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଉଛି ଏବଂ ଏଥିରୁ ଯାହା ଆୟ ହେଉଛି ସେଥିରୁ ମାଗଣାରେ ଖାଦ୍ୟ ଯୋଗାଇବା ଖର୍ଚ୍ଚ ଭରଣା କରାଯାଉଛି। ଏଥିପାଇଁ ଯାହା ଅଭାବ ପଡୁଛି ତାହା ଲୋକଙ୍କଠାରୁ ପ୍ରାପ୍ତ ଅନୁଦାନରେ ଭରଣା କରାଯାଉଛି। ଏବେ ତାଙ୍କ ପାଖକୁ ପ୍ରତିଦିନ ଅର୍ଡର ଆସିବାରେ ଲାଗିଛି ଓ ମିଲ୍ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଅଙ୍କଶା ମଧ୍ୟ ୧,୦୦୦ ରାଶନ କିଟ୍ ବାଣ୍ଟିଛନ୍ତି। ସକାଳ ୯ଟାରୁ ଅର୍ଡର ପାଇଁ କଲ୍ ଓ ମେସେଜ୍ ସେ ରିସିଭ୍ କରିଥାନ୍ତି। ସନ୍ଧ୍ୟା ୫ଟାରୁ ରାତି ୧୦ଟା ମଧ୍ୟରେ ଖାଦ୍ୟ ଲୋକଙ୍କ ନିକଟରେ ପହଞ୍ଚାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୯୬

- ବିଶ୍ୱ ତଥା ଅଲିମ୍ପିକ୍ ଚାମ୍ପିୟନ ଜାନ ଜେଲେଜନି ଜାଭେଲିନ ଥ୍ରୋରେ ୯୮.୪୮ ମିଟର ଫିଙ୍ଗି ନୂତନ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି।
- ମିର୍ଜାପୁର ଜିଲାର କାଟକା ରେଳଷ୍ଟେସନ ନିକଟରେ ଏକ ଲେବଲକ୍ରସିଂରେ ବାରାଣସୀ-ଆଲାହାବାଦ ପାସେଞ୍ଜର ଟ୍ରେନ୍ ବରଯାତ୍ରୀ ନେଇ ଯାଉଥିବା ଟ୍ରାକ୍ଟର ଉପରେ ମାଡ଼ିଯିବାରୁ ୨୨ ଜଣଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 4 | | 2 | | 9 | | 7 | |
| | | | | | 8 | 4 | | 9 |
| | 7 | | | | | | | |
| | 8 | 6 | | | 4 | 5 | | 2 |
| | | 9 | | 5 | | | | 1 |
| | | | 3 | | | | 6 | |
| 4 | | | 1 | | | | | |
| 2 | | | | | | | | |
| | | | | 7 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 1 | 7 | 9 | 8 | 2 | 5 |
| 5 | 7 | 9 | 8 | 2 | 3 | 6 | 4 | 1 |
| 8 | 1 | 2 | 6 | 5 | 4 | 9 | 7 | 3 |
| 2 | 5 | 1 | 7 | 3 | 8 | 4 | 9 | 6 |
| 9 | 8 | 3 | 5 | 4 | 6 | 7 | 1 | 2 |
| 7 | 6 | 4 | 9 | 1 | 2 | 5 | 3 | 8 |
| 6 | 2 | 7 | 4 | 8 | 1 | 3 | 5 | 9 |
| 1 | 9 | 5 | 3 | 6 | 7 | 2 | 8 | 4 |
| 4 | 3 | 8 | 2 | 9 | 5 | 1 | 6 | 7 |

ଗତକାଲିର ଉତ୍ତର

# ଲକ୍ଷ୍ମଣଙ୍କ ତିନିଗାର



ଅଭିମନ୍ୟୁ ଧଳ

ସ୍ୱର୍ଣ୍ଣ ହରିଣୀକୁ ଧରିବା ପାଇଁ କୁଟୀରଠାରୁ ବହୁ ଦୂରକୁ ପଳାଇ ଯାଇଥିବା ରାମଚନ୍ଦ୍ରଙ୍କ କଣ୍ଠସ୍ୱରରେ ମାୟାବୀ ରାକ୍ଷସ ମାରୀଚ 'ତ୍ରାହି ଲକ୍ଷ୍ମଣ, ତ୍ରାହି ଲକ୍ଷ୍ମଣ' ଡାକିବାରୁ ବିଚଳିତା ମା' ସୀତା ଲକ୍ଷ୍ମଣଙ୍କୁ ନାନା କଟୁକଥା କହିବା ପରେ ସୀତାଙ୍କ ନିରାପତ୍ତା ପାଇଁ କୁଟୀର ସାମ୍ନାରେ ତିନିଗାର ଟାଣିଦେଲେ ଏବଂ ଏହାକୁ ଉଲ୍ଲଂଘନ କଲେ ବିପଦ ଆସିବ ବୋଲି ସତର୍କ କରାଇଦେଲେ, ବର୍ତ୍ତମାନ ଆମେ ତାହାକୁ କୋଭିଡ୍-୧୯ ନିୟମାବଳୀ କହୁଛେ। ଲକ୍ଷ୍ମଣଙ୍କ ତିନିଗାର ଆମ୍ଭମାନଙ୍କ ପାଇଁ ହେଲା ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ରକ୍ଷାକରିବା ଓ ହାତଧୋଇବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ସ୍ୱାସ୍ଥ୍ୟ ବିଜ୍ଞାନୀ, ଡାକ୍ତରଙ୍କଠାରୁ ଆରମ୍ଭ କରି ସରକାର, ସ୍ୱେଚ୍ଛାସେବୀମାନେ ଆମକୁ ବାରମ୍ବାର ଏ ବିଷୟରେ ସଚେତନ ଓ ସତର୍କ କରାଇଲେ ମଧ୍ୟ ଆମର ଅମାନିଆ ଗୁଣ ଯୋଗୁ ସମଗ୍ର ଭାରତ କରୋନା ଆଁ ଭିତରେ। ମା' ସୀତା ଯେପରି ତିନିଗାର ଉଲ୍ଲଂଘନ କରି ରାବଣ ଦ୍ୱାରା ଅପହୃତା ହେଲେ, ଆମେ ସେମିତି ତିନୋଟି ନିୟମ ଉଲ୍ଲଂଘନ କରି କରୋନା ରାକ୍ଷସ କବଳରେ।

ପ୍ରଥମଥର ଅର୍ଥାତ୍ ୨୦୧୯ରେ ଯେତେବେଳେ ଏହି ମାରାତ୍ମକ ଭୂତାଣୁ ଚାଇନାର ଉହାନ୍ ପ୍ରଦେଶରେ ପ୍ରଥମେ ଦେଖାଦେଲା, ସେତେବେଳେ ସମଗ୍ର ବିଶ୍ୱ ଏହାକୁ ଖାମଖିଆଲ କରିବାରୁ ଏହା ୨୦୨୦ ବେଳକୁ ୨୧୯ ଦେଶ ଏପରିକି ଜନବସତିଶୂନ୍ୟ ଆଣ୍ଟାର୍କଟିକାକୁ ମଧ୍ୟ ଛୁଇଁଲା। ସେ ସମୟରେ ଆମର ବିଳମ୍ବିତ ସତର୍କତା ଯୋଗୁ ସମଗ୍ର ଦେଶକୁ ଗ୍ରାସକଲା। ନିଜ ମୁଣ୍ଡରୁ ଦୋଷ କାଢ଼ିବା ପାଇଁ ଚାଇନା ଉପରେ ଦୋଷ ଲଦିଦେଲେ। ବର୍ତ୍ତମାନ ପ୍ରଶ୍ନଉଠେ- ଯେଉଁଠି ଏହି ମାରାତ୍ମକ ଭୂତାଣୁର ଉତ୍ପତ୍ତିସ୍ଥଳ, ଅଧୁନା ସେଠାରେ ଲୋକେ ଶାନ୍ତିରେ ଜୀବନ କାଟୁଥିବାବେଳେ ଆମେ କାହିଁକି ମୃତ୍ୟୁ ପଞ୍ଜୁରିରେ ଛଟପଟ ହେଉଛେ? ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ଯେପରି କରାଳ ରୂପ ଧାରଣ କରି ହଜାର ହଜାର ଜୀବନ ନେଇଚାଲିଛି, କୋଟି କୋଟି ଗରିବ, ଖଟିଖିଆ, ଶ୍ରମିକଙ୍କ ଜୀବିକା ଛଡ଼ାଇ ନେଲାଣି, ତା'ର କାରଣ ଆମେ। ଆମେ ଅର୍ଥାତ୍ ସାଧାରଣ ଲୋକେ ନୁହନ୍ତି, ଯେଉଁମାନେ ଜନତାଙ୍କ ସୁରକ୍ଷା ଦାୟିତ୍ୱ ବହନ କରିବାର ଶପଥ ନେଇ ଦେଶ ଶାସନ କରୁଛନ୍ତି ଓ ଉଚ୍ଚ ପଦପଦବୀରେ ଆସୀନ।

ଇଂଲଣ୍ଡ ଓ ଭାରତ କ୍ରିକେଟ ସିରିଜ୍‌ରେ ଖେଳାଯାଇଥିବା ଟେଷ୍ଟ, ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଲକ୍ଷାଧିକ ଦର୍ଶକଙ୍କ ସମାବେଶ ଘଟିଲା। ଖେଳାଳିଙ୍କର ସିନା କରୋନା ଟେଷ୍ଟ ହେଲା, କିନ୍ତୁ ଦର୍ଶକଙ୍କର ନୁହେଁ। ବିନା ମାସ୍କ ଓ ସାମାଜିକ ଦୂରତା ନ ଥିବା ଲକ୍ଷ ଲକ୍ଷ ଦର୍ଶକଙ୍କ ଦ୍ୱାରା କରୋନା ପ୍ରଥମ ନୀରବରେ କାୟା ବିସ୍ତାର କଲା। ଟୋକିଓରେ ହେବାକୁ ଥିଲା ଅଲିମ୍ପିକ୍, ବର୍ତ୍ତମାନ ସନ୍ଦେହରେ। ଭାରତର କ୍ରିକେଟ୍ ପରିଷଦକୁ ଅନୁମତି ମିଳିଲା କେମିତି। ଏ ପର୍ଯ୍ୟନ୍ତ ଏହା ବିରୋଧରେ କାହାରି ପ୍ରତିବାଦ ଉଠିଲାନି। ଆଇପିଏଲ୍ ମ୍ୟାଚ୍‌ରେ ଦର୍ଶକ ନ ଥାଇ ମଧ୍ୟ ପରୋକ୍ଷ ଭାବେ ଏହା କ୍ଷତି କଲା। ଯେଉଁ ଦେଶରେ ଲକ୍ଷ ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି, ଦୈନିକ ଚାରିହଜାର ପାଖାପାଖି ଲୋକ ଆଖି ବୁଜୁଛନ୍ତି କରୋନାରେ, ମେଡିକାଲରେ ବେଡ୍ ନାହିଁ, ରୋଗୀ ଡାକ୍ତରଖାନାରୁ ଡାକ୍ତରଖାନା ବୁଲି ରାସ୍ତାରେ ପ୍ରାଣ ହରାଉଛନ୍ତି, ଅକ୍ସିଜେନ୍‌ର ଅଭାବ, ଟିକାର ଅଭାବ, ମୃତଦେହ ସଂସ୍କାର ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି, ସେଠାରେ କ୍ରିକେଟ ଖେଳ ହେଲା କ'ଣ ପାଇଁ?

କେରଳ, କର୍ନାଟକ, ଆସାମ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ଯେଉଁ ଢଙ୍ଗରେ ନିର୍ବାଚନ ପ୍ରଚାର କରାଗଲା, ଲକ୍ଷ ଲକ୍ଷ ଲୋକଙ୍କ ସମାବେଶରେ ନା ଥିଲା ମୁହଁରେ ମାସ୍କ ନା ସାମାଜିକ ଦୂରତା। ଯେଉଁମାନଙ୍କ ହାତରେ ଦେଶର ସୁରକ୍ଷା ଦାୟିତ୍ୱ, ସେଇମାନେ ଏହାକୁ ଖୁଲମ୍‌ଖୁଲା ଉଲ୍ଲଂଘନ କଲେ। କାହାରି ପ୍ରତିବାଦ ଆସିଲା ନାହିଁ। ନେତା ଓ ଜନତା ଭୁଲିଗଲେ କରୋନା ନିୟମ। ସେତେବେଳେ କ'ଣ କରୋନା ସମ୍ପୂର୍ଣ୍ଣ ବିଲୋପ ହୋଇଥିଲା? 'ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଭଳି କଥା। ଘଟଣା ଘଟିଗଲା ପରେ ପୋଲିସ ଆସେ। ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ ମାଡ୍ରାସ ହାଇକୋର୍ଟ ନିର୍ବାଚନ କମିଶନଙ୍କୁ ଦୋଷ ଦେଉଛନ୍ତି। ନିର୍ବାଚନ ପ୍ରଚାର ଉପରେ ରୋକ ଲଗାଯାଇପାରିଥିଲେ ଘଟଣା ଏତେବାଟ ଯାଇ ନ ଥା'ନ୍ତା।

ପ୍ରତି ୧୨ ବର୍ଷରେ ଥରେ ହରିଦ୍ୱାରଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ। ୨୦୧୦ରେ ହୋଇଥିବା କୁମ୍ଭମେଳା ୨୦୨୨ରେ ହେବା କଥା। ଏହାକୁ ଏକବର୍ଷ ପୂର୍ବରୁ କରାଇବା ପୁଣି କରୋନା ସମୟରେ, ଏହା କିପରି କଥା। ଏହି ମେଳାରେ ଅନେକ ଲକ୍ଷ ଭକ୍ତଙ୍କ ସମାଗମ ଓ କରୋନା ନିୟମକୁ କିପରି ଉଲ୍ଲଂଘନ କରାଗଲା ଏଥିପାଇଁ ସମ୍ପୃକ୍ତ ରାଜ୍ୟ ସରକାର ଦାୟୀ। ଧର୍ମର ଦ୍ୱାହି ଦେଇ କୋଟି କୋଟି ଲୋକଙ୍କୁ ମରଣ ମୁହଁକୁ ଠେଲିଦେବା, କେଉଁ ଧର୍ମ ରକ୍ଷା କରିବ। ଆମର ଏପରି ଅପରିଣାମଦର୍ଶିତା କାର୍ଯ୍ୟ ପାଇଁ ବିଶ୍ୱ ନିକଟରେ ନିନ୍ଦିତ। ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଚାଲିଛି। ଗଣତନ୍ତ୍ର ରାଷ୍ଟ୍ର ଭାରତରେ ସମସ୍ତଙ୍କ କଣ୍ଠରୋଧ ହୋଇଯାଇଛି। ଏସିଆରେ ଚିହ୍ନଟ ନୂଆ ମାମଲା ମଧ୍ୟରେ ୭୦% ଭାରତରେ। ଅମାନିଆଙ୍କ ଦୌରାତ୍ମ୍ୟ କମୁନାହିଁ। ଏମାନଙ୍କଠାରୁ ମାସକରେ କୋଟି କୋଟି ଟଙ୍କା ଜରିମାନା ଆଦାୟ ହୋଇଛି। ଆଇନ ଉଲ୍ଲଂଘନ କରି ଗିରଫ ହେଉଛନ୍ତି। ମାର୍କେଟ ଓ ସଂସ୍ଥା ସିଲ୍ ହେଉଛି। ଏହା ବ୍ୟତୀତ ହଜାର ହଜାର ଗାଡ଼ି ମଧ୍ୟ ଜବତ ହୋଇଛି।

ବିଗତ କେତେଦିନ ହେବ ଆମ ରାଜ୍ୟ ନୁହେଁ, ସାରା ଭାରତରେ ଟିକାର ଅଭାବ ଦେଖାଦେଇଛି। ପ୍ରଥମ ଟିକା ନେଇଥିବା ଲୋକେ ଦ୍ୱିତୀୟ ଟିକା ଠିକ୍ ସମୟରେ ପାଇବା ସନ୍ଦେହରେ। କେତେକ ଦେଶ ଟିକା ପାଇଁ ଆଡ୍‌ଭାନ୍ସ ଅର୍ଥ ଦେବାବେଳେ ଭାରତ ଚୁପ୍ ରହିଲା କାହିଁକି? ବର୍ତ୍ତମାନ ଏହି କରାଳ ମୃତ୍ୟୁ ଦାଉରୁ ବଞ୍ଚିବା ପାଇଁ ଟିକା ଏକମାତ୍ର ଉପାୟ। ଦେଶର ଦୂରଦୃଷ୍ଟିର ଅଭାବ ଯୋଗୁ ଆମକୁ ତା'ର ପରିଣାମ ଭୋଗିବାକୁ ପଡୁଛି। ଟିକା ନ ନେବା ପର୍ଯ୍ୟନ୍ତ ଲକ୍ଷ୍ମଣଙ୍କ ତିନିଗାର ମଧ୍ୟରେ ଆମକୁ ରହିବାକୁ ପଡ଼ିବ। 'ତୋତେ ହିଁ ତୁହି ରକ୍ଷା କର' ସମୟ ଉପସ୍ଥିତ। ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ସହିତ ସାମ୍ନା କରିବାକୁ ପଡୁଛି। ବିପଦ ନିଶ୍ଚୟ ଟଳିଯିବ, ଆମକୁ ଧୈର୍ଯ୍ୟ ତଥା ସତର୍କତା ସହିତ ଚଳିବାକୁ ହେବ। ଜୀବନ ଓ ଜୀବିକା ଉଭୟ ଆମ ପାଇଁ ଜରୁରୀ। କିନ୍ତୁ ଏ ଜୀବ ଥିଲେ ସର୍ବ ପାଇ। ତେଣୁ ଜୀବନ ରକ୍ଷା ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ: ୯୮୬୧୦୪୮୦୫୨

## ପାଠକ ଶ୍ରେଷ୍ଠ ବିଚାରକ

### ଐତିହାସିକ ଗାଁକୁ ରାସ୍ତା କେବେ?

ମହାଶୟ,

ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀ ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର ଆମ ଗାଁ ଅରାଗଡ଼ ଏକ ଐତିହାସିକ ଗାଁ। ଗାଁର ଅଧିକାଂଶ ଲୋକ ଚାଷୀ। ଦୁଃଖର କଥା, ଦେଶ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ରାତିରେ ଗାଁରୁ ରୋଗୀଟିଏ ନେଇ ଜଟଣୀ ଯିବାରେ ବହୁ ଅସୁବିଧା ହେଉଛି। ଅନେକ ସମୟରେ ଅନ୍ଧାରରେ ଦୁର୍ଘଟଣାମାନ ଘଟୁଛି। ପିପିଲି ଉପନିର୍ବାଚନ ପରିପ୍ରେକ୍ଷୀରେ ସରକାର ଅରାଗଡ଼ ପାହାଡ଼ରେ ଥିବା ବୌଦ୍ଧ କୀର୍ତ୍ତିରାଜି ଏବଂ ରାସ୍ତାଘାଟର ନିର୍ମାଣ ପାଇଁ ୧ କୋଟି ଟଙ୍କା ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାମ ହୋଇନାହିଁ। ପକ୍କା ରାସ୍ତାଟିଏ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନକୁ ଜଣାଇଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। କରୋନା ରୋଗୀମାନଙ୍କୁ ଡାକ୍ତରଖାନା ନେବା ପାଇଁ ଯୁଦ୍ଧକାଳିନ ଭିତ୍ତିରେ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିଲେ ଆମ ଗାଁର ଲୋକମାନେ ଉପକୃତ ହୋଇପାରନ୍ତେ।

-ପ୍ରକାଶ କୁମାର ସାମନ୍ତରାୟ, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ-ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା!   -(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରଥମ ଓଡ଼ିଆ ଉପନ୍ୟାସ 'ପଦ୍ମମାଳୀ'

## ଅତୀତର ବହି



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରକାଶିତ ଉପନ୍ୟାସ 'ପଦ୍ମମାଳୀ'। ଉମେଶ ଚନ୍ଦ୍ର ସରକାରଙ୍କର ଏହି ମହନୀୟ ସୃଷ୍ଟି କଟକ ପ୍ରିଣ୍ଟିଂ କମ୍ପାନୀ, କଟକଙ୍କ ଦ୍ୱାରା ୧୮୮୯ରେ ପ୍ରକାଶ ପାଇଥିଲା। ଏହାକୁ ଲେଖକ ''Padmamali: An Historical Romance of the Tributary Mahals'' ଓଡ଼ିଆ ଗଡ଼ଜାତର ଏକ ଐତିହାସିକ ଉପନ୍ୟାସ ରୂପେ ପ୍ରକାଶ କରିଥିଲେ। ୧୮୮୯ରେ ପଦ୍ମମାଳୀ ପ୍ରକାଶିତ ହୋଇଥିଲେ ମଧ୍ୟ ଏହାର ଭୂମିକା ୧୯ ଅକ୍ଟୋବର ୧୯୮୮ରେ ଲେଖା ହୋଇଥିଲା। ପ୍ରଥମ ସଂସ୍କରଣକୁ ଦେଖି ନ ଥିବା ଅନେକ ସମାଲୋଚକ ପରବର୍ତ୍ତୀ ସଂସ୍କରଣରୁ ପ୍ରଥମ ସଂସ୍କରଣର ଭୂମିକା ଦେଖି ପଦ୍ମମାଳୀ ୧୯୮୮ରେ ପ୍ରକାଶ ପାଇଥିବା ବିଶ୍ୱାସ କରନ୍ତି। ଏହି ଭ୍ରମର ବଶବର୍ତ୍ତୀ ହୋଇ ଶାନ୍ତିନିକେତନ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ୧୯୮୮କୁ ଉପନ୍ୟାସ ଶତବାର୍ଷିକ ରୂପେ ପାଳନ କରିଥିଲେ।

ପଦ୍ମମାଳୀ ୨ୟ ସଂସ୍କରଣ ତାଳଚେର କିଶୋର ପ୍ରେସ୍‌ରୁ ୧୯୧୨ରେ, ୩ୟ ସଂସ୍କରଣ ଲକ୍ଷ୍ମୀନାରାୟଣ ପ୍ରେସ୍ କଟକରୁ ୧୯୩୦ରେ ପ୍ରକାଶିତ। ଉମେଶ ଚନ୍ଦ୍ର ପ୍ରଥମ ସଂସ୍କରଣ ଅପେକ୍ଷା ୨ୟ ସଂସ୍କରଣରେ ଅନେକ ପରିମାର୍ଜନ ଓ ପରିବର୍ଦ୍ଧନ କରିଥିଲେ। ପ୍ରଥମ ସଂସ୍କରଣର କିଛି ପରିଚ୍ଛେଦ ବାଦ୍ ଦେଇ ୨ୟ ସଂସ୍କରଣରେ କିଛି ନୂତନ ପରିଚ୍ଛେଦ ସଂଯୋଗ କରିଛନ୍ତି। ଏହି ଖଣ୍ଡନ ମଣ୍ଡନ ପ୍ରକ୍ରିୟା ଉମେଶ ଚନ୍ଦ୍ରଙ୍କ ଅପୂର୍ବ ସୃଜନଶୀଳତାର ସ୍ୱାକ୍ଷର ବହନ କରେ। ୨ୟ ସଂସ୍କରଣ ଅନୁସାରେ ପରବର୍ତ୍ତୀ ସଂସ୍କରଣଗୁଡ଼ିକ ମୁଦ୍ରିତ।

ଉମେଶ ଚନ୍ଦ୍ର ସରକାର ୧୮୫୭ରେ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଈଶ୍ୱର ଚନ୍ଦ୍ର ସରକାରଙ୍କ ଦୁଇ ପୁତ୍ର ଓ ଏକ କନ୍ୟା ମଧ୍ୟରୁ ଉମେଶ ଚନ୍ଦ୍ର ସର୍ବକନିଷ୍ଠ। ଅଳ୍ପ ବୟସରେ ଈଶ୍ୱର ଚନ୍ଦ୍ରଙ୍କ ମୃତ୍ୟୁ ହେବାରୁ ମାତା, ଜ୍ୟେଷ୍ଠ ଭ୍ରାତା ଓ ଭଗିନୀ ସହିତ ଉମେଶ ଚନ୍ଦ୍ର କଟକ ଚାଲିଆସନ୍ତି। ବିଏ ପାସ୍ କଲା ପରେ ସେ ଓଡ଼ିଶାର କମିଶନରଙ୍କ ଅଫିସରେ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ହେତୁ ସେ ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର, ତାଳଚେର ଓ କନିକାର ମ୍ୟାନେଜର ପଦମାନ ଅଳଂକୃତ କରିଥିଲେ। ଢେଙ୍କାନାଳରେ କାର୍ଯ୍ୟ କରୁଥିବାବେଳେ ପଦ୍ମମାଳୀ ପ୍ରକାଶ ପାଇଲା। କନିକାରେ ଥିବା ସମୟରେ ଅସୁସ୍ଥତା ଯୋଗୁଁ ସେ ରାଜକାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ୧୮୯୮ ଫେବୃୟାରୀରେ ସ୍ନାୟବିକ ଦୌର୍ବଲ୍ୟ ଯୋଗୁଁ ଓ ପାରିବାରିକ ଅସୁବିଧା ଦର୍ଶାଇ ସେ ତିନିମାସ ଛୁଟି ଆବେଦନ କରିଥିଲେ। କଟକ କଲେକ୍ଟର ଓ ସିଭିଲ ସର୍ଜନ ଡକ୍ଟର ଦୋରାବ ତାଙ୍କୁ ବାଧକରି ଦୁଇବର୍ଷର ଛୁଟି ମଞ୍ଜୁର କରିଥିଲେ। ଏହି ଅନ୍ୟାୟ ବିରୁଦ୍ଧରେ ସେ କଲେକ୍ଟଠାରୁ ଆରମ୍ଭକରି ଓଡ଼ିଶା ଟ୍ରିବ୍ୟୁଟାରୀ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ତଥା ଛୋଟଲାଟଙ୍କୁ ଆବେଦନ କରି ବିଫଳ ହୋଇଥିଲେ। ସେ ବ୍ରିଟିଶ୍ ସରକାରଙ୍କ ବନ୍ଦୋବସ୍ତ କାର୍ଯ୍ୟରେ ସାଧାରଣ ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ କରି ଲୋକହିତକର କାର୍ଯ୍ୟ କରିଥିବାରୁ ତାଙ୍କ ପ୍ରତି ଏହି ଚକ୍ରାନ୍ତ କରାଯାଇଥିଲା। ଏହା ବିରୁଦ୍ଧରେ ସେ ''The Temple of Truth'' (୧୮୯୯) ପୁସ୍ତକ ପ୍ରକାଶ କରି ପ୍ରଚାର କରିଥିଲେ। ଏହି ପୁସ୍ତିକାର ଓଡ଼ିଆ ଅନୁବାଦ 'ସତ୍ୟମନ୍ଦିର'କୁ ସେ ଲୋକଙ୍କ ମଧ୍ୟରେ ବାଣ୍ଟିଥିଲେ। ଚାକିରିବିହୀନ ଏହି ସାରସ୍ୱତ ସାଧକ ୧୯୦୪ ବେଳକୁ ଟିଉସନ୍ କରି ଜୀବିକା ନିର୍ବାହ କରିଥିଲେ ଏବଂ ପରେ ତାଳଚେର ଗଡ଼ଜାତରେ ଅଡିଟର ରୂପେ ବାଧ୍ୟ ହୋଇ କାର୍ଯ୍ୟ କରିଥିଲେ। ଏହି ସମୟରେ ପଦ୍ମମାଳୀର ୨ୟ ସଂସ୍କରଣ ପ୍ରକାଶ ପାଇଥିଲା। ୧୯୧୪ ସେପ୍ଟେମ୍ବର ୨ ତାରିଖରେ ସେ ଆମାଶୟ ରୋଗରେ ଦେହତ୍ୟାଗ କରିଥିଲେ।

ଉମେଶ ଚନ୍ଦ୍ର ପଦ୍ମମାଳୀ ବ୍ୟତିରେକେ ଯତୋଧର୍ମ ସ୍ତତୋଜୟଃ (ଐତିହାସିକ ପ୍ରହସନ-୧୯୦୧) ଢଗଢମାଳି, ମହିମ୍ନସ୍ତବ, ସହଜ ଇଂରାଜୀ ଶିକ୍ଷା ୧ମ ଭାଗ, Easy way to learn English, Speaking the truth ପ୍ରଭୃତି ପୁସ୍ତକ ରଚନା କରିଥିଲେ। ଶ୍ରୀ ଉଦାସୀ ଛଦ୍ମନାମରେ 'ମୁକୁର' ୨ୟ ବର୍ଷ ସପ୍ତମ-ଅଷ୍ଟମ ସଂଖ୍ୟାରୁ ୩ୟ ବର୍ଷ ତୃତୀୟ-ଚତୁର୍ଥ ସଂଖ୍ୟା ପର୍ଯ୍ୟନ୍ତ ତାଙ୍କର ''କେନ୍ଦୁଝରର ବିଦ୍ରୋହ'' ଶୀର୍ଷକ ଉପନ୍ୟାସ ପ୍ରକାଶ ଲଭିଥିଲା। ଏହା ସାତୋଟି ପରିଚ୍ଛେଦ ବିଶିଷ୍ଟ ଓ ଅସଂପୂର୍ଣ୍ଣ। କେନ୍ଦୁଝରର ବିଦ୍ରୋହର ନେତା ରତ୍ନା ନାୟକଙ୍କୁ ଏହି ଉପନ୍ୟାସରେ ଜଣେ ଆଦର୍ଶବାଦୀ ସ୍ୱାଧୀନତା ସଂଗ୍ରାମୀର ସମ୍ମାନ ଦିଆଯାଇଛି।

'ପଦ୍ମମାଳୀ' ଉପନ୍ୟାସର କାହାଣୀ ଭାଗ ଇତିହାସ ନିର୍ଭରଶୀଳ। ଏହାର ଆତ୍ମା ସୂକ୍ଷ୍ମ ପ୍ରେମ ବର୍ଣ୍ଣନା ଦ୍ୱାରା ଅଭିଷିକ୍ତ। ପଦ୍ମମାଳୀ ଏକ ଘଟନା ପ୍ରଧାନ ଉପନ୍ୟାସ। ମୁଖ୍ୟ ନାୟିକା ପଦ୍ମମାଳୀ। ପାର୍ଶ୍ୱନାୟିକା ଜୟନ୍ତୀର ପ୍ରଣୟ ଉପାଖ୍ୟାନ ସଂଯୋଜିତ କରି ଲେଖକ ଏହାକୁ ରୋମାନ୍‌ସ ରୂପେ ଗଢ଼ିଛନ୍ତି। ଏଥିରେ ମୟୂରଭଞ୍ଜ ଅଞ୍ଚଳର ଭୌଗୋଳିକ ପରିବେଶ, ସାଂସ୍କୃତିକ ଚିତ୍ର ସହିତ ପାଞ୍ଚଗଡ଼, ନୀଳଗିରି, କପ୍ତିପଦା ପ୍ରଭୃତି ରାଜ୍ୟର କୂଟନୈତିକ ସମ୍ପର୍କ, ପ୍ରଜା ବିଦ୍ରୋହ ଓ ଶେଷରେ ବ୍ରିଟିଶ୍ ଶାସନର ହସ୍ତକ୍ଷେପ ଦ୍ୱାରା ଶାନ୍ତି ସ୍ଥାପନର ବୈଚିତ୍ର୍ୟ ପ୍ରଦର୍ଶିତ। ଏଥିରୁ ପଦ୍ମମାଳୀ ଇତିହାସ- ରାଜନୀତି ଆଧାରିତ ଏକ ସାମାଜିକ ରୋମାନ୍ସ ରୂପେ ପ୍ରତିଭାତ ହୋଇଛି।

ପଦ୍ମମାଳୀ ପ୍ରକାଶ ପରେ ବାଲେଶ୍ୱର ସମ୍ବାଦବାହିକା (୨.୫.୧୮୮୯), ଉତ୍କଳଦୀପିକା (୪.୫.୧୮୮୯) ଓ ସମ୍ବଲପୁର ହିତୈଷିଣୀ (୨୯.୧.୧୮୯୦)ରେ ଏହାର ସମୀକ୍ଷା ପ୍ରକାଶ ପାଇ ପ୍ରଥମ ଉପନ୍ୟାସ ରୂପେ ଅଭିନନ୍ଦିତ ହୋଇଥିଲା। ଉତ୍କଳଦୀପିକା ଏହାକୁ ପ୍ରଥମ ଉପନ୍ୟାସ କହି ଅଭିନନ୍ଦନ କରିବା ସହିତ ଭାଷାଗତ ଦୋଷ ଓ ରୁଚିଗତ ଦୋଷ ଦର୍ଶାଇଛି। ଦୀପିକାର ଏହି ମତ ଉପରେ ଏକ ଉତ୍ତର ଉମେଶ ଚନ୍ଦ୍ର ଲେଖିଥିଲେ। ଏଥିରୁ ଉମେଶ ଚନ୍ଦ୍ରଙ୍କ ନଭେଲ ଓ ରୋମାନ୍ସ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟର ତଥ୍ୟନିଷ୍ଠ ଅବବୋଧ ପ୍ରତିଫଳିତ ହୁଏ। ଦୀପିକା ଲେଖକଙ୍କୁ କେତେକ ସ୍ଥଳରେ ନୀତିଜ୍ଞତା ଦେଖାଇବା କଥା ଉପରେ ଉମେଶ ଚନ୍ଦ୍ର କହନ୍ତି- ''Novel ଓ Romance ଏକ ନୁହେଁ। Novelରେ ଲେଖକ କେବଳ ପ୍ରକୃତିର ଅବିକଳ ପ୍ରତିଛବି ଦେବାକୁ ଉଦ୍ଦେଶ୍ୟ କରନ୍ତି, କିନ୍ତୁ Romanceରେ (ଆପଣଙ୍କ ଭାଷାରେ) ଲେଖକଙ୍କ କଳ୍ପନା ନିରଙ୍କୁଶ ହୋଇ ରହେ ନାହିଁ। ଆପଣ ସମାଲୋଚନାରେ ଏ ବିଭିନ୍ନତାକୁ ଦୃଷ୍ଟିରେ ରଖି ନ ଥିବାରୁ ଆମ୍ଭେ ଏହା କହିବାକୁ ବାଧ ହେଲୁଁ। x x x ଆମ୍ଭେ ନୀତିଜ୍ଞତା ଦେଖାଇବା ପାଇଁ ପ୍ରୟାସୀ ହୋଇନାହୁଁ। ଆମ୍ଭେ ଇତିହାସ ଲେଖକ (Historian), ନୀତି ବିଷୟକ ଲେଖକ (Moralist) ନୋହୁଁ, Farce (ବୋଲି) ଲେଖକମାନେ ନୀତିଜ୍ଞତା ଦେଖାଇବାକୁ ଓ କୁରୁଚିର ସଂସ୍କାର କରିବାକୁ ଯତ୍ନ କରନ୍ତି, କିନ୍ତୁ ତାହା ଆମ୍ଭର କାର୍ଯ୍ୟ ନୁହେଁ, ଆମ୍ଭେ ଯାହା ଦେଖିବୁ ତାହା ଲେଖିବୁଁ।''(ଉତ୍କଳଦୀପିକା-୧୯.୫.୧୮୮୯)

ଉପନ୍ୟାସ ଉପରେ ଧାରଣା ଅସ୍ପଷ୍ଟ ଥିଲାବେଳେ ପଦ୍ମମାଳୀର ସୃଷ୍ଟି। ୧୮୮୭-୮୮ ସମକାଳର ସମ୍ବାଦପତ୍ରରେ ନୀଳଗିରି ଅଞ୍ଚଳର ଏକ ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା। ନୀଳଗିରିର ଝିଅଟିଏ ବିବାହ ପରେ ଶାଶୁଘରକୁ ଯାଉଥିଲାବେଳେ କିଛି ଅସାମାଜିକ ଯୁବକ ଟଣାଓଟରା କରନ୍ତି। ଫଳରେ ଶ୍ୱଶୁରଘର ଝିଅକୁ ଅସତୀ ବୋଲି ଗ୍ରହଣ କରନ୍ତି ନାହିଁ। ନୀଳଗିରି ଏକ ଅସଫଳ ରାଜ୍ୟ, ଯାହାର ଶାସନତନ୍ତ୍ର ଦୁର୍ବଳ ଓ ଅସ୍ଥିର ଫଳରେ ଗୁଣ୍ଡାରାଜ ଚାଲିଥିଲା। ଏହାର ସୂଚନା ଫକୀରମୋହନଙ୍କ ଆତ୍ମଜୀବନୀରୁ ମିଳିଥାଏ। ଏହି ଘଟଣାକୁ ଉପଜୀବ୍ୟ କରି ଉମେଶ ଚନ୍ଦ୍ର ଗଢ଼ିଛନ୍ତି ପଦ୍ମମାଳୀର କାହାଣୀ।

ପଦ୍ମମାଳୀ ପୂର୍ବରୁ ଓଡ଼ିଆ ପତ୍ରିକାରେ କିଛି ଉପନ୍ୟାସ ପ୍ରକାଶିତ। ସେଗୁଡ଼ିକ ହେଲା ଧନଞ୍ଜୟ ସିଂହ, ଇଟାଲୀୟ ଯୁବା (ଉତ୍କଳଦର୍ପଣ-୧୮୭୩), ରାମଶଙ୍କର ରାୟଙ୍କ ସୌଦାମିନୀ (ଉତ୍କଳମଧୁପ-୧୮୭୮), ଖଣ୍ଡେ ଉପନ୍ୟାସ (ମୟୂରଭଞ୍ଜ ପାକ୍ଷିକ



ପତ୍ରିକା-୩/୬,୧୮୮୦), ଗୋବିନ୍ଦ ରଥଙ୍କ ବୀରରମଣୀ ଶୁକଦେୟୀ ସାନ୍ତାଣୀ ଓ ଓଡ଼ିଆ ବୀର ମୂଳିଆ ଧଳ (ଉତ୍କଳଦୀପିକା-୧୮୮୩), ମଠର ସମ୍ବାଦ ଓ ଅନାଥିନୀ (ପ୍ରଦୀପ - ୧୮୮୫) ପ୍ରଭୃତି। ଏହା ପୂର୍ବରୁ 'ଫୁଲମଣି ଓ କରୁଣାର ବିବରଣ' (୧୮୫୭) ଏବଂ 'ମାଳତୀ ଓ ଭାଗ୍ୟବତୀ' ଉପନ୍ୟାସ ଦୁଇଟି ମିଶନାରୀମାନଙ୍କ ଉଦ୍ୟମରେ ଅନୁବାଦ ହୋଇ ଓଡ଼ିଆରେ ପ୍ରକାଶ ପାଇଥିଲା। ୧୮୫୭ରୁ ୧୮୮୯ ପର୍ଯ୍ୟନ୍ତ ଓଡ଼ିଆ ଉପନ୍ୟାସ ରଚନାର ଯେଉଁ ପରମ୍ପରା ଗଢ଼ି ଉଠିଥିଲା, ତାହାର ସଫଳତମ ଅଭିବ୍ୟକ୍ତି ଓ ପ୍ରଥମ ପୂର୍ଣ୍ଣାଙ୍ଗ ପୁସ୍ତକ ଭାବେ ପ୍ରକାଶିତ ଉପନ୍ୟାସ 'ପଦ୍ମମାଳୀ'।

ମୋ: ୯୪୩୭୨୫୬୧୭୬

## କବିତା

### ପରାଭୂତ

**ପ୍ରବୋଧ ରାଉତ**

ପ୍ରେମର ଇତିହାସ ପରି
ଭୋକର ଭୂଗୋଳ।
ସବୁତକ ବିଶ୍ୱାସ ତମକୁ ଦେଲି।
ଟୋପାଜ ବ୍ଲେଡ୍‌ରେ
ପେନ୍‌ସିଲ କାଟିବା ପରି
ମୁନିଆଁ କରି ଚାଲ।
ପ୍ରତି ମସୃଣ ଗ୍ରାଫାଇଟ୍‌ରେ
ଭାତ, ଭୋକ ଓ ଭାରତ।
ଏ ଲଢ଼େଇ ଆଉ କଅଣ କି ?
ମାନବତାର ଅନ୍ଧଗଳିରେ ବାଟବଣା
ଯେତେସବୁ ପ୍ରେମ ଓ ନିରୀଶ୍ୱରବାଦ ;
ଫିଙ୍ଗିଦବା ପୂର୍ବରୁ
ଶେଷଖଣ୍ଡ ଗ୍ରାଫାଇଟ୍‌ରେ
ଅଙ୍କା ଯାଇଥିବା ଈଶ୍ୱରଙ୍କ ଭ୍ରୂଣ
ଅଥବା
ବିଶ୍ୱାସର ବିଷ ସଞ୍ଚରିବାର ବେଳ
ଭୟର ସନ୍ନିଧାନରେ
ରୂପାନ୍ତରିତ ପେନ୍‌ସିଲ ମୁନ
ଶାଣଦିଆ କୃପାଣ।

ଫେରିବ ତ ଫେରୁ ଆମ୍ବୁଲାନ୍ସ
ସବୁଠି ଚାରିଛକକୁ ଛେକି ଦେଲେ
ପଡ଼ିବ ଶାହୀନବାଗ।
ଆସ୍ଥା ଆସ୍ଥାନର ପଶାପାଲିରେ
ମଥାର ମୁକୁଟ।
କୁନି ଝିଅର ହସ
କଅଁଳ ବାଛୁରୀ ଡିଆଁ ପରି
ନିରୁପଦ୍ରବ ସମୟ।
ଡାର୍‌ୱିନ ମରିସାରଛି ଅନେକ କାଳୁ।
ମଣିଷ ପ୍ରଜାତିର ସମୂହ ବିଲୋପ
ହାଃ... ଫୁଃ...
ଆଉ ଥରେ ଲେଖ ବିବର୍ତ୍ତନବାଦ
ତଥାପି ବଞ୍ଚିବ ଜୀବନ
କରୋନା ଭୂତାଣୁ ସଂକ୍ରମଣ ପରି
ଯେତେ ସରଳତମ
ହେଉଥାଉ ପଛେ ମରଣ।।

prabodhrout@gmail.com

### ଦୋକାନ

**ଭାଗ୍ୟଲିପି ମଲ୍ଲ**

ଦରକାରୀ ଚିଜ ସବୁ
ଚିତ୍ରପ୍ରତିମା ହୋଇ ଝୁଲୁଚି,
କିଏ କିଣୁଛି ଜୀବନ...
କିଏ ସ୍ୱପ୍ନ।
କିଏ ଦୁଃଖ, କିଏ ରମଣ,
ହରେକ୍ ରକମର ଚିଜ
ବିକ୍ରି ହୁଏ।
ଗରାଖ ବି ଭରପୂର
ଏଇ ବିକାକିଣାର ବିପଣୀରେ
ରାତିଦିନ।

ଦିନେ, ଜଣେ ଆସି ଖୋଜିଲା
ଚତୁର୍ଦ୍ଦଶୀର ଚନ୍ଦ୍ର...
ଆଉ ଜଣେ ଖୋଜିଲା ସନ୍ନ୍ୟାସ
ଓ ବନବାସ।
ଜଣେ ଖୋଜିଲା ମଲାଗଛର
ଛାଇ, ଜୋଛନା
ଓ କେବେ ଶୂନ୍ୟରୁ ଖସିପଡ଼ିଥିବା
କୋଉ ଏରାପକ୍ଷୀର
ଏକ ମଲାପର।
ଦୋକାନରେ ଏସବୁ କିଛି
ନ ଥିଲା।

କିଛିଦିନ ପରେ ଦୋକାନ ଉଜୁଡ଼ିଗଲା
ଦୋକାନୀ ଖୋଜିଗଲା
ମଲାପର, ଜହ୍ନଆଲୁଅ
ଧ୍ରୁବତାରାକୁ
ନୀହାରିକାମଣ୍ଡଳ।
ଦୋକାନ ସେମିତି ଖୋଲାଅଛି
ସେଇଦିନୁ, ବିକ୍ରିବଟା ନାହିଁ
ଦୋକାନୀ ବି ଏଯାଏ
ଦୋକାନକୁ ଫେରି ନାହିଁ।

ମୋ: ୮୯୧୭୩୩୨୫୮୫

### ଏବେ ଏକାଏକା

**ନୃସିଂହ ତରାଇ**

ଏବେ ମୁଁ ଏକା
ଖୁବ୍ ଏକା
ଠିକ୍ ନିରୋଳା ଲୁହ ପରି
ନିର୍ଜନ ନଈପଠା ପରି।

ଏକାଏକା ଲାଗିଲେ
ଖୋଜି ନେଉଛି
ଅରାଏ ପୁରୁଣା ସ୍ମୃତି
ପଛରେ ଛାଡ଼ି ଆସିଥିବା
ଚିରା ଫଟା ସମୟ,
ନିଜଠୁ ନିଜେ
ନିଗାଡ଼ି ନେଉଛି
ଅସରାଏ ଲୁହ।

ଚାରିପଟେ ଖାଲି
ଖାଁ ଖାଁ ଶୂନ୍ୟତା
ନିରୁତା ନିଃଶବ୍ଦ କୋଳାହଳ
କିଛି ଅତୀତ
କିଛି ଆଗାମୀକାଲିର
ବିଭଙ୍ଗ ମୁହୂର୍ତ୍ତ।

ଏ ବେଳା କେତେ
ଗହୀରିଆ କୁହ ତ !
ନା ଫୁଲ ନା ବାସ୍ନା
ନା ରଙ୍ଗ ନା ରୀତି
ନା ଆସକ୍ତି ନା ଅନୁରାଗ ?

ନିଜର କହିଲେ
ମୁଁ ହିଁ ମୋର
ସାଥୀ, ଏକଲାପଣର।

ମୋ: ୭୯୭୮୩୮୧୨୧୩

## ପୁସ୍ତକ ପରିଚୟ

### ନୀଡ଼, ନଦୀ ଓ ତମାଳ



**ଲେଖକ:** ତରୁଣକାନ୍ତି ମିଶ୍ର
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/-

ମୋଟ ୧୫ଟି ଗଳ୍ପରେ ସମୃଦ୍ଧ ଏଇ ସଂକଳନଟି। ପ୍ରତ୍ୟେକ ଗଳ୍ପରେ ଜୀବନ ଓ ତା' ଚଉକତିର ଛବି ଅଙ୍କିତ। ଯେପରି ବିଶ୍ୱସନୀୟ ଗଳ୍ପଗୁଡ଼ିକର କାହାଣୀ, ସେହିପରି ତା'ର ଯାଦୁକରୀ ଭାଷା। ସାନ ବଡ଼ ଧାଡ଼ି ଭିତରେ ଯେପରି ବହିଯାଉଛି ସ୍ମୃତି ଓ ସ୍ୱପ୍ନର ସରୁଧାର ନଈ। ବହିର ଶୀର୍ଷକ ଗଳ୍ପ 'ନୀଡ଼, ନଦୀ ଓ ତମାଳ'। ମାୟା ଗଳ୍ପର ନାୟିକା। ଇକନମିକ୍ସରେ ଗୋଲ୍‌ଡ ମେଡାଲ ପାଇ ରିଜର୍ଭ ବ୍ୟାଙ୍କ୍‌ରେ ଚାକିରି, ଅଥଚ ବିରଳ 'ୱେଷ୍ଟ ନାଇଲ୍ ଫ୍ଲୁ'ରେ ଆକ୍ରାନ୍ତ ହୋଇ ସ୍ମୃତିଶକ୍ତି ଲୋପ। ପୁରୁଣା ସ୍ମୃତିର ଜାଗରୁକତା ପାଇଁ ତାଙ୍କୁ ପୂର୍ବ-ସ୍ମୃତି ସହ ଯୁକ୍ତଥିବା ସ୍ଥାନ ବୁଲାଇଛନ୍ତି ପ୍ରଭଞ୍ଜନ। ଗପଟିର ଇଏ ହେଲା ସରହଦ। ଗପଟିରେ ଠାଏଠାଏ ରହିଛି କବିତାର ଆଖିମରା, ଯହିଁରେ ଆନମନା ହୋଇଉଠେ ପାଠକ। ଯଥା- ୧. ''ଏ ପାହାଡ଼ୀ ଇଲାକାରେ ମେଘ ଆସେ ଅପ୍ରତ୍ୟାଶିତ, ଫେରିଯାଏ ବି ଅକସ୍ମାତ୍। ଦୂରନ୍ତ କିଶୋରୀର ଦୁଷ୍ଟାମୀ ପରି।'' (ପୃ: ୩୮), ୨. ''ସଞ୍ଜର ଛାଇ ଏବେ ମେଘ ଭିତରେ ଘନୀଭୂତ ହୋଇଉଠିଛି।'' (ପୃ: ୩୯), ୩. ''ଅନ୍ଧାର ଭିତରେ ଘରଟି ଦିଶୁଥିଲା ଅନିଶ୍ଚିତ ଛାଇଟିଏ ପରି।'' (ପୃ: ୪୧)- ଉଦାହରଣ ଏହିପରି ଅନେକ। 'ବିଫଳତା' ବି ହୋଇପାରେ କେବେକେବେ 'ଆନନ୍ଦ'- ତରୁଣକାନ୍ତିଙ୍କୁ ନ ପଢ଼ିଲେ ଜାଣିହୁଏ କ୍ୱଚିତ୍। ଅହଲ୍ୟା, ବାସ୍ତୁ, ଆଦିମ, ଜୟା, ସାକ୍ଷାତ୍‌କାର, ଆରୋହୀ ଓ ନଈ ଆରପାରି ଆଦି ଗଳ୍ପଗୁଡ଼ିକ ପାଠକକୁ ନିମିଷକେ ନିଜର କରିନିଅନ୍ତି।

### ଏ କୂଳ ସେ କୂଳ



**କବି:** ଅକ୍ଷୟ ବେହେରା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଗ୍ରନ୍ଥରେ ରହିଛି ମୋଟ ୭୬ଟି ସ୍ତବକ। 'କୃତଜ୍ଞତା'ରୁ ବୁଝାପଡ଼େ ଯେଉଁ ନଈର କଥା କବି କହୁଛନ୍ତି, ସେ ନଈ ଅଦୃଶ୍ୟ। ଛୋଟ ଏକ ଗଦ୍ୟଲେଖରେ କଥାଟି ସ୍ପଷ୍ଟ ହୁଏ, ଯେତେବେଳେ ଅକ୍ଷୟ କହନ୍ତି: ''ନଈର ଏ କୂଳ ସେ କୂଳ, ଯାକୁ ନେଇ ଗଢ଼ିଉଠିଛି ଏକ ନିରାସକ୍ତ ପ୍ରେମ। x x ଏ କୂଳର ଶୂନ୍ୟ ନାଆ ତ ସେ କୂଳର ଶୂନ୍ୟ ନାଆ, କେହି ଛୁଅଁନ୍ତିନି କେଉଁ କୂଳ। x x ନା ଥାଏ ନଈ ନା ଥାଏ ନାଆ, ଥାଏ ଖାଲି କବିତା।'' କବିତାଗୁଡ଼ିକ ଗୋଟିକ ପରେ ଗୋଟିଏ ପାଠକକୁ ମନରୁ ଚେତନା ଆଡ଼କୁ ବାଟ କଢ଼େଇ ନିଅନ୍ତି। କେବେକେବେ ହୁଡ଼ନ୍ତି, ପୁଣି ବାଟ ପାଆନ୍ତି। 'ଭଲ ପାଇବାର ନିର୍ମଳ ଜନମାନେ ଚିରକାଳ ଅମଳିନ ଥାଆନ୍ତୁ ପୃଥିବୀ ଥିଲାଯାଏ'- ଏହିପରି ଏକ ସନାତନୀ ଅଭିଳାଷକୁ ଭେଟିହୁଏ ବହିଟିର ବହୁ କବିତାରେ। ପାଇ ନ ପାଇବା ଓ ନ ପାଇ ପାଇବାର ଲୀଳା ଭିତରେ ପ୍ରେମର ଗୂଢ଼ ଅନୁଭବ ବି ଫୁଟିଉଠେ ଏହିପରି: ''ନିରୋଳା ବାଟେ ଦେଖିଲି/ ଛିଡ଼ା ହୋଇଛି ଅଶରୀରୀ ଆତ୍ମା ଭଳି/ ଛନ୍ଦି ହେଉଛ ମୋ ଦେହରେ ସାପଟିଏ ପରି।'' (ପୃ: ୧୮୮)। ଗାଁ ପିଣ୍ଡାର ଖୋଟିମଥାରେ ଗେରୁଆ ଟିପାଟିଏ ପରି ବହିରେ ଠାଏଠାଏ ଫୁଟିଉଠେ ସୌନ୍ଦର୍ଯ୍ୟର ସୁଷମାସିକ୍ତ ଗରିମା। ଯଥା: ''ଲାଲ୍ ଟିପାଟିଏ ପରି ତୁମ କପାଳରେ ଅସ୍ତଗାମୀ ସୂର୍ଯ୍ୟ'' (ପୃ: ୧୯୧)। ଓଡ଼ିଆ ଦୀର୍ଘ କବିତାର ସାରଣୀରେ ବହିଟି ଏକ ସ୍ୱାଗତଯୋଗ୍ୟ ସଂଯୋଗ।

## ମାନବିକତା

**ଦେବେନ୍ଦ୍ର କର**

ଲଘୁ ଗଳ୍ପ

କାଲିଠାରୁ ବୋଉ ଶେଯରେ ପଡ଼ିଛି। କାଗୋଟେ ପାଖ ପୂରାପୂରି ଅଚଳ। ଖନେଇ ଖନେଇ କହୁଛି। ଯାହା କେବଳ ପାଣି ଟିକେ ପିଉଛି। ଦେବୁ ଭାଇ ମୁଁ ଏବେ କ'ଣ କରିବି କହିଲେ! ଦୁଃଖଭରା କଣ୍ଠରେ ଏତକ କହିଗଲା ବିରଞ୍ଚି। ମୁଁ କହିଲି ଧୈର୍ଯ୍ୟ ଧର, ସବୁ ଠିକ୍ ହେବ। ତୁ ଆଗେ କହିଲୁ, ବଡ଼ ମେଡିକାଲ ଟେଲି ମେଡିସିନକୁ ଫୋନ୍ କରିଥିଲୁ କି? ନା ଭାଇ ସେଠିକି ଯିବାକୁ ମନ ମାନୁନି। ସରକାରୀ ହସ୍ପିଟାଲରେ କିଭଳି ଅବ୍ୟବସ୍ଥା ତୁମେ ତ ଜାଣିଥିବ। ଏପଟେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ମୋ' ମୁଣ୍ଡକୁ କିଛି ବୁଦ୍ଧି ଆସିଲାନି। ବିରଞ୍ଚି କହିଲା, ଡା. କମଳଲୋଚନଙ୍କୁ ଦେଖେଇଲେ କେମିତି ହେବ। ସେ ପରା ମସ୍ତିଷ୍କ ବିଭାଗର। ମୁଁ ଚୁପ୍ ରହିଲି, କାରଣ ମୁଁ ଯାହା ଶୁଣିଛି ଡା. କମଳଲୋଚନଙ୍କ ପାଖରେ ଚିକିତ୍ସା କରିବା ଖୁବ୍ ବ୍ୟୟବହୁଳ। ଦୁନିଆ ପରୀକ୍ଷା ନିରୀକ୍ଷାରେ ନୟାନ୍ତ କରିଦେବେ। ବିରଞ୍ଚି କହିଲା- ଜଣେ ବାବୁ ମୋ' ପାଖରେ ସାଇକେଲ ସଜାଡ଼ିବାକୁ ଆସନ୍ତି। ତାଙ୍କର ଜଣେ ସାଙ୍ଗ ଡା. କମଳଲୋଚନଙ୍କ କ୍ଲିନିକ୍‌ରେ କାମ କରେ। ମୁଁ କହିଲି ତୁ ସେଠି ବୁଝାବୁଝି କର, ମୁଁ ବି ଜଣେ ଦି'ଜଣଙ୍କୁ ପଚାରୁଚି। ଆଶ୍ୱାସନା ଦେଇ କହିଲି- ଭଗବାନ ଅଛନ୍ତି ସବୁ ଠିକ୍ ହେବ। ଏତିକି କହି ମୁଁ ବିରଞ୍ଚି ପାଖରୁ ବିଦାୟ ନେଲି।

ବିରଞ୍ଚି ସାଇକେଲ ମିସ୍ତ୍ରିକୁ ଏଠି କିଏ ବା ନ ଜାଣେ! ଭାରି ପରିଶ୍ରମୀ ଆଉ ସଚ୍ଚୋଟ ପିଲା। ମତେ ବରାବର ସାହାଯ୍ୟ କରେ। ପିଲାଟା ଏବେ ହଇରାଣରେ, କେମିତି ସାହାଯ୍ୟ କରିବି କିଛି ଭାବିପାରୁ ନ ଥାଏ। ଏପଟେ ଗଲା ଦି' ମାସ ହେବ ଆମ କମ୍ପାନୀରେ ଦରମା ବନ୍ଦ। ସେଥିଲାଗି ମନଟା କେଉଁଠି ବି ଲାଗୁନି। ଏଇ ସମୟରେ ବିରଞ୍ଚି ଫୋନ୍ କଲା। ଫୋନ୍ ଉଠଉ ଉଠଉ କହିଲା- ଭାଇ ସେ ବାବୁଙ୍କ ସହିତ କଥା ହେଲି। ସେ କହିଲେ- ଏବେ କମଳଲୋଚନ ସାର୍‌ଙ୍କ ପାଖରେ ବୋଉକୁ ଦେଖେଇ ହେବ। ଆଉ ଡେରି କାହିଁକି କରିବି, ବୋଉକୁ ନେଇ ଯାଉଛି। ମୁଁ କହିଲି- ହଉ ହଉ ଠିକ୍‌ଅଛି, ଯଦି କିଛି ଦରକାର ହୁଏ କହିବୁ। ବିରଞ୍ଚି ଫୋନ୍ ରଖିଲା। ମନେମନେ ବିରଞ୍ଚି ମା'ର ଆରୋଗ୍ୟ କାମନା କରି ନିଜ ରାସ୍ତାରେ ଆଗକୁ ବଢ଼ିଲି।

ଦି' ଦିନ ପରେ ସେଦିନ ସନ୍ଧ୍ୟାରେ ଅଚାନକ ବିରଞ୍ଚି ସହିତ ଭେଟ ହେଇଗଲା। ଟିକେ ଖୁସି ଜଣାପଡୁଥାଏ ବିରଞ୍ଚି। କଥା ଆରମ୍ଭ କରି କହିଲା- ଭାଇ, କମଳଲୋଚନ ସାର୍ ଡାକ୍ତର ନୁହନ୍ତି ସାକ୍ଷାତ୍ ଦେବତା। ମେଡିସିନ ଖାଇଲା ପରେ ବୋଉ ହାତ ଗୋଡ଼ ହଲଚଲ କଲାଣି, ଧୀରେଧୀରେ କଥା ବି କହିଲାଣି। ଆଉ ଜାଣିଛ ଭାଇ, ସାର୍ ଫିସ୍ ବି ନେଲେନି ଆଉ ସବୁତକ ଔଷଧ ମାଗଣାରେ ଦେଲେ। ଆଉ କହିଛନ୍ତି ମାସେ ଭିତରେ ତୋ' ବୋଉ ସୁସ୍ଥ ହେବ। ବିରଞ୍ଚିଠାରୁ ସବୁ କଥା ଶୁଣି ବହୁତ ଖୁସି ଲାଗିଲା। ମନେମନେ ଡା. କମଳଲୋଚନଙ୍କୁ ଧନ୍ୟବାଦ ଦେଲି। କହିଲି- ବୋଉଙ୍କର ଯତ୍ନ ନେବୁ, ଔଷଧ ସମୟରେ ଦେଉଥିବୁ। ବିରଞ୍ଚି ମୁଣ୍ଡ ଟୁଙ୍ଗାରିଲା। ତା' ପକେଟରେ ଦୁଇଶହ ଟଙ୍କା ଗୁଞ୍ଜିଦେଇ କହିଲି- ବୋଉଙ୍କ ପାଇଁ କିଛି ଫଳମୂଳ କିଣିନେବୁ। ମନା କରୁଥିଲା, ରାଣ ନିୟମ ପକେଇବାରୁ ରଖିଲା। ଔଷଧ ସମୟ ହେଲାଣି କହି ବିରଞ୍ଚି ଲେଉଟିଗଲା। ମୁଁ ଚୁପ୍ ହେଇ ଛିଡ଼ା ହେଇଥାଏ। ଅନ୍ତର ଭିତରୁ ଦୃଢ଼ତାର ସ୍ୱରଟିଏ ଗୁଞ୍ଜରିତ ହେଉଥାଏ, କିଏ କହିଲା ମାନବିକତା ଲୋପ ପାଇ ଗଲାଣି! ମୋଟେ ନୁହେଁ, କିଛି ଲୋକ ହୁଏତ ବିବେକଶୂନ୍ୟ ହୋଇପାରନ୍ତି; ସମସ୍ତେ ନୁହେଁ। ଖୁସିରେ ମୋ' ଅନ୍ତରାତ୍ମା ବିଭୋର ହୋଇ ଉଠିଥାଏ।

ମୋ: ୯୯୩୭୯୬୩୯୧୦



## କାଳକାଳକୁ



''ଯେଉଁଠି ବ୍ୟକ୍ତ ହୋଇପାରିବ
ମାନବର ମୂଳମନ,
ସେଇ ଜାଗାଟି କବିତା।
ଏହାହିଁ ଉପାୟ ବ୍ୟକ୍ତିଗତକୁ
ସାର୍ବଜନୀନ କରିବାର।''

- ଆଲେନ୍ ଗିନ୍‌ସବର୍ଗ

**ଆଲେନ୍ ଗିନ୍‌ସବର୍ଗ**ଙ୍କ ଜନ୍ମ ୩ ଜୁନ୍ ୧୯୨୬ରେ ଓ ପରଲୋକ ୫ ଏପ୍ରିଲ୍ ୧୯୯୭ରେ। ଆମେରିକୀୟ 'ବିଟ୍ କବିତା' ଆନ୍ଦୋଳନର ପୁରୋଭାଗରେ ଥିବା ଏହି କବିଙ୍କର ପ୍ରସିଦ୍ଧ କବିତାଗ୍ରନ୍ଥ "Howl and other Poems" (୧୯୫୬)। 'ଏ ସୁପର୍ ମାର୍କେଟ୍ ଇନ୍ କାଲିଫର୍ଣ୍ଣିଆ', 'ଦ ଫଲ୍ ଅଫ୍ ଆମେରିକା' ପ୍ରଭୃତି ତାଙ୍କର ଉଲ୍ଲେଖନୀୟ କୃତି। ଆମେରିକୀୟ କବିତାକୁ ତାଙ୍କର ମୂଲ୍ୟବାନ୍ ଅବଦାନ ପାଇଁ ସେ ପାଇଛନ୍ତି ୧୯୭୪ରେ 'ନ୍ୟାଶନାଲ ବୁକ୍ ଆୱାର୍ଡ ଫର୍ ପୋଏଟ୍ରି' ଏବଂ 'ନ୍ୟାଶନାଲ ଆର୍ଟସ କ୍ଲବ୍ ଗୋଲ୍‌ଡ ମେଡାଲ'। ୧୯୯୫ର 'ପୁଲିଜର ପ୍ରାଇଜ୍'ରେ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିଲା ଆଲେନ୍‌ଙ୍କ ବହି।

## ସଂଘର୍ଷ

**ଜାହ୍ନବୀ ମିଶ୍ର**

ଅଣୁ ଗଳ୍ପ

ଦୁଇଟି କଅଁଳ ହାତ, ତା' ଆଖି ଲୁହ ପୋଛି ଦେଲା, ଆଉ କହିଲା- ''ତୁମେ ବ୍ୟସ୍ତ ହୁଅନି ମମ୍ମି, ପାପା ଖୁବ୍ ଶୀଘ୍ର ଭଲ ହୋଇ ଚାଲିଆସିବେ।''

ସେଇ କଅଁଳ ହାତ ଦୁଇଟିକୁ ଶରଧାରେ ଚୁମି ଦେଇ ଛାତିରେ ଜାକିଧରିଲା ବିଜୟା ପାଞ୍ଚବର୍ଷର ପୁଅ ଆକାଶକୁ, ଆଉ କହିଲା- ''ହଁରେ ଧନ, ସେଇଆ ହେବ।''

ଏଥର ମା' ପୁଅ ହାତ ଧରାଧରି ହୋଇ, ଟାଟା ମେମୋରିଆଲ୍ ହସ୍ପିଟାଲର ହତା ଭିତରୁ ମୁଖ୍ୟ ରାସ୍ତାକୁ ଚାଲିଆସି, ଘରକୁ ଯିବାପାଇଁ ଅଟୋଟିଏକୁ ଅପେକ୍ଷା କରି ଠିଆ ହେଲେ। ଦ୍ୱିପ୍ରହର ସମୟ ହେଇଥିବାରୁ ଅଟୋଷ୍ଟାଣ୍ଡ୍ ଥାଏ ଖାଲି। ପ୍ରାୟ ଅଧଘଣ୍ଟା ଅପେକ୍ଷା କଲାପରେ ଆକାଶ କହିଲା- ''ମମ୍ମି ଚାଲ ଚାଲି ଚାଲି ଯିବା ଘରକୁ।''

-''ପନ୍ଦର କୋଡ଼ିଏ ମିନିଟ୍‌ର ଚଲାବାଟ, ତୁ ଏ ଖରାରେ କ'ଣ ଚାଲିକି ଯାଇପାରିବୁ! ତୁ ତ ଏବେ ଏତେ ଛୋଟ ହେଇକି ନାହୁଁ ଯେ ମୁଁ ତୋତେ କାଖ କରି ନେଇଯିବି। ତୋ' କୁନିକୁନି ଗୋଡ଼ରେ ଏତେ ବଳ ଆସିବ କୁଆଡୁ?''

-''ଓଃ, ତୁମେ ଏନର୍ଜି କଥା କହୁଚ। ଦେଖ ଆଗକୁ, ସେଠି ଗୋଟେ ପଇଡ଼ବାଲା ବସିଚି, ଚାଲ ସେଇଠୁ ପଇଡ଼ ପିଇକି ଏନର୍ଜି ନେବା, ତା'ପରେ ଘର ପାଇଁ ଚାଲିବା ଆରମ୍ଭ କରିବା।''

ଆକାଶର କଥାରେ ହସି ଦେଇ ବିଜୟା ତାକୁ ନେଇଗଲା ପଇଡ଼ବାଲା ପାଖକୁ। ସେଇଠି ଦୁହେଁ ଦୁଇଟି ପଇଡ଼ କିଣି ପିଇଲେ। ଯେମିତି ପଇଡ଼ ପିଇବା ସରିଚି, ଏଥର ଜିଦି କଲା ଆକାଶ- ''ମମ୍ମି ଚାଲ, ଅଟୋକୁ ଆଉ ଅପେକ୍ଷା ନ କରି ଚାଲି ଚାଲି ଘରକୁ ଯିବା।''

ବିଜୟାର ହାତକୁ ଭିଡ଼ିଭିଡ଼ି ଏକପ୍ରକାର ଟାଣି ନେଇଗଲା ତାଙ୍କ ଘର ଆଡ଼କୁ ଯାଇଥିବା ରାସ୍ତା ଉପରକୁ।

ବିଜୟାର ହାତ ମୁଠାରେ ଆକାଶର ହାତ। ଦୁହେଁ ଚାଲିବାକୁ ଆରମ୍ଭ କରି ଦେଇଥିଲେ ଘର ଉଦ୍ଦେଶ୍ୟରେ, ସେ ଦ୍ୱିପ୍ରହର ଖରାରେ।

ଦୁହେଁ ମିଶି ରାସ୍ତାରେ ଆଗେଇ ଗଲାବେଳେ ଆକାଶର କଅଁଳ ହାତକୁ ତା' ମୁଠାରେ ଆହୁରି ଶକ୍ତ ଭାବରେ ଚାପି ଧରି ବିଜୟା ଭାବିହେଲା- ''ଜୀବନର ଏ ସଂଘର୍ଷରେ, ଏ ଯୁଦ୍ଧକୁ ସମ୍ମୁଖୀନ ହେବାରେ, ଏଇ ଟିକି ମନରେ କେତେ ଯେ ଦୃଢ଼ତା। ଏ ଯୁଦ୍ଧରେ ସେମାନେ ଜିତିବେ କି ହାରିବେ ସେ ଜାଣେନା, କିନ୍ତୁ ପରାକ୍ରମୀ ଯୋଦ୍ଧା ପରି ଶେଷ ପର୍ଯ୍ୟନ୍ତ ଲଢ଼ିବେ ନିଶ୍ଚୟ।''

ମୋ: ୯୧୩୬୧୧୯୭୫୩



**ଝରକା ତାଡ଼ି ଚୋରି**
ଭୁବନେଶ୍ୱର, (ବ୍ୟୁରୋ): ବାତ୍ୟା ସମୟରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ସେକ୍ଟର-୫ରେ ରହୁଥିବା ଆଇଓସିଏଲ୍‌ର ପ୍ରୋଜେକ୍ଟ ମ୍ୟାନେଜର ଜାହିଦ ସେଖ୍ ମଙ୍ଗଳବାର ରାତିରେ ତାଙ୍କ କ୍ୱାର୍ଟରରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଘର ଝରକା ତାଡ଼ି ଏକ ଦାମୀ ମୋବାଇଲକୁ କେହି ଚୋରି କରିନେଥିବା ଜାହିଦ୍ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ.୨୫୧/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ସଂକ୍ଷେପରେ

### ବୟନିକା ସମ୍ପାଦକ ଦେବରାଜଙ୍କ ପରଲୋକ



**ଭୁବନେଶ୍ୱର,୨୬।୫:** ରାଜ୍ୟ ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ତଥା ବୟନିକାର ସମ୍ପାଦକ ଦେବରାଜ ସାହୁଙ୍କ ପରଲୋକ ହୋଇଯାଇଛି। ସେ କୋଭିଡ୍‌ରେ ଆକ୍ରାନ୍ତ ଥିଲେ। ବିଭାଗର ଜଣେ ଦକ୍ଷ ଅଧିକାରୀ ଭାବେ ରାଜ୍ୟର ବୁଣାକାରଙ୍କ ଦ୍ୱାରା ସେ ବେଶ୍ ପ୍ରଶଂସନୀୟ ହୋଇପାରିଥିଲେ। ତାଙ୍କ ବିୟୋଗ ବୁଣାକାର ସମାଜକୁ ଗଭୀର ଆଘାତ ଦେଇଛି। ପ୍ରଥମେ କୋରାପୁଟରେ ୱିଭିଂ ସୁପରଭାଇଜର, ଖୋର୍ଦ୍ଧାରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଏବଂ ଶେଷରେ ବୟନିକାର ସମ୍ପାଦକ ଥିବା ସମୟରେ ତାଙ୍କୁ ରାଜ୍ୟ ସରକାର ଉପନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ କରିଥିଲେ। ବୁଣାକାର ସମିତି ଏବଂ ବୁଣାକାରଙ୍କ ଉନ୍ନତି ପାଇଁ ସେ କାର୍ଯ୍ୟ କରିଥିଲେ। ସାହୁଙ୍କ ବିୟୋଗରେ ବରିଷ୍ଠ କର୍ମକର୍ତ୍ତା ଜଣ୍ଣେଶ୍ୱର ବେହେରା, ଧ୍ରୁବଚରଣ ଦାସ, ରମେଶ ଚନ୍ଦ୍ର ଦାସ, ଶେଷ ମେହେର, କୁଞ୍ଜ ମେହେର, କିଶୋର ଦାସ, ସଞ୍ଜୟ ମେହେର, ଅଶୋକ କୁମାର ଗୁଇଁ, ମିଳନ ମେହେର, ନରେନ୍ଦ୍ର ବେହେରା, ଶ୍ରୀକାନ୍ତ ନାୟକ, ବିଜୟ ନନ୍ଦ,ବିଜୟ କୁଣ୍ଡୁ, ବିଶ୍ୱନାଥ ଦାସ, ଜଗବନ୍ଧୁ ପରମାଣିକ, ବିଜୟ ମେହେର, ଶଙ୍କର ବେହେରା ଏବଂ ଶ୍ରୀଧର ବେହେରା ଗଭୀର ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

### ଜମାଟୋ ବୟ୍‌ଙ୍କୁ ମାଡ଼ ମାରି ଲୁଟିଲେ

**ଭୁବନେଶ୍ୱର,୨୬।୫(ବ୍ୟୁରୋ):** ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଜମାଟୋ ଡେଲିଭରୀ ବୟଙ୍କୁ ୩ ଦୁର୍ବୃତ୍ତ ଲୁହା ରଡ୍‌ରେ ମାଡମାରି ୧୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ଯୁବକ ଜଣକ ହେଉଛନ୍ତି ଗ୍ୟାରେଜ ଛକ ଅଞ୍ଚଳର ସୁଜଳ ପ୍ରସାଦ ଭୋଇ। ସେ ମଙ୍ଗଳବାର ରାତିରେ ଗଜପତିନଗରରେ ଖାଦ୍ୟ ଡେଲିଭରି ଦେଇ ଫେରୁଥିଲେ। ବାଟରେ ୩ ଯୁବକ ବାଇକରେ ଆସି ତାଙ୍କୁ ଅଟକାଇ ଅଚାନକ ଲୁହା ଛଡରେ ଆକ୍ରମଣ କରି ମୁଣ୍ଡ ଫଟାଇଥିଲେ। ଏଥିସହ ମୋବାଇଲ ଓ ପର୍ସ ଛଡ଼ାଇ ନେଇଥିଲେ। ଉକ୍ତ ପର୍ସରେ ୧୭ହଜାର ଟଙ୍କା ଥିଲା। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଧଉଳିରେ ବୁଦ୍ଧ ଜୟନ୍ତୀ

**ପୁରୁଣା ଭୁବନେଶ୍ୱର,୨୬।୫(ଡି.ଏନ୍.ଏ.):** ଶାନ୍ତିସ୍ତୂପ ଧଉଳିରେ ବୁଧବାର କୋଭିଡ୍ କଟକଣା ମଧ୍ୟରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଲକ୍‌ଡାଉନ ଯୋଗୁ ସବୁ ବନ୍ଦ ଥିବାବେଳେ ବିନା ଭକ୍ତରେ କେବଳ ଭଗବାନଙ୍କ ନୀତିକାନ୍ତିରେ ସମ୍ପନ୍ନ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ବୌଦ୍ଧ ଭିକ୍ଷୁ ମୋହନ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ଜୟନ୍ତୀ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ନାନ କରାଯିବା ପରେ କ୍ଷୀରରେ ଅଭିଷେକ କରାଯାଇଥିଲା। ଏହାପରେ ବୁଦ୍ଧଂଙ୍କ ଶରଣଂ ଗଚ୍ଛାମି ଶ୍ଳୋକ ଆବୃତ କରାଯାଇଥିଲା। ପୂର୍ବାହ୍ନ ୧୧ଟା ୪୫ରେ ଅନ୍ନ ପ୍ରସାଦ ଭଗବାନଙ୍କୁ ଲାଗି ହୋଇଥିଲା। କୋଭିଡ୍ ପାଇଁ ଭକ୍ତଙ୍କୁ ଧଉଳି ଆସିବାକୁ ବାରଣ କରାଯାଇଥିବାରୁ ମନ୍ଦିର ଜନଶୂନ୍ୟ ହୋଇଥିଲା।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଜଟଣୀ,୨୬।୫(ଡି.ଏନ୍.ଏ.):** ଜଟଣୀ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ଧ୍ରୁବି ସୋଲାଙ୍କୀଙ୍କ ଶ୍ୱଶୁର ତଥା ବରିଷ୍ଠ ଆଇନଜୀବୀ ମିହିର କୁମାର ମଲ୍ଲିକଙ୍କ ବୁଧବାର ୮୩ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ମଲ୍ଲିକ ସମବାୟ ଆଇନ ବିଶାରଦ ଭାବେ ସାରା ରାଜ୍ୟରେ ଖ୍ୟାତି ଅର୍ଜନ କରିଥିଲେ। କ୍ରୀଡାପ୍ରେମୀ ଭାବେ ମଧ ତାଙ୍କର ବେଶ୍ ସୁନାମ ରହିଥିଲା। ସେ କଟକ ଝାଞ୍ଜିରିମଙ୍ଗଳାସ୍ଥ ମଙ୍ଗଳା କ୍ଲବର ଆଜୀବନ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଅମାୟିକ ଏବଂ ସରଳ ବ୍ୟକ୍ତି ଥିଲେ। ତାଙ୍କ ଅବର୍ତ୍ତମାନରେ ଜଟଣୀ ଲୟର୍ସ ଆସୋସିଏଶନ, ଜଟଣୀ ବାର୍ ଆସୋସିଏଶନର ସମସ୍ତ ଅଧିବକ୍ତା, ଜଟଣୀ କୋର୍ଟର ସରକାରୀ ଅଧିବକ୍ତା, କର୍ମଚାରୀଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ମରଶରୀରକୁ କଟକ ସତୀଚଉରା ଶ୍ମଶାନରେ ସତ୍କାର କରାଯାଇଥିବା ବେଳେ ପୁତ୍ର ଆଇନଜୀବୀ ମନୋରଞ୍ଜନ ମଲ୍ଲିକ ମୁଖାଗ୍ନି ଦେଇଥିଲେ।

# ଆକ୍ରାନ୍ତ କଏଦୀଙ୍କୁ ଚିକିତ୍ସା ଅବହେଳା ଅଭିଯୋଗ

**ଖାରପଡ଼ା ଜେଲ ସାମ୍ନାରେ ଉତ୍ତେଜନା**
- ୨ କଏଦୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- ହସ୍ପିଟାଲ ନିଆଯାଉ ନ ଥିବା କହିଲେ ସମ୍ପର୍କୀୟ
- ଥାନା ଭୟ ଦେଖାଇ ତଡ଼ିଦେଲା ପୋଲିସ




**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ଖାରପଡା ଜେଲ୍‌ରେ ଏବେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଶତାଧିକ କଏଦୀ ଆକ୍ରାନ୍ତ ହୋଇଥିବାବେଳେ କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ଜେଲ୍ ଆଇସୋଲେଶନ ୱାର୍ଡରେ ଠିକ୍ ଭାବେ ଚିକିତ୍ସା ମିଳୁ ନ ଥିବା ଓ ଗୁରୁତରଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉ ନ ଥିବା ଅଭିଯୋଗ ଆଣି କଏଦୀଙ୍କ ପରିବାର ଲୋକେ ବୁଧବାର ଜେଲ୍ ସମ୍ମୁଖରେ ହୋହଲ୍ଲା କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପିସିଆର୍ ପୋଲିସ ପହଞ୍ଚି ଥାନା ଭୟ ଦେଖାଇ ତଡ଼ି ଦେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କିଛିଦିନତଳେ ବିଚାରାଧୀନ କଏଦୀ ଗଞ୍ଜାମର ତ୍ରିପତି ମହାନ୍ତିଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଥିଲା। ସେହିପରି ଆଜୀବନ ସଜା କାଟୁଥିବା ୭୨ ବର୍ଷୀୟ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ପରେ ସୋମବାର ତାଙ୍କୁ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ୨୫ଜଣ କଏଦୀଙ୍କର ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ଏମାନଙ୍କ ମଧ୍ୟରୁ ବିଚାରାଧୀନ କଏଦୀ ଲକ୍ଷ୍ମୀସାଗର ଗାଁର ନିତିନ ନାୟକ ଓ ବିଜୟ ନାଏକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ସମ୍ପର୍କରେ ଅନ୍ୟ କଏଦୀଙ୍କଠାରୁ ଖବର ପାଇବା ପରେ ପରିବାର ଲୋକଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସମ୍ପର୍କୀୟ ଜେଲ ସାମ୍ନାରେ ପହଞ୍ଚି ହୋହଲ୍ଲା କରିଥିଲେ। ଶୀଘ୍ର ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଠିକ ଚିକିତ୍ସା କରାଇବାକୁ ଦାବି କରିଥିଲେ। ପରେ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲା। ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି ଯେ, ଖାରପଡା ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଥିବାରୁ ସଂକ୍ରମଣ ବ୍ୟାପିଗଲାଣି। ଭଲ ଚିକିତ୍ସକ ନ ଥିବାରୁ ଆଇସୋଲେଶନରେ ଥିବା ଆକ୍ରାନ୍ତଙ୍କର ଠିକ୍ ଭାବେ ଚିକିତ୍ସା କରାଯାଉ ନାହିଁ। ଗୁରୁତର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଉ ନାହିଁ କି ଆକ୍ରାନ୍ତଙ୍କୁ ଉଷୁମ ଖାଦ୍ୟ ଦିଆଯାଉ ନାହିଁ। ତେଣୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସମ୍ପର୍କୀୟମାନେ କହିଛନ୍ତି।

ଏ ସମ୍ପର୍କରେ ଜେଲ ବିଭାଗ ଆଇଜି ହିମାଂଶୁ ଲାଲ କହିଛନ୍ତି, ଅନ୍ତେବାସୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଖାରପଡା ଜେଲରେ କୋଭିଡ୍ ଆକ୍ରାନ୍ତଙ୍କ ଅବସ୍ଥା ଭଲ ରହିଛି। ସେମାନଙ୍କୁ ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯାଉଛି। ଗୁରୁତର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଉନ୍ନତମାନର ଚିକିତ୍ସା ଯୋଗାଇଦେବାକୁ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଥିବା ସେ କହିଛନ୍ତି।

### ୬ ଦିନରେ ୧୨୭ କଏଦୀ ପଜିଟିଭ୍

**ଗୋଷ୍ଠୀ ସଂକ୍ରମଣ ଆଶଙ୍କା**

ଖାରପଡା ଜେଲରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେଠାରେ ଏକପ୍ରକାର ଗୋଷ୍ଠୀ ସଂକ୍ରମଣ ହୋଇସାରିଥିବା ଆଶଙ୍କା କରାଯାଉଛି। ୬ ଦିନରେ ୧୨୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହାକୁ ନେଇ ଅନ୍ତେବାସୀ ଓ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ ୧୯ ତାରିଖରେ ବିଏମ୍‌ସି ତରଫରୁ ଖାରପଡା ଜେଲର ୨୦୦ଜଣ କଏଦୀଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୯୬ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସେହିପରି ୨୨ ତାରିଖରେ ୩ଜଣ, ୨୫ ତାରିଖରେ ୭ଜଣ ଓ ୨୬ ତାରିଖରେ ୨୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

### ବିମାନ ଚାଲିଲା

**ଭୁବନେଶ୍ୱର, ୨୬।୫ (ବ୍ୟୁରୋ)**

ବାତ୍ୟାକୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୨୫ ତାରିଖ ମଙ୍ଗଳବାର ରାତି ୧୧ଟାରୁ ୨୭ତାରିଖ ଗୁରୁବାର ସକାଳ ୫ଟା ପର୍ଯ୍ୟନ୍ତ ବିମାନ ସେବା ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ବାତ୍ୟାର ପ୍ରଭାବ କମିଯିବା ପରେ ନିର୍ଦ୍ଧାରିତ ସମୟର ୧୦ ଘଣ୍ଟା ପୂର୍ବରୁ ବିମାନ ସେବା ଆରମ୍ଭ ହୋଇଛି। ବୁଧବାର ରାତି ୭ଟାରୁ ବିମାନ ଚଳାଚଳ କରିଥିବା ବମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### ୭ ପେଟି ମଦ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ଖାରବେଳନଗର ଥାନା ପୋଲିସ ୭ପେଟି ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଅକ୍ଷୟ ରାଉତ (୩୫)। ଅକ୍ଷୟ ମଙ୍ଗଳବାର ସନ୍ଧ୍ୟାରେ ଏକ କାରରେ ମଦ ନେଇ ରାମ ମନ୍ଦିର ଛକ ଦେଇ ଯାଉଥିବାବେଳେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଏନେଇ ପୋଲିସ ନଂ-୧୬୫/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅକ୍ଷୟଙ୍କୁ କୋର୍ଟ ଚାଲାଣ କରିଛି।

**ରାଜଧାନୀରେ ୟାସ୍ ପ୍ରଭାବ**



ପବନରେ ମାଡ଼ ହୋଇ ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଗଛଗୁଡ଼ିକ ଏକମୁହାଁ ହୋଇ ରହିଛି।

# ଝଟ୍‌କା ପବନକୁ ତୁହାକୁ ତୁହା ବର୍ଷା

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

କରୋନା ସଙ୍କଟ ଭିତରେ ବାତ୍ୟା 'ୟାସ୍'କୁ ନେଇ ରାଜଧାନୀବାସୀ ଆତଙ୍କିତ ହୋଇପଡିଥିଲେ। ୨୦୧୯ ମେ' ୩ରେ ଭୁବନେଶ୍ୱରରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବାତ୍ୟା 'ଫନୀ' ଯନ୍ତ୍ରଣାକୁ ମନେ ପକାଇ ଚିନ୍ତିତ ହୋଇପଡିଥିଲେ। ହେଲେ ବୁଧବାର 'ୟାସ୍' ବାଲେଶ୍ୱର ଉପକୂଳରେ ଲ୍ୟାଣ୍ଡ୍ ଫଲ୍ କରିଥିଲେ ମଧ୍ୟ ଭୁବନେଶ୍ୱର ଉପରେ ସେତେଟ ପ୍ରଭାବ ପଡ଼ି ନ ଥିଲା। ଏହା ପୂର୍ବରୁ ମଙ୍ଗଳବାର ରାତିରୁ ସକାଳ ପର୍ଯ୍ୟନ୍ତ ସହରରେ ଝଟ୍‌କା ପବନ ସହ ପ୍ରବଳ ବର୍ଷା ହୋଇଥିଲା। ହେଲେ ବୁଧବାର ଦିନ ତମାମ ଝିପିଝିପି ବର୍ଷା ଲାଗି ରହିଥିଲା। ମଝିରେ ମଝିରେ ତୁହାକୁ ତୁହା ବର୍ଷା ସହ ହାଲ୍‌କା ପବନ ହୋଇଥିଲା।

ବାତ୍ୟା ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), କମିଶନରେଟ ପୋଲିସ ଓ ଅଗ୍ନିଶମ ବାହିନୀ ପ୍ରସ୍ତୁତ ହୋଇ ରହିଥିଲେ। ତଳିଆ ଓ କେତେକ ସମ୍ବେଦନଶୀଳ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହେବାର ଆଶଙ୍କାରେ ଅଗ୍ନିଶମ ବାହିନୀ ସହ ବିଏମ୍‌ସି ସଜାଗ ରହିଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ମଙ୍ଗଳବାର ଅପରାହ୍ନରୁ ମୋଟ୍ ୧୫ ପମ୍ପସେଟ୍ ସମ୍ବେଦନଶୀଳ ସ୍ଥାନକୁ ପଠାଯାଇଥିଲା।



ବର୍ଷାରେ ଦୁଇଜଣ ବ୍ୟକ୍ତି ବର୍ଷାତି ପିନ୍ଧି ଯାଉଛନ୍ତି।

**ପଦକ୍ଷେପ ନେଲା ବିଏମ୍‌ସି, ପୋଲିସ ଓ ଅଗ୍ନିଶମ ବିଭାଗ**

ସେହିପରି ସମସ୍ତ ଥାନାରେ ଆବଶ୍ୟକ ସରଞ୍ଜାମ ସହ ଅତିରିକ୍ତ ଫୋର୍ସ ମୁତୟନ ରହିଥିଲେ। ଓଏସ୍‌ଏପି ସପ୍ତମ ବ୍ୟାଟାଲିଅନ୍ ଓ ଏସଏସ୍ ବାଟାଲିଅନ ଟିମକୁ ପ୍ରସ୍ତୁତ ରଖାଯାଇଥିଲା। ତେବେ ପାତ୍ରପଡା ଉଦୟ ବିହାର, ନୟାପଲ୍ଲୀ ଭିଆଇପି କଲୋନୀ, ଆଚାର୍ଯ୍ୟ ବିହାର, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଗଛ ଭାଙ୍ଗିପଡିଥିବାବେଳେ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ତାହାକୁ କାଟି ରାସ୍ତାରୁ ହଟାଇଥିଲେ। ସେହିପରି ହଂସପାଳ ଭୋଇ ସାହି ଅଞ୍ଚଳରେ ବର୍ଷାଜଳ ଘରେ ପଶିବାରୁ ଅଗ୍ନିଶମ କର୍ମଚାରୀମାନେ ତାହାକୁ ନିଷ୍କାସନ କରିଥିଲେ। ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ନିରଶ୍ରୟ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ପଠାଇ ଦିଆଯାଇଥିଲା। ମାଷ୍ଟର କ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ନିରାଶ୍ରୟ ଲୋକେ ୟୁକୋ ବ୍ୟାଙ୍କ ଟାୱାର ତଳେ ଆଶ୍ରୟ ନେଇଥିଲେ। ବିଏମ୍‌ସି ଓ ବିଭିନ୍ନ ସାମାଜିକ ସଂସ୍ଥା ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ବଣ୍ଟା ଯାଇଥିଲା। ତେବେ ବାତ୍ୟା ପ୍ରଭାବରେ ସେପରି କିଛି କ୍ଷୟକ୍ଷତି ହୋଇ ନ ଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

### ଅରଖକୁଦାରେ ପଶିଲା ଜୁଆର ପାଣି



**ବ୍ରହ୍ମଗିରି,୨୬।୫ (ଡି.ଏନ୍.ଏ.)**

ସାମୁଦ୍ରିକ ବାତ୍ୟା ୟାସ୍ ପୁରୀ ଜିଲାରେ ସେତେଟା କ୍ଷୟକ୍ଷତି କରିନାହିଁ। ତଥାପି ବ୍ରହ୍ମଗିରି ଅଞ୍ଚଳରେ ବାତ୍ୟା ପ୍ରଭାବରେ ବୁଧବାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦା ଗାଁରେ ସମୁଦ୍ରର ଜୁଆର ପାଣି ପଶିଯାଇଛି। ଫଳରେ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଅନ୍ୟପକ୍ଷରେ 'ୟାସ' ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହି ଅନେକ ମତ୍ସ୍ୟଜୀବୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିଥିଲା। ବାତ୍ୟା ପ୍ରଭାବରୁ ବ୍ରହ୍ମଗିରି ଅଞ୍ଚଳ ବର୍ତ୍ତିଯାଇଥିବା ସମୟରେ ପୂର୍ଣ୍ଣମୀ ତିଥିରେ ସମୁଦ୍ର ଅଶାନ୍ତ ହୋଇଥିଲା। ଏହି ଗ୍ରାମକୁ ସାମୁଦ୍ରିକ ଜୁଆରରୁ ସୁରକ୍ଷା ପାଇଁ ଗ୍ରାମ ଚାରିପଟେ ରିଙ୍ଗ ବନ୍ଧ ହୋଇଛି। କିନ୍ତୁ ଦୁର୍ବଳ ରିଙ୍ଗବନ୍ଧ ଯୋଗୁ ଅରଖକୁଦା ଗାଁର ମେରାଇନ୍ ଥାନା ନିକଟ, ଭାଗବତ ସାହି, ଲକ୍ଷ୍ମୀନାରାୟଣ ସାହି ଓ ହରଚଣ୍ଡୀ ସାହି ଇତ୍ୟାଦିରେ ଜୁଆର ପାଣି ପଶିଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ ଆତଙ୍କିତ ହୋଇପଡ଼ିଛନ୍ତି। ସୂଚନା ଥାଉକି, କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରିଙ୍ଗ୍ ବନ୍ଧ ବର୍ତ୍ତମାନ ସୁଦ୍ଧା ଶେଷ ହୋଇ ନ ଥିବାବେଳେ ଏବଂ ରିଙ୍ଗବନ୍ଧରେ ଥିବା କଲଭର୍ଟରେ ଗେଟ୍ ବ୍ୟବସ୍ଥା ନ ଥିବାରୁ ସମୁଦ୍ର ଜୁଆର ପାଣି ଗାଁରେ ପଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ଗୁରୁତ୍ୱ ଦେଇ ଠିକ୍ ଭାବେ ରିଙ୍ଗ ବନ୍ଧ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ପୁରୀ ଅଫିସ, ୨୬।୫**

ବାଲିଘାଟସ୍ଥିତ ଜାଗୁଲାଇ ଲେନ୍ ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର (୬୨)ଙ୍କର ସୋମବାର ମୃତ୍ୟୁ ଘଟିଛି। ମହାପାତ୍ର କରୋନାରେ ଆକ୍ରାନ୍ତ ହୋଇ ପୁରୀର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ।

## ବୀରେନ ମିତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ବିଶିଷ୍ଟ ଜନନେତା, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ ମିତ୍ରଙ୍କ ୪୩ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ଭୁବନେଶ୍ୱର ଜୟଦେବ ବିହାର ଛକ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବୀରେନ ମିତ୍ର ଫାଉଣ୍ଡେଶନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଫାଉଣ୍ଡେଶନର ସଭାପତି ତଥା ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅବଧୂତ ସ୍ୱାଇଁ, ସୁଧାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ କଟକସ୍ଥିତ ମ୍ୟୁନିସିପାଲିଟି ଟାଉନ ହଲ୍‌ଠାରେ ବୀରେନ ମିତ୍ରଙ୍କ ଏକ ତୈଳଚିତ୍ରକୁ ପ୍ରିୟଦର୍ଶୀ ମିଶ୍ର ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ସାଧାରଣ ସମ୍ପାଦକ ସୋମିତ ମିତ୍ର, ଅମିତ୍ ମିତ୍ର, ମ୍ୟୁନିସିପାଲ ଯୁଗ୍ମ କମିଶନର ସୁଚିତ୍ରା ସରକାର, ସେକ୍ରେଟାରି ଲତାଶ୍ରୀ ବାଗ୍, ଆଦିତ୍ୟ ସ୍ୱାଇଁ, ସୌମ୍ୟଦୀପ ଘୋଷ, ଫିରୋଜ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରୀ, ବାସହୀନଙ୍କୁ ଖାଇବାକୁ ଦେଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ବାତ୍ୟା 'ୟାସ୍' ପାଇଁ ରେଳ ଚଳାଚଳ ବନ୍ଦ ରହିଥିଲା। ଫଳରେ ବହୁ ଯାତ୍ରୀ ରେଳ ଷ୍ଟେଶନରେ ଅଟକି ରହିଥିଲେ। ପୂର୍ବତଟ ରେଳପଥ ପକ୍ଷରୁ ବେସରକାରୀ ଅନୁଷ୍ଠାନ ସହଯୋଗରେ ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀ, ବାସହୀନ ଏବଂ ଦରିଦ୍ର ବ୍ୟକ୍ତିଙ୍କୁ ଖାଦ୍ୟ ପ୍ୟାକେଟ୍ ଓ ପାଣି ବୋତଲ ପ୍ରଦାନ କରାଯାଇଥିଲା। ବୁଧବାର ସକାଳେ ଭୁବନେଶ୍ୱର, ଭଦ୍ରକ ଓ ଯାଜପୁର କେନ୍ଦୁଝର ରୋଡ୍ ଷ୍ଟେଶନରେ ଶୁଖିଲା ଖାଦ୍ୟ ପ୍ୟାକେଟ୍ ଦିଆଯାଇଥିବାବେଳେ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଯାଜପୁର ଓ କେନ୍ଦୁଝର ରୋଡ୍ ଷ୍ଟେଶନରେ ୨୦ ଜଣରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ସ୍ଥାନୀୟ ଯୁବ ଗୋଷ୍ଠୀ 'ବ୍ୟାସ ସେନା' ପକ୍ଷରୁ ଭାତ, ଡାଲି, ସାଲାଡ, ମିକ୍ସ ସବ୍‌ଜିକୁ ନେଇ ପ୍ରସ୍ତୁତ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ମାର୍‌ୱାଡି ଯୁବ ମଞ୍ଚ ସହିତ ସମନ୍ୱୟ ରକ୍ଷାକରି ଭୁବନେଶ୍ୱର ରେଳ ଷ୍ଟେଶନ ପକ୍ଷରୁ ଅଟକି ରହିଥିବା ଯାତ୍ରୀ ଓ ଅନ୍ୟମାନଙ୍କୁ ରନ୍ଧାଖାଦ୍ୟ ସହ ଆଚାର ଓ ପାଣି ବୋତଲ ଥିବା ପ୍ୟାକେଟ ଦିଆଯାଇଥିଲା। ଷ୍ଟେଶନ ଅଞ୍ଚଳରେ ଫସି ରହିଥିବା ଯାତ୍ରୀଙ୍କୁ ଭୟଭୀତ ନ ହେବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିବେଦନ କରାଯାଇଥିଲା। ଟ୍ରେନ୍ ସେବା ପୁନଃ ପ୍ରଚଳନ ପରେ ଶୀଘ୍ର ସମସ୍ତେ ନିଜ ନିଜ ରାଜ୍ୟ/ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବାକୁ ସକ୍ଷମ ହେବା ପାଇଁ ପ୍ରୟାସ କରାଯାଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱର ରେଳ ଷ୍ଟେଶନରେ ଯାତ୍ରୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

## କନିଷ୍ଠରେ ଆଦ୍ୟା, ବରିଷ୍ଠରେ ଶର୍ମିଷ୍ଠା ପ୍ରଥମ

**ପୁରୀ ଅଫିସ, ୨୬।୫**

**ଭିକାରୀ ବଳଙ୍କ ଜୟନ୍ତୀରେ ଭଜନ ପ୍ରତିଯୋଗିତା**

ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୨ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ରାଜ୍ୟର ଶତାଧିକ ପ୍ରତିଯୋଗୀ ଭାଗନେଇଥିଲେ। କନିଷ୍ଠ ବିଭାଗରେ କେନ୍ଦୁଝରର ଆଦ୍ୟା ପ୍ରିୟଦର୍ଶିନୀ ସାହୁ ପ୍ରଥମ, କଟକର ମଧୁସ୍ମିତା ପଣ୍ଡା ଦ୍ୱିତୀୟ ଓ ପୁରୀ ସାକ୍ଷୀଗୋପାଳର ଦେବସ୍ମିତା ହୋତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଭୁବନେଶ୍ୱରର ଶର୍ମିଷ୍ଠା ବିଦ୍ୟାଧର ନାୟକ ପ୍ରଥମ, ପୁରୀର ନିର୍ମଳ ନନ୍ଦ ଦ୍ୱିତୀୟ ଓ ବାଲେଶ୍ୱରର ସବିତା ମୁର୍ମୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ନିର୍ଦ୍ଦେଶକ ଶତ୍ରୁଘ୍ନ କୁମାର ନାୟକ ପରିଚାଳନା କରିଥିଲେ।

# ଆକ୍ରାନ୍ତଙ୍କଠାରୁ ଅଧିକ ଆରୋଗ୍ୟ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ କରୋନା କୋପ ଜାରି ରହିଛି। ଏପରିସ୍ଥଳେ ବୁଧବାର ସଂକ୍ରମଣଠାରୁ ଅଧିକ ଆରୋଗ୍ୟ ହୋଇଥିବା ଜଣାପଡିଛି। ଗତ ୨୪ ଘଣ୍ଟାରେ ୯୧୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧,୦୧୯ଜଣ ଆରୋଗ୍ୟ ଲାଭ କରିଛନ୍ତି। ଫଳରେ ସହରରେ ସଂକ୍ରମଣ ସଂଖ୍ୟା ୭୧,୮୮୩କୁ ବୃଦ୍ଧି ପାଇଥିବାବେଳେ ଆରୋଗ୍ୟ ସଂଖ୍ୟା ୫୮,୮୪୬ରେ ପହଞ୍ଚିଛି।

**୯୧୯ ଆକ୍ରାନ୍ତ, ୧,୦୧୯ ସୁସ୍ଥ**

**ଗୁରୁବାର ଓ ଶୁକ୍ରବାର ଜାରି ରହିବ ଟିକାକରଣ**



ତେବେ ନୂଆ ପଜିଟିଭ୍ ଚିହ୍ନଟଙ୍କ ମଧ୍ୟରୁ ୧୫୩ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଥିବାବେଳେ ୭୬୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୟାପଲ୍ଲୀରୁ ସର୍ବାଧିକ ୪୯ଜଣ ରହିଥିବାବେଳେ ପଟିଆ ୪୪, ଖଣ୍ଡଗିରି ୪୪, ଝାଡ଼ପଡ଼ା ୩୯ ଓ ଚନ୍ଦ୍ରଶେଖରପୁରରୁ ୩୦ଜଣ ରହିଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱରରୁ ୨୭, ନୀଳାଦ୍ରିବିହାର ୨୬, ଲକ୍ଷ୍ମୀସାଗର ୨୭, ବଡ଼ଗଡ଼ ୨୦, ଡୁମ୍‌ଡୁମା ୨୩, ଶୈଳଶ୍ରୀବିହାର ୧୭, ୟୁନିଟ୍-୪ରୁ ୧୫, ରସୁଲଗଡ଼ରୁ ୧୩, ସୁନ୍ଦରପଦାରୁ ୧୯, ୟୁନିଟ୍-୯ରୁ ୧୧, ପାତ୍ରପଡ଼ାରୁ ୧୪, ପୋଖରୀପୁଟରୁ ୧୦, ୟୁନିଟ୍-୬ରୁ ୧୫, ଜୟଦେବବିହାର ୧୮, ବରମୁଣ୍ଡା ୧୩, ଜାଗମରା ୧୨ ଓ ଭିଏସ୍‌ଏସ୍ ନଗରରୁ ୧୦ଜଣ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ୧୨,୬୯୧ଜଣ ସକ୍ରିୟ ରୋଗୀ ରହିଛନ୍ତି।

ଅନ୍ୟପକ୍ଷରେ ବାତ୍ୟା ଯୋଗୁ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଟିକାକରଣ ବନ୍ଦ ରହିଥିଲା। ଯେଉଁମାନେ ଟିକା ନେବା ପାଇଁ ସ୍ଲଟ୍ ପାଇଥିଲେ ସେମାନେ ନିର୍ଦ୍ଧାରିତ ସେଣ୍ଟର ଓ ସମୟରେ ୨୯ ତାରିଖରେ ଟିକା ନେବେ। ସେହିଭଳି ୨୭ ଓ ୨୮ତାରିଖ ପାଇଁ ନିର୍ଦ୍ଧାରିତ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦୁଇଦିନ ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ହେବାକୁ ଥିବା ଡ୍ରାଇଭ୍-ଇନ୍ ଭାକ୍ସିନେଶନ କାର୍ଯ୍ୟକ୍ରମ ମଧ୍ୟ ଚାଲିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଲୋଡ଼ା ପଡ଼ିପାରେ ୧.୬ ଲକ୍ଷ କୋଟିର ଋଣ

**ଜିଏସ୍‌ଟି କ୍ଷତିପୂରଣ**




ନୂଆଦିଲ୍ଲୀ,୨୬।୫

କରୋନା ମହାମାରୀ ପାଇଁ କେନ୍ଦ୍ର ସରକାରଙ୍କ ରାଜସ୍ୱ ସଂଗ୍ରହ ପ୍ରଭାବିତ ହୋଇ ରହିଛି। ଏଭଳି ସ୍ଥିତିରେ ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତି ଭରଣା ନିମନ୍ତେ କେନ୍ଦ୍ର ସରକାର ଦ୍ୱିତୀୟ ବର୍ଷ ଲାଗି ଋଣ ଉପରେ ନିର୍ଭର କରିପାରନ୍ତି। ଏଥିଲାଗି ୧.୬ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ପଡ଼ିପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ରାଜ୍ୟଗୁଡିକୁ କ୍ଷତିପୂରଣ ପ୍ରସଙ୍ଗ ସହ ଅନ୍ୟ ପ୍ରମୁଖ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦ ବୈଠକ ଶୁକ୍ରବାର ବସୁଛି।

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୨.୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିବା ନେଇ ଧାର୍ଯ୍ୟ ହୋଇଛି। ଏଥିଲାଗି ସରକାର ୧.୧ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିପାରନ୍ତି। କରୋନା ମହାମାରୀ ଟିକସ ଆଦାୟ ଉପରେ ଗଭୀର ଭାବେ ପ୍ରଭାବ ପକାଇଥିବାରୁ ସରକାର ଅତିରିକ୍ତ ଋଣ କରିବାକୁ ବାଧ ହେବେ ବୋଲି ଅଧିକାରୀ ଜଣକ କହିଛନ୍ତି। ଏ ସଂକ୍ରାନ୍ତରେ ଅର୍ଥ ମନ୍ତ୍ରଣାଳୟର ମତାମତ ଲୋଡ଼ା ଯାଇଥିଲେ ମଧ୍ୟ ତାହା ମିଳିପାରିନାହିଁ। ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜସ୍ୱ କ୍ଷେତ୍ରରେ ରାଜ୍ୟ ଯେଉଁ କ୍ଷତି ସହୁଛନ୍ତି ତା'ର ଭରଣା ଲାଗି ଏହି ପରୋକ୍ଷ ଟିକସ ବ୍ୟବସ୍ଥାରେ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା କରାଯାଇଛି।

# ଷ୍ଟାର୍ଟଅପ୍‌ରେ ୪୦% ମହିଳା ଉଦ୍ୟମୀ




ଭୁବନେଶ୍ୱର,୨୬।୫

ଭାରତୀୟ ଷ୍ଟାର୍ଟଅପ୍ ବ୍ୟବସ୍ଥାରେ ଓଡ଼ିଶା ଷ୍ଟାର୍ଟଅପ୍‌ଗୁଡିକର ସ୍ଥାନ ତୃତୀୟ। ରାଜ୍ୟରେ ବର୍ତ୍ତମାନ ୧୦୩୪ ଷ୍ଟାର୍ଟଅପ୍ ରହିଥିବା ବେଳେ ସେଥିମଧ୍ୟରୁ ୪୦% ଭାଗ ମହିଳା ଉଦ୍ୟମୀ ବୋଲି ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି। ସିଆଇଆଇ ଷ୍ଟାର୍ଟଅପ୍ ଗୁରୁକୁଳର ୪ ଦିନିଆ କର୍ମଶାଳାରେ ଅତିଥି ଭାବେ ଯୋଗଦେଇ ସାହୁ ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ତନ୍ତ୍ର ଉପରେ 'ଓ' ହବ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବ୍ରତୋ ବାଗ୍‌ଚୀ ଷ୍ଟାର୍ଟଅପ୍‌ଗୁଡିକ ଓଡ଼ିଶାରେ ସମ୍ମୁଖୀନ ହେଉଥିବା ସମସ୍ୟା, ବିକ୍ରୟ କ୍ଷମତା, ସମ୍ପ୍ରସାରଣ ଏବଂ ପ୍ରଶାସନିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ମନୀଷ ଖରବନ୍ଦା ନବସୃଜନ ଏକ ସଂସ୍କୃତି ବୋଲି କହିଥିଲେ। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ତଥା ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଥିଲେ, ଆମେ କାହାଠାରୁ କମ୍ ନୁହେଁ, ଆମେ ବି ଦିନେ ଶିଖର ଛୁଇଁବା। ଭାରତ ସରକାରଙ୍କ ଅଟଳ ନବସୃଜନ ମିଶନ, ନୀତି ଆୟୋଗର ମିଶନ ନିର୍ଦ୍ଦେଶକ ଡ.ଚିନ୍ତନ ବୈଷ୍ଣବ ଯେତେ ସମ୍ଭବ ନିର୍ଭରତା କମ୍ କରିବା ପାଇଁ କହିଥିଲେ। ଏଥିରେ ସିଆଇଆଇ ଓଡ଼ିଶା ନବସୃଜନ ପ୍ୟାନେଲ ସଂଯୋଜକ ଜୟଶ୍ରୀ ମହାନ୍ତି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଷ୍ଟାର୍ଟଅପ୍ ଗୁରୁକୁଳ ଭର୍ଚୁଆଲ କାର୍ଯ୍ୟକ୍ରମରେ ୫୦ ଷ୍ଟାର୍ଟଅପ୍ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିଛନ୍ତି।

# ୫୧ ହଜାର ପଏଣ୍ଟ ଟପିଲା ସେନ୍‌ସେକ୍ସ

ମୁମ୍ବାଇ,୨୬।୫

ବୁଧବାର ଦେଶର ପୁଞ୍ଜିବଜାର କାରବାର ବେଶ୍ ଉନ୍ନତ ରହିଛି। ଏସିଆ ବଜାରର ସ୍ଥିତି ଭଲ ରହିବା ଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ କାରବାର ଉର୍ଦ୍ଧ୍ୱଗାମୀ ରହିଛି। ସେନ୍‌ସେକ୍ସରେ ଟେକ୍ନୋଲୋଜି, ଫାଇନାନ୍ସ ଏବଂ ଅଟୋମୋବାଇଲ ଶେୟାର କାରବାର ବେଶ୍ ଭଲ ରହିବା ଯୋଗୁ ସୂଚକାଙ୍କ ୫୧ ହଜାର ପଏଣ୍ଟ ଟପିଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୩୭୯.୯୯ ପଏଣ୍ଟ (୦.୭୫%) ଉର୍ଦ୍ଧ୍ୱରେ ରହିବା ଯୋଗୁ ଏହା ୫୧.୦୧୭.୫୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ମାର୍ଚ୍ଚ ୧୦ ପରଠାରୁ ବଜାର ପ୍ରଭାବିତ ହୋଇଥିଲା। ଏହା ପୁଣିଥରେ ୫୧ ହଜାର ପଏଣ୍ଟ ସ୍ତର ହାସଲ କରିଛି। ଗତ ୪ ସେସନ ହେବ ଏନ୍‌ଏସ୍‌ଇ ନିଫ୍ଟି ଭଲ କାରବାର ହାସଲ କରୁଛି। ବୁଧବାର ଏଥିରେ ୯୩ ପଏଣ୍ଟ (୦.୧୭%) ବୃଦ୍ଧି ହେବା ଯୋଗୁ ୧୫,୩୦୧.୪୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ବଜାଜ ଫିନ୍‌ସର୍ଭ ସବୁଠାରୁ ଭଲ କାରବାର ହାସଲ କରିଛି। ଏହାର ଶେୟାର ୪.୮୨% ବଢ଼ିଛି। ଏହାବାଦ ବଜାଜ ଫାଇନାନ୍ସ, ଇନ୍‌ଫୋସିସ୍, ମାରୁତି, ଏଚ୍‌ଡିଏଫ୍‌ସି,ଏଲ୍ ଆଣ୍ଡ ଟି, ଟେକ୍ ମହିନ୍ଦ୍ରା ଏବଂ ମହିନ୍ଦ୍ରାର ଶେୟାର କାରବାର ଉନ୍ନତ ସ୍ଥିତିରେ ରହିଛି।

# ଆର୍ଥିକ ନମନୀୟତାକୁ ବିକଶିତ କରନ୍ତୁ

**ଅର୍ଥର ଅର୍ଥ**



Rupkumar Pradhan
CERTIFIED FINANCIAL PLANNER CM ,CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

■କରୋନା ପରିସ୍ଥିତିରେ ସଞ୍ଚୟ କରିବା କଷ୍ଟକର ହେଉଛି। ମାସିକ ଆୟ କିଛି ଅଂଶ ଔଷଧ ପାଇଁ ଖର୍ଚ୍ଚ ହୋଇଗଲା। ଏହି କୋଭିଡ୍-୧୯ ପରିସ୍ଥିତିରେ ମୋର ଆର୍ଥିକ ପରିସ୍ଥିତିକୁ କିପରି ପରିଚାଳନା କରିବି?

–ସରିତା ସ୍ୱାଇଁ, ନୟାଗଡ଼

■କୋଭିଡ୍-୧୯ ଆମ ସମସ୍ତଙ୍କୁ ଅସୁବିଧାରେ ପକାଇଛି। ସମସ୍ତଙ୍କ ଆର୍ଥିକ ଦିଗ ଉପରେ ମଧ୍ୟ ଏହା ପ୍ରଭାବ ପକାଇଛି। ଅଧିକାଂଶ ଲୋକ ବିଭିନ୍ନ କ୍ଷତି ସହିଛନ୍ତି। ଚାକିରି ଚାଲିଯିବା, ମାସିକ ଆୟ କମିବା, ବୃତ୍ତି ବନ୍ଦ ହୋଇଯିବା, ଲକ୍‌ଡାଉନ ଯୋଗୁ ବ୍ୟବସାୟ ବନ୍ଦ ରହିବା କିମ୍ବା ଆମ ସମସ୍ତଙ୍କୁ ଭାଇରସ୍ କାରଣରୁ ଏକାନ୍ତବାସ କରିବାକୁ ବାଧ କରିଛି। ଏହା ଆମର ଆର୍ଥିକ ସୁରକ୍ଷାକୁ ମଧ୍ୟ ବିଚଳିତ କରିବା ସହ ମାନସିକ ସ୍ତରରେ ମଧ୍ୟ ନକାରାତ୍ମକ ଚିନ୍ତାଧାରା ଏବଂ ଚାପଗ୍ରସ୍ତ କରୁଛି। ଏହି ଅନିଶ୍ଚିତତା ସମୟ ଓ କୋଭିଡ୍-୧୯ର ପରବର୍ତ୍ତୀ ପରିସ୍ଥିତିରେ ଆପଣଙ୍କୁ ଆର୍ଥିକ ଓ ଭାବନାତ୍ମକ ନମନୀୟତାକୁ ବିକଶିତ କରିବାକୁ ପଡ଼ିବ। ଆପଣ ଏହି ସଙ୍କଟ ସ୍ଥିତିରେ ଯାହା କରିପାରିବେ ତାହା ନିୟନ୍ତ୍ରଣ କରିବାକୁ ପଡ଼ିବ। ଆପଣ ନିମ୍ନଲିଖିତ ୮ଟି କାର୍ଯ୍ୟ ଆପଣଙ୍କ ଆର୍ଥିକ ଯୋଜନାର ରଣନୀତି ହିସାବରେ କରିପାରିବେ।

◆ଆପଣଙ୍କ ବର୍ତ୍ତମାନର ଆର୍ଥିକ ପରିସ୍ଥିତିର ସମୀକ୍ଷା କରନ୍ତୁ ଓ ଏ ବିଷୟରେ ତଥ୍ୟ ନିଅନ୍ତୁ। ଏହା ହେଉଛି ଆପଣ ମାସିକ ଆୟ ଓ ମାସିକ ବ୍ୟୟର ସମୀକ୍ଷା। ଆପଣ କ'ଣ ବ୍ୟବସ୍ଥା ଓ ସମନ୍ୱୟ କରିପାରିବେ ଯାହାକି ଆପଣଙ୍କୁ ଏକ ଭଲ ଆର୍ଥିକ ପରିସ୍ଥିତିକୁ ଆଗକୁ ନେଇପାରିବେ। ଏହା ଉପରେ କାର୍ଯ୍ୟ କରନ୍ତୁ।

◆ଆପଣଙ୍କ ନିକଟରେ ଯେଭଳି ଯଥେଷ୍ଟ ପରିମାଣ ଜରୁରିକାଳୀନ ପାଣ୍ଠି ରହିବ ସେ ନେଇ ସୁନିଶ୍ଚିତ କରନ୍ତୁ। ଏ କ୍ଷେତ୍ରରେ ୩-୫ ମାସର ଘର ଖର୍ଚ୍ଚ ବିଶିଷ୍ଟ ରୂପରେ ପରାମର୍ଶ ଦିଆଯାଇଥାଏ। ଏହାଠାରୁ ଯଦି ଅଧିକ ରଖିପାରିବେ ତେବେ ବହୁତ ଭଲ ହେବ।

◆ଆପଣଙ୍କ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ସୁରକ୍ଷା ଯଥେଷ୍ଟ ଅଛି କି ନାହିଁ ଏହାର ସମୀକ୍ଷା କରନ୍ତୁ। ନିଶ୍ଚିତ କରନ୍ତୁ ଯେ, ଆପଣ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ପଲିସି ଠିକ୍‌ରେ ଚାଲୁ ରହିଛି।

◆ଆପଣଙ୍କର ଆର୍ଥିକ ଇଚ୍ଛାପତ୍ର ଦେଖି ନିଅନ୍ତୁ। ଅର୍ଥାତ୍ ଆପଣଙ୍କର ସମସ୍ତ ଆର୍ଥିକ ସ୍କିମ୍/ପଲିସି/ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦିରେ ନୋମିନେଶନ ବା ମନୋନୟନ ବ୍ୟକ୍ତିଙ୍କର ନାମ ଅଛି କି ନାହିଁ। ପ୍ରାୟତଃ ଅଧିକାଂଶ ଲୋକ ଆର୍ଥିକ ସ୍କିମ୍/ମ୍ୟୁଚୁଆଲ ଫଣ୍ଡ ଇତ୍ୟାଦି କରିବା ସମୟରେ ନୋମିନେସନ ବ୍ୟକ୍ତିଙ୍କ ନାମ ଲେଖିବାକୁ ଭୁଲି ଯାଇଥାନ୍ତି। ଏହାକୁ ସମୀକ୍ଷା କରିନିଅନ୍ତୁ।

◆ଆପଣ ଅନ୍ୟ ବ୍ୟକ୍ତି ବା ଗୋଷ୍ଠୀକୁ ଜମା ଅନୁସରଣ କରନ୍ତୁ ନାହିଁ ଏବଂ ନିଜର ପରିସ୍ଥିତି ବିଷୟରେ ସମୀକ୍ଷା କରନ୍ତୁ ଓ ଏହା ବିଷୟରେ ଭାବି ପଦକ୍ଷେପ ନିଅନ୍ତୁ।

◆ସର୍ବଦା ନିବେଶ କରନ୍ତୁ। ଦୀର୍ଘକାଳୀନ ହିସାବରେ ସମ୍ପତ୍ତି ସୃଷ୍ଟି କରୁଥିବା ସ୍କିମରେ ନିବେଶ କରନ୍ତୁ। ସମ୍ପତ୍ତି ସୃଷ୍ଟି କିପରି କରିପାରିବେ ସେ ବିଷୟରେ ତଥ୍ୟ ସଂଗ୍ରହ କରନ୍ତୁ କିମ୍ବା ଆର୍ଥିକ ଯୋଜନାକାରୀଙ୍କ ସହିତ ଆଲୋଚନା କରନ୍ତୁ।

◆ସବୁବେଳେ ଜଣେ ପେସାଦାର ଆର୍ଥିକ ଯୋଜନାକାରୀଙ୍କ ସାହାଯ୍ୟ ନିଅନ୍ତୁ। ଆପଣ ଆର୍ଥିକ ପରିସ୍ଥିତି କିମ୍ବା ଆର୍ଥିକ ସ୍କିମ୍ ଠିକ୍ କରୁଛନ୍ତି କିମ୍ବା ଭୁଲ୍ କରୁଛନ୍ତି ଏହା ଜାଣିବା ପାଇଁ ଜଣେ ପେସାଦାର ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ନିଅନ୍ତୁ।

◆ଧୈର୍ଯ୍ୟଶୀଳ ହୁଅନ୍ତୁ ଓ ନିଜର ପରିସ୍ଥିତିକୁ ପରିଚାଳନା କରିବାକୁ ପଦକ୍ଷେପ ନିଅନ୍ତୁ। ଏ ପରିସ୍ଥିତି ସବୁଦିନ ପାଇଁ ରହିବ ନାହିଁ। ଭବିଷ୍ୟତରେ ନିଶ୍ଚିତ ଭଲ ପରିସ୍ଥିତି ଆସିବ। ଆମର ପରାମର୍ଶ ଆପଣ ଏସବୁ ଦିଗକୁ ଦୃଷ୍ଟି ଦିଅନ୍ତୁ ଓ ସେହି ଅନୁସାରେ ପଦକ୍ଷେପ ନିଅନ୍ତୁ।

■ବ୍ୟାଙ୍କ ଓ ଡାକଘର ସଞ୍ଚୟ ସ୍କିମ୍‌ରେ କିଛି ତଫାତ୍ ରହିଛି କି? ବ୍ୟାଙ୍କ ସଞ୍ଚୟ ଜମାଖାତା ଓ ଡାକଘର ସଞ୍ଚୟ ଜମାଖାତାର ସୁଧହାରରେ କିଛି ଫରକ ଅଛି କି?

–ମଳୟ ସାହୁ, ସମ୍ବଲପୁର

■ସାଧାରଣତଃ ଡାକଘର ସ୍ୱଳ୍ପ ସଞ୍ଚୟ ସ୍କିମ ସବୁର ବାର୍ଷିକ ସୁଧହାର ବ୍ୟାଙ୍କ ସ୍କିମ୍ ସବୁଠାରୁ ଅଧିକ ରହିଥାଏ। ଏହିସବୁ ସ୍କିମ୍‌ର ସୁଧହାର ଅର୍ଥ ମନ୍ତ୍ରଣାଳୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କରାଯାଇଥାଏ। ସବୁଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ସୁବିଧା ହେଉଛି ଡାକଘର ସଞ୍ଚୟ ଜମାଖାତାରେ ଅନ୍ୟ ବ୍ୟାଙ୍କ ସଞ୍ଚୟ ଜମାଖାତାର ସର୍ବୋଚ୍ଚ ୫ଲକ୍ଷ ଟଙ୍କା ବୀମା ସୁରକ୍ଷାର ସୀମା ନ ଥାଏ, ଏହାର କାରଣ ହେଉଛି ସାର୍ବଭୌମ ଗ୍ୟାରେଣ୍ଟି। ଏହି ସ୍କିମ୍‌ରେ ଯେହେତୁ ସାର୍ବଭୌମ ଗ୍ୟାରେଣ୍ଟି ରହିଛି ତେଣୁ ଆପଣଙ୍କ ସଞ୍ଚୟ ଲାଗି ନିରାପଦ ଓ ସୁରକ୍ଷିତ ସ୍ଥାନରେ ଅଛି।

**ଡାକଘର ସ୍ୱଳ୍ପ ସଞ୍ଚୟ ସ୍କିମ ଓ ବ୍ୟାଙ୍କ ସ୍କିମର କିଛି ତଫାତ୍:**

◆ଡାକଘର ସଞ୍ଚୟ ଜମାଖାତାର ବାର୍ଷିକ ସୁଧହାର୪% ଯାହାକି ସର୍ବାଧିକ ଅଛି କିନ୍ତୁ ବ୍ୟାଙ୍କ ସଞ୍ଚୟ ଜମାଖାତାକୁ ୨.୫%-୩.୫% ବାର୍ଷିକ ସୁଧହାର ପ୍ରଦାନ କରୁଛନ୍ତି।

◆ଡାକଘର ମିଆଦୀ ଜମା ୧, ୨, ୩, ୫ ବର୍ଷର ସ୍କିମ୍‌ର ସୁଧହାର ୫.୫%-୬.୭% ବାର୍ଷିକ କିନ୍ତୁ ବ୍ୟାଙ୍କ ସ୍ଥାୟୀ ଜମାର ସୁଧହାର ବାର୍ଷିକ ୪.୪୦%-୫.୪୦% ଅଛି।

◆ଡାକଘର ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ୍‌ରେ ବାର୍ଷିକ ସୁଧହାର ୭.୪% ଅଛି କିନ୍ତୁ ବ୍ୟାଙ୍କ ବରିଷ୍ଠ ନାଗରିକ ସ୍କିମ୍‌ର ବାର୍ଷିକ ସୁଧହାର ୪.୯୦%-୬.୨୦% ଅଛି।

◆ଡାକଘର ପୌନଃପୁନିକ ଜମାଖାତା ଆପଣଙ୍କୁ ୫୦% ପାଖାପାଖି ଋଣ ଆକାଉଣ୍ଟ ବାଲାନ୍ସର ଦେଇପାରିବ କିନ୍ତୁ ବ୍ୟାଙ୍କ ପୌନଃପୁନିକ ଜମାଖାତା ପାଖାପାଖି ୯୦% ଋଣ ଆକାଉଣ୍ଟ ବାଲାନ୍ସର ଦେଇପାରିବ।

◆ଡାକଘର ସ୍ୱଳ୍ପ ସଞ୍ଚୟ ସ୍କିମ୍ ଅନେକ ଗୁଡିଏ ସ୍କିମ ଅଛି ଯାହାକି ଭଲ ସୁଧହାର ପ୍ରଦାନ କରୁଛି।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

**ଫୁର୍‌ସତ୍**

# ସ୍ପର୍ଶର ଭୟ 'ଜର୍ମୋଫୋବିଆ'

**ଜର୍ମୋଫୋବିଆରେ ପୀଡ଼ିତ ବ୍ୟକ୍ତି କରମର୍ଦ୍ଦନଠାରୁ ଦୂରେଇ ରହିଥାଆନ୍ତି। ନିକଟରେ ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ସହ ହାତ ମିଳାଇବା ପରେ ତୁରନ୍ତ ନିଜ ଟ୍ରାଉଜରରେ ପୋଛିଥିଲେ। ଏହାକୁ କେତେଜଣ 'ଜର୍ମୋଫୋବିଆ' ବୋଲି ମତବ୍ୟକ୍ତ କରିଛନ୍ତି।**



**ନୂଆଦିଲ୍ଲୀ:** ନିକଟରେ ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜେ ଇନ୍‌ଙ୍କ ସହ ହାତ ମିଳାଇବା ପରେ ହାରିସ୍ ତାଙ୍କ ଟ୍ରାଉଜରରେ ହାତ ପୋଛୁଥିବା ଦେଖିବାକୁ ମିଳୁଛି। ଏହି ଭାରତୀୟ ବଂଶୋଦ୍ଭବ ଆମେରିକୀୟ ରାଜନେତାଙ୍କ ଏଭଳି କାର୍ଯ୍ୟ ଏବେ ଚର୍ଚ୍ଚାରେ ରହିଛି। ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏହାକୁ ଅନେକେ ରଙ୍ଗଭେଦ ବୋଲି କହୁଥିବାବେଳେ ଅନ୍ୟ କେତେଜଣ ଏହାକୁ ଜର୍ମୋଫୋବିଆ କହୁଛନ୍ତି।

କ୍ୱଚିତ୍ ମଣିଷଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତେ କୌଣସି ନା କୌଣସି ଫୋବିଆରେ ପୀଡ଼ିତ। ହେଲେ ଏହାକୁ ଅଧିକାଂଶ ସମୀକ୍ଷା କରନ୍ତି ନାହିଁ। କେତେଜଣ ପାଣି, ଉଚ୍ଚତମ ସ୍ଥାନକୁ ଦେଖି ଡରିଥାଆନ୍ତି। କୀଟପତଙ୍ଗଙ୍କୁ ଦେଖିଲେ ଭୟଭୀତ ହେବା ସାଧାରଣ କଥା। ଅନ୍ୟ କେତେଜଣ ବନ୍ଦ କୋଠରି, ବିମାନରେ ଅସ୍ତବ୍ୟସ୍ତ ହୋଇପଡ଼ିବା ନଜିର ରହିଛି। ସାଧାରଣ ଭାବେ କହିଲେ କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ମନରେ ସ୍ୱତଃପ୍ରବୃତ୍ତ ଭାବେ ଭୟ ସୃଷ୍ଟି ହେବା ଫୋବିଆ। 'ଜର୍ମୋଫୋବିଆ' ସେଥିରୁ ଅନ୍ୟତମ। ଏହାର ଶିକାର ହୋଇଥିବା ଲୋକଙ୍କ ମନରେ ଜର୍ମ ବା କୀଟାଣୁକୁ ନେଇ ଡର ରହିଥାଏ। ସେମାନେ ଅନୁଭବ କରିଥାଆନ୍ତି ଯେ, ଛୁଇଁବା ଦ୍ୱାରା କୀଟାଣୁ ସଂକ୍ରମଣର ଶିକାର ହୋଇଯିବେ। ସେହିପରି ଦୁର୍ଘଟଣା ଶିକାର ହେଲେ କିମ୍ବା କୌଣସି କାରଣରୁ ଆଭ୍ୟନ୍ତରୀଣ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହେଲେ ସମ୍ପୃକ୍ତ ବ୍ୟକ୍ତି ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ଏହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଜର୍ମୋଫୋବିଆର ଶିକାର ହେବା ଆଶଙ୍କା ବେଶି। ଏହି ରୋଗର ନିର୍ଦ୍ଦିଷ୍ଟ ଭାବେ କୌଣସି ଚିକିତ୍ସା ପଦ୍ଧତି ନାହିଁ। ତେବେ ଔଷଧ ସେବନ ସମେତ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ଏହାର ଉପଶମ କରାଯାଇପାରିବ, ଯାହା ଏକ ଦୀର୍ଘ ପ୍ରକ୍ରିୟା ଏବଂ ବ୍ୟୟବହୁଳ ମଧ୍ୟ।

## ସଂକ୍ରମଣକୁ ବେଶି ଡର

ସ୍ୱଚ୍ଛ ପରିବେଶରେ ରହିବା ସ୍ୱାସ୍ଥ୍ୟ ପକ୍ଷେ ନିଶ୍ଚିତ ଭାବେ ଉପଯୋଗୀ। ହେଲେ କେତେଜଣ ସଫାସୁତରା ରହିବାକୁ ଅତ୍ୟଧିକ ଗୁରୁତ୍ୱ ଦିଅନ୍ତି। ଏଥିରେ ସେମାନେ ଧୀରେ ଧୀରେ ଅଭ୍ୟସ୍ତ ହୋଇଯାଆନ୍ତି। ଫଳରେ ସାମାନ୍ୟ ଧୂଳି, ମଇଳା ଦେଖିଲେ ସେମାନଙ୍କୁ ଘାରିଥାଏ କୀଟାଣୁ ସଂକ୍ରମଣର ଭୟ। ଏହା ହିଁ 'ଜର୍ମୋଫୋବିଆ' ବା 'ମାଇସୋଫୋବିଆ'। କେବଳ ଏତିକି ନୁହେଁ, ଅତ୍ୟଧିକ ସ୍ୱଚ୍ଛ ପରିବେଶରେ ରନ୍ଧାଯାଇଥିବା ଖାଦ୍ୟରେ ବି ସେମାନେ ମାରାତ୍ମକ ଭୂତାଣୁର ପରିକଳ୍ପନା କରିଥାଆନ୍ତି। ଏହାର ଶିକାର ହୋଇଥିବା ବ୍ୟକ୍ତି ସାଧାରଣ ଧୂଳି ପରିବେଶ, ଭିଡ଼ସ୍ଥାନରେ ଅସ୍ତବ୍ୟସ୍ତ ହୋଇପଡ଼ନ୍ତି। ନିଜର ବ୍ୟକ୍ତିଗତ ସାମଗ୍ରୀ ଅନ୍ୟ କାହାକୁ ଦେବାକୁ ପସନ୍ଦ କରନ୍ତି ନାହିଁ। ଜରୁରୀ କାମ ଛାଡ଼ି ଅଧିକାଂଶ ସମୟ ସଫେଇରେ ବିତାଇଥାନ୍ତି। ଅତ୍ୟଧିକ ଭୟ କାରଣରୁ ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଶ୍ୱାସକ୍ରିୟା ପ୍ରଭାବିତ ହେବା, ହୃଦ୍‌ସ୍ପନ୍ଦନ ବଢ଼ିବା, ଛାତିରେ ଯନ୍ତ୍ରଣା, ଥରିବା ଭଳି ଲକ୍ଷଣ ମଧ୍ୟ ଦେଖାଦେଇଥାଏ।

# ଅକ୍ସିଜେନ ଲଗାଇ ଅଫିସ୍ ପହଞ୍ଚିଲେ

**ରାଞ୍ଚି:** ଝାଡ଼ଖଣ୍ଡ ରାଞ୍ଚିରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାର ଜଣେ କର୍ମଚାରୀଙ୍କୁ ଛୁଟି ନ ମିଳିବାରୁ ସେ ଅକ୍ସିଜେନ ସପୋର୍ଟରେ ଅଫିସ୍‌ରେ ପହଞ୍ଚିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅରବିନ୍ଦ କୁମାର ନାମକ ସମ୍ପୃକ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ସେ କରୋନାରେ ସଂକ୍ରମିତ ହୋଇଥିଲେ। ଫୁସ୍‌ଫୁସ୍‌କୁ ସଂକ୍ରମଣ ବ୍ୟାପିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଥିଲା। ଫଳରେ ତାଙ୍କୁ ଅକ୍ସିଜେନର ଆବଶ୍ୟକତା ପଡ଼ିଥିଲା। ଏଥିପାଇଁ ସେ ବ୍ୟାଙ୍କରେ ଛୁଟି ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କୁ ଛୁଟି ନ ମିଳିବାରୁ ପରିବାର ଲୋକଙ୍କ ସହାୟତାରେ ଅକ୍ସିଜେନ ସିଲିଣ୍ଡର ସହ ସେ ଅଫିସ୍‌ରେ ପହଞ୍ଚିଥିଲେ। ତେବେ ବ୍ୟାଙ୍କ ପକ୍ଷରୁ ଅରବିନ୍ଦଙ୍କ ଅଭିଯୋଗକୁ ଖଣ୍ଡନ କରାଯାଇଛି। ବ୍ୟାଙ୍କକୁ ବଦନାମ କରିବାକୁ ସେ ଏପରି ଡ୍ରାମା କରିଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ଏଥିସହ ତାଙ୍କ ବିରୋଧରେ ଆସିଥିବା ବିଭିନ୍ନ ଅଭିଯୋଗକୁ ଏଡ଼ାଇବା ପାଇଁ ଏବଂ ତାଙ୍କ ନନ୍ ପରଫର୍ମିଂ ଆସେଟ୍(ଏନ୍‌ପିଏ) ଲୋନ୍ ଆକାଉଣ୍ଟ ରିକଭରି ପ୍ରକ୍ରିୟା ଅଟକାଇବା ପାଇଁ ଅରବିନ୍ଦ ଏପରି କରିଥିବା ବ୍ୟାଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।


**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**



(ସାଇ)

**ସାଇନାଥ ମହାନ୍ତି**
ପାଟସୁନ୍ଦରପୁର, କାକଟପୁର, ପୁରୀ
ବାପା: ସୁଶାନ୍ତ କୁମାର ମହାନ୍ତି
ମାଆ: ନିଲାଞ୍ଜନା ମହାନ୍ତି
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଶିରିଡି ସାଇବାବାଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ତୋର ସୁଦୀର୍ଘ ଭବିଷ୍ୟତ ପ୍ରଭୁ ସାଇବାବା ଉଜ୍ଜ୍ୱଳମୟ କରନ୍ତୁ, ଏହାହିଁ ଜନ୍ମ ଦିନର ଶୁଭ କାମନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ବଡ଼ବାପା, ବଡ଼ମାମା, ପିଉସା, ପିଉସୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୭୭୮


# ଓଟିଟିରେ ଆସିବ 'ସର୍ଦ୍ଦାର ଉଧମ ସିଂ'



ମୁମ୍ବାଇ: ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ସର୍ଦ୍ଦାର ଉଧମ ସିଂ' ଶେଷରେ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ ପାଇଁ ସ୍ଥିର ହୋଇଛି। ଫିଲ୍ମର ଶୁଟିଂ ଓ ପୋଷ୍ଟ ପ୍ରଡକ୍ସନ ଗତ ବର୍ଷରୁ ହିଁ ଶେଷ ହୋଇଥିଲା। ୨ ଅକ୍ଟୋବର ୨୦୨୦ରେ ଚଳଚ୍ଚିତ୍ର ରିଲିଜ କରାଯିବାକୁ ଘୋଷଣା କରାଯାଇଥିଲା। କିନ୍ତୁ କରୋନା ସଂକ୍ରମଣ ଯୋଗୁ ତାହା ହୋଇପାରି ନ ଥିଲା। ପରେ ଫିଲ୍ମ ନିର୍ମାତା ୧୫ ଜାନୁୟାରୀ ୨୦୨୧ରେ ରିଲିଜ୍ ପାଇଁ ସ୍ଥିର କରିଥିଲେ ହେଁ ସମାନ କାରଣ ଯୋଗୁ ଫିଲ୍ମ ପରଦାକୁ ଆସିପାରି ନ ଥିଲା। ଶେଷରେ ଏହାକୁ ଆସନ୍ତା ଅଗଷ୍ଟରେ ଓଟିଟି ପ୍ଲାଟଫର୍ମ ଆମାଜନ ପ୍ରାଇମ୍‌ରେ ମୁକ୍ତିଲାଭ ପାଇଁ ନିଷ୍ପତ୍ତି ହୋଇଛି। ସୁଜିତ୍ ସିରକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ଉଧମ୍ ସିଂଙ୍କ ଜୀବନୀ ଉପରେ ଆଧାରିତ। ବ୍ରିଟିଶ ସରକାରବେଳେ ୧୯୧୯ରେ ଜାଲିଓ୍ୱାନା ୱାଲାବାଗ୍ ଗଣହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଉଧମ ସିଂ ପୂର୍ବତନ ଲ୍ୟୁଟ୍‌ନାଣ୍ଟ ଗଭର୍ନର ମାଇକେଲ ଓ' ଡାୟରଙ୍କୁ ହତ୍ୟା କରିଥିଲେ।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



୰କନକଲତା ଜେନା
ସ୍ୱାମୀ: ୰ଚନ୍ଦ୍ରଶେଖର ଜେନା
ଶବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୫୨
ତିରୋଧାନ: ୧୮।୦୫।୨୦୨୧
ବୋଉ ଚାଲିଗଲୁ, ଆଉ କେବେ ଆମ ଘରେ ବୋଉ ଡାକ ଶୁଭିବ ନାହିଁ। ଏତେ ଶୀଘ୍ର ତୁ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଯିବୁ ଆମେ କେବେବି କଳ୍ପନା କରିନଥିଲୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପପୁ, ମାନି, ଝୁନା, ରିନା, ଟିଙ୍କା, ଲିନା, ଗୁଲ୍‌ଗୁଲି, ଅନ୍‌ମୋଲ୍, ଓମ୍, ଅନିଶ୍, ରାଧା, କାହ୍ନା ଓ ଗୋବିନ୍ଦ, ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୦୭୫୦

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



୰ଶ୍ରୀମତୀ କାଞ୍ଚନ ସାହୁ
ଭୁବନ, ଢେଙ୍କାନାଳ
ଆବିର୍ଭାବ: ୨୫।୧୦।୧୯୫୬
ତିରୋଧାନ: ୧୭।୦୫।୨୦୨୧
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସହନଶୀଳତା, ସମ୍ମାନବୋଧ ଓ ମମତା ଆମମାନଙ୍କ ମଧ୍ୟରେ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ସୁରେନ୍ଦ୍ର କୁମାର ସାହୁ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୨୦୭୮୨

**ପ୍ରଥମ ଶ୍ରାଦ୍ଧ ଦିବସ**



୰ଆଲିଶା ମିଶ୍ର
ସ୍ୱାମି: ସ୍ମୃତି ରଞ୍ଜନ ପଣ୍ଡା
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୧୯।୦୩।୧୯୯୩
ତିରୋଧାନ: ୦୮।୦୫।୨୦୨୦
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୪୫୨

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
**ହିନ୍ଦୁସ୍ଥାନ ଫାଇନାନ୍ସ**
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

**BIKASHA FINANCE**
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରିୟଙ୍କାଙ୍କ ସଜବାଜ


ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ହାତକୁ ଦି' ହାତ ହେବା ପରେ ପ୍ରାୟ ବଲିଉଡ୍‌ଠାରୁ ଦୂରେଇ ଯାଇଛନ୍ତି। ହେଲେ ଖୁବ୍ ଶୀଘ୍ର ସେ ହିନ୍ଦୀ ସିନେମାରେ ନିଜର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ନିକଟରେ ଏ ନେଇ ପରୋକ୍ଷରେ ସୂଚନା ଦେଇଛନ୍ତି ସେ। ପ୍ରିୟଙ୍କା ନିଜ ବ୍ୟକ୍ତିଗତ ଜୀବନ ବିଷୟରେ କହୁକହୁ ବଲିଉଡ୍ ବିଷୟରେ ସୂଚନା ଦେବାକୁ ଭୁଲି ନ ଥିଲେ। 'ଘର ସଂସାର କରିବାର ମୋର ତିନି ବର୍ଷ ହୋଇଗଲାଣି। ଆଉ ୟା' ଭିତରେ ମୁଁ ନିଜ ପରିବାରକୁ ନେଇ କେତେ ଖୁସି ଅଛି ତାହା ବର୍ଣ୍ଣନା କରିପାରିବି ନାହିଁ। ମୋଟ ଉପରେ କହିବାକୁ ଗଲେ ମୁଁ ଜଣେ ପରଫେକ୍ଟ ଲାଇଫ୍ ପାର୍ଟନର ଚଏସ୍ କରିଛି ଏବଂ ତାଙ୍କ (ନିକ୍ ଜୋନ୍‌ସ) ସହ ମୁଁ ବେଶ୍ ଖୁସିରେ ଅଛି। ବାକି ରହିଲା ବଲିଉଡ୍ କଥା। ମୁଁ ଖୁବ୍‌ଶୀଘ୍ର ହିନ୍ଦୀ ସିନେମାରେ ପୁଣି ଥରେ ଏଣ୍ଟ୍ରି କରିବି। ହେଲେ ସବୁ କଥା ଠିକ୍ ହେଲା ପରେ ଏ ନେଇ ସମସ୍ତଙ୍କୁ ଜଣେଇଦେବି ବୋଲି କହନ୍ତି ପ୍ରିୟଙ୍କା।' ତେବେ ପ୍ରିୟଙ୍କା କେବେ ବଲିଉଡ୍‌କୁ ରିଟର୍ନ କରୁଛନ୍ତି, ତାହା ସମୟ କହିବ।

# କଥା ହୃଦୟର

ସତରେ ହୃଦୟ ବା ଦିଲ୍ କେତେବେଳେ କାହା ହୃଦୟରେ ବସା ବାନ୍ଧେ ତାହା ଆକଳନ କରିବା କଷ୍ଟକର। ସେମିତି ଏକ ଜର୍ଣ୍ଣ ସମୟରେ ଜଣେ ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ହେଲେ ପ୍ରେମର ଉତ୍ଥାନ ପତନ ରାସ୍ତାକୁ ସେ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବାପୁନି କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହା ରିଲିଜ ଅପେକ୍ଷାରେ ରହିଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲବୁଲି ଶିବାନୀ। ଖାସ୍ କଥା ହେଲା 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ଼'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। 'ଏପରି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ' ବୋଲି କହନ୍ତି ଶ୍ରୀଧର।ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)।

# ଚକୋଲେଟ୍ ପ୍ରିୟ ତମନ୍ନା



ତମନ୍ନା ଯୁଆଡ଼େ ଗଲେ ଗୋଟିଏ ଜିନିଷ ଖାଇବାକୁ ଆଦୌ ଭୁଲି ନ ଥା'ନ୍ତି। ସେ ଅଧିକାଂଶ ସମୟ ଚକୋଲେଟ୍ ଖାଇବାକୁ ପସନ୍ଦ କରନ୍ତି। କେବଳ ସେତିକି ନୁହେଁ, ଆଇସ୍‌କ୍ରିମ ତାଙ୍କର ଅନ୍ୟତମ ପସନ୍ଦ। ସମୟ ମିଳିଲେ ସେ ସାଙ୍ଗମାନଙ୍କ ସହ ଚକୋଲେଟ୍ ନ ହେଲେ ଆଇସ୍‌କ୍ରିମ ପାର୍ଟି କରିଥାଆନ୍ତି। ତା' ସହ ବାହାରକୁ ଗଲେ ସାଙ୍ଗରେ ଚକୋଲେଟ୍ ନେବାକୁ ଭୁଲନ୍ତି ନାହିଁ। ଆଉ ଏକ କଥା। ସେ ଅଧିକାଂଶ ସମୟ ଧଳା ଡ୍ରେସ ପିନ୍ଧିବାକୁ ପସନ୍ଦ କରନ୍ତି। ତମନ୍ନାଙ୍କ ଜନ୍ମ ଏକ ସିନ୍ଧ୍ ପରିବାରରେ। ତାଙ୍କର ନିକ୍ ନେମ ହେଲା 'ତମ୍ମୁ'। ତାଙ୍କ ବାପା ସନ୍ତୋଷ ଭାଟିଆ ଜଣେ ଡାଇମଣ୍ଡ ମର୍ଚ୍ଚାଣ୍ଟ। ଡାଇମଣ୍ଡ ଜୁଏଲାରି ତାଙ୍କର ଭାରି ପସନ୍ଦ। ଏହା ସହ ୨୦୧୫ରୁ ତମନ୍ନା ଡାଇମଣ୍ଡ ବିଜ୍‌ନେସରେ ଟଙ୍କା ବିନିଯୋଗ କରିଆସୁଛନ୍ତି। ମାତ୍ର ୧୮ ବର୍ଷ ବୟସରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ସିନେମା ହେଉଛି 'ଶ୍ରୀ' ଏବଂ ଏହା ୨୦୦୫ରେ ରିଲିଜ୍ ହୋଇଥିଲା। ତମନ୍ନାଙ୍କର ସବୁଠାରୁ ପ୍ରିୟ ଅଭିନେତା ହେଲେ ମହେଶ ବାବୁ ଏବଂ ଅଭିନେତ୍ରୀ ହେଉଛନ୍ତି ପ୍ରୀତି ଜିଣ୍ଟା।

## ଅତୀତରୁ..

➔ତୋଫାନ ତ୍ରିପାଠୀଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଅଶାନ୍ତ ଗ୍ରହ'। ଏହାର ନିର୍ଦ୍ଦେଶନା ଦେବା ସହ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ବିଶିଷ୍ଟ ଅଭିନେତା ଶରତ ପୂଜାରୀ। ଉତ୍ତମ ମହାନ୍ତି, ମହାଶ୍ୱେତା ରାୟଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା।

➔ଅଜିତ ଦାସ, ବିଜୟ ମହାନ୍ତି, ମହାଶ୍ୱେତା ରାୟ, ଝରଣା ଦାସଙ୍କୁ ନେଇ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଟିକେ ହସ ଟିକେ ଲୁହ'। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

➔ରୂପରାଗ ପ୍ରା.ଲି., କଟକ ବ୍ୟାନରରେ ପ୍ରସ୍ତୁତ ପୌରାଣିକ ଚଳଚ୍ଚିତ୍ର 'ଶ୍ରୀ ଲୋକନାଥ'ର ପ୍ରଯୋଜନା କରିଥିଲେ ଗୋକୁଳ ଚନ୍ଦ୍ର କାନୁନ୍‌ଗୋ। ପ୍ରଫୁଲ୍ଲ ସେନଗୁପ୍ତା ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି), ମଣିମାଳା ଦେବୀ ଏବଂ ଅକ୍ଷୟ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ବଲିଉଡ୍ ହାଲ୍‌ଚାଲ୍


ଦୀପିକା

- ସଞ୍ଜୟ ଲୀଳା ଭଁସାଲୀଙ୍କ ଆଗାମୀ ଫିଲ୍ମର ନାୟିକା ସାଜିବେ ଦୀପିକା ପାଦୁକୋନ୍। ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଦୀପିକା ଜଣେ ଡକାୟତ କୁଇନ୍ 'ରୁପ୍‌ମତୀ' ଭୂମିକାରେ ଅଭିନୟ କରିବେ।
- ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଲିଗର'ର ରିଲିଜ୍ ଡେଟ୍ ପୁଣି ଥରେ ଘୁଞ୍ଚିଛି। ଏହି ଫିଲ୍ମରେ ବିଜୟ ଦେବରକୋଣ୍ଡେ ଏବଂ ଅନନ୍ୟା ପାଣ୍ଡେ ଅଭିନୟ କରିଛନ୍ତି।
- 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ'ର ନିର୍ଦ୍ଦେଶକ ହରିଶ ବ୍ୟାସ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି।
- ସୁପରହିଟ୍ ଫିଲ୍ମ 'ବାହୁବଳୀ'ର କାହାଣୀକାର କେ.ଭି. ବିଜୟେନ୍ଦ୍ର ପ୍ରସାଦ ରାମାୟଣର ସୀତା ଚରିତ୍ର ଉପରେ ଏକ ସିନେମା ପାଇଁ କାହାଣୀ ରଚନାରେ ବ୍ୟସ୍ତ ଅଛନ୍ତି। ଏପରି ପୌରାଣିକ କଥାବସ୍ତୁକୁ ସେ ନୂଆ ରୂପ ଦେଉଛନ୍ତି, ଯାହାର ଟାଇଟଲ ରହିଛି 'ସୀତା'। ଏହି ଭୂମିକା ପାଇଁ କରୀନା କପୁର ଏବଂ ଆଲିୟା ଭଟ୍ଟଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯାଇପାରେ।
- ହୋମ ବ୍ୟାନରରେ 'ରାଧେ– ଇୟୋର ମୋଷ୍ଟ ୱାଣ୍ଟେଡ ଭାଇ' ଓଟିଟି ଫର୍ମାଟରେ ମୁକ୍ତିଲାଭ କରିବା ପରେ ସଲ୍‌ମାନ ଖାଁ ଏବେ ନୂଆ ସିନେମା 'ଟାଇଗର–୩'ର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଏଥିରେ ଇମ୍ରାନ୍ ହାସ୍‌ମୀ ଜଣେ ଆଇଏସ୍‌ଆଇ ଏଜେଣ୍ଟ ଭୂମିକାରେ ଅଭିନୟ କରିବେ। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିବେ ସଲ୍‌ମାନ ଏବଂ କ୍ୟାଟ୍ରିନା କୈଫ।

# ସ୍ମରଣୀୟ ଅମରେନ୍ଦ୍ର

ଓଡ଼ିଆ ଚଳଚ୍ଚିତ୍ର, ଭଜନ, ବେତାର, ଦୂରଦର୍ଶନରେ ଜଣେ ସଫଳ ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟକ ଭାବେ ଅମରେନ୍ଦ୍ର ମହାନ୍ତି ବେଶ୍ ପରିଚିତ ନାମ। ନିଜର ଅଭିଜ୍ଞତାକୁ କାର୍ଯ୍ୟ କଲାବେଳେ ମନ ଧ୍ୟାନ ଦେଇ ସ୍ୱର ସଂଯୋଜନା କରୁଥିଲେ। କୌଣସି କାମ ପାଇଁ ନିଜର ସମ୍ମତି ପ୍ରଦାନ କରିବା ସମୟରେ ସେ ଆଦୌ ସାଲିସ୍ କରନ୍ତି ନାହିଁ। ନିଜର ଏଭଳି ମାନସିକତା ପାଇଁ ସେ ଖୁବ୍ କମ୍ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି– 'ଶ୍ରଦ୍ଧାଞ୍ଜଳି', 'ଅଣ୍ଟି ଛୁରି ତଣ୍ଟି କାଟେ', 'ସୁନା ପଞ୍ଜୁରି', 'ଭାଇ ହେଲା ଭଗାରି', 'ବସୁଧା', ପ୍ରଯୋଜିତ ଏବଂ ପଙ୍କଜ ପାଣିଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରୁ ସିଦ୍ଧାନ୍ତ ମହାପାତ୍ର ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର ସ୍ୱର ସଂଯୋଜିତ ଚଳଚ୍ଚିତ୍ରଗୁଡ଼ିକର ଗୀତ ଶ୍ରୋତାଙ୍କୁ ଦେଇଥିଲା ସ୍ୱତନ୍ତ୍ର ସ୍ୱାଦ। ତାଙ୍କର ସ୍ୱର ସଂଯୋଜନାରେ ଥାଏ ସ୍ୱତନ୍ତ୍ରତା, ଯାହାକୁ ଶ୍ରୋତା ବେଶ୍ ପସନ୍ଦ କରିଥାଆନ୍ତି। ଭଜନ ସମ୍ରାଟ୍ ଭିକାରୀ ବଳଙ୍କୁ ଆହୁରି ଲୋକପ୍ରିୟ କରାଇବାରେ ଅମରେନ୍ଦ୍ରଙ୍କର ଯଥେଷ୍ଟ ଭୂମିକା ରହିଛି। ସେ ସବୁବେଳେ ଶ୍ରୋତାଙ୍କ ମାନସିକତାକୁ ଗୁରୁତ୍ୱ ଦେଇ ଗୀତଗୁଡ଼ିକର ସ୍ୱର କରୁଥିଲେ। ଓଡ଼ିଆ ସଙ୍ଗୀତ ରାଇଜରେ ସଙ୍ଗୀତଜ୍ଞ ଅମରେନ୍ଦ୍ର ଜଣେ ସ୍ୱାଭିମାନୀ ଏବଂ ଖୁସି


ଶ୍ରଦ୍ଧାଞ୍ଜଳି | ଅମରେନ୍ଦ୍ର ମହାନ୍ତି

'କଣ୍ଢେଇ ଆଖିରେ ଲୁହ', 'ବାପା', 'ସ୍ତ୍ରୀ', 'ପବିତ୍ର ବନ୍ଧନ', 'ସରପଞ୍ଚ ବାବୁ', 'ହେ ସଖା', 'ପ୍ୟାର୍ ଅଲଗା ପ୍ରକାର', 'ରଙ୍ଗ ବରଷିଲା ଟୁପୁରୁ ଟୁପୁରୁ'। ତାଙ୍କ ସ୍ୱର ସଂଯୋଜନାରେ ଶେଷ ଚଳଚ୍ଚିତ୍ରଟି ହେଉଛି 'ଗାଁ ନାଁ ଗାଲୁଆପୁର', ଯାହା ରିଲିଜ୍ ଅପେକ୍ଷାରେ ରହିଛି। ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ 'ସୁନା ପଞ୍ଜୁରି' ଚଳଚ୍ଚିତ୍ରର 'ପୁଟୁକି ଗାଲି ଫେଶନବାଲି' ଗୀତଟି କେତେ ଶ୍ରୋତାଦୃତ ତାହା କହିବା ବାହୁଲ୍ୟ। ଖାସ୍ କଥା ହେଲା 'ଶ୍ରଦ୍ଧାଞ୍ଜଳି' ଚଳଚ୍ଚିତ୍ରରୁ ଅମରେନ୍ଦ୍ର ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ପ୍ରସନ୍ନ ସେନାପତିଙ୍କ ମିଜାଜ୍‌ର ବ୍ୟକ୍ତିତ୍ୱ। କମ୍ ସମୟରେ ସେ ସୃଜନଶୀଳ ପ୍ରତିଭା ବଳରେ ଶ୍ରୋତାମାନଙ୍କର ମନ କିଣିବା ସହ ସେମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଦ୍ୱିଅର୍ଥବୋଧକ ଗୀତକୁ ସେ ଆଦୌ ପ୍ରଶ୍ରୟ ଦେଉ ନ ଥିଲେ। ସଙ୍ଗୀତଜ୍ଞମାନଙ୍କର ସମାଜ ପ୍ରତି ମଧ୍ୟ ଦାୟିତ୍ୱ ରହିଛି। ଏ କଥାର ମର୍ମକୁ ସେ ଭଲ ଭାବରେ ବୁଝିଥିଲେ। ସେହି ଦୃଷ୍ଟିରୁ ବିଚାର କଲେ କମ୍ ସଂଖ୍ୟକ ଗୀତ କଲେ ମଧ୍ୟ ଅମରେନ୍ଦ୍ର ସଙ୍ଗୀତ ରାଇଜରେ ଅମର ହୋଇ ରହିବେ।

*– **ଦିଲ୍ଲୀପ ହାଲି,** ସମ୍ପାଦକ, ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର–୧୮ ମୋ : ୯୮୬୧୦୦୯୨୫୨*

## ନୂଆ ସିନେମା

# ରାଉଡ଼ି ରାଜା

ଏକ ଭିନ୍ନ ଧରଣର ଆକ୍ସନ ଡ୍ରାମା ଏବଂ ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ରାଉଡ଼ି ରାଜା'। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟିକୁ ଲେଖିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏବଂ ତାହାକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ 'ଅଜାତ ଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟକ ସାଜିଥିବା ସୋହମ ସିଂ। ଏ ବିଷୟରେ ସେ କହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।' ନବାଗତ ପ୍ରଯୋଜକ କମଳ କୁମାର ମହାନ୍ତିଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ଅଭିଜିତ୍ ମଜୁମଦାର। ଏହି ଫିଲ୍ମରେ ସୋହମଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଶ୍ରଦ୍ଧା ପାଣିଗ୍ରାହୀ। ଏହି ଯୋଡ଼ି ବ୍ୟତୀତ ବବି ମିଶ୍ର ଏବଂ ପିଣ୍ଟୁ ନନ୍ଦଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରର ପ୍ରାରମ୍ଭିକ କାମ ଶେଷ ହୋଇଛି ଏବଂ ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ସୋହମ ସିଂ

# ଫିଟ୍‌ନେସ ରହସ୍ୟ


ରକୁଲ୍

ରକୁଲ୍ ପ୍ରୀତ ସିଂ ନିଜ ଆକ୍ଟିଂ ନେଇ ଯେତିକି ସଚେତନ, ଠିକ୍ ସେମିତି ଫିଟ୍‌ନେସ ପ୍ରତି ମଧ୍ୟ ସେତିକି ଗୁରୁତ୍ୱ ଦେଇଥାଆନ୍ତି। ନିଜେ ଫିଟ୍ ରହିବାକୁ ସେ ପ୍ରତିଦିନ କ'ଣ କରନ୍ତି ତାହାର ଏକ ଭିଡିଓ ସେ ନିଜ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯାହା ବେଶ୍ ଭାଇରାଲ୍ ହୋଇଛି। ଏ ନେଇ ରକୁଲ୍ କହନ୍ତି, 'ଅଭିନୟ ଏବଂ ଫିଟ୍‌ନେସ– ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ମୁଁ ସବୁବେଳେ ଏହି ଦୁଇଟି କଥାକୁ ସମାନ ଗୁରୁତ୍ୱ ଦେଇଥାଏ। ପ୍ରତିଦିନ ସକାଳେ ଦୁଇ ଘଣ୍ଟା ଏବଂ ସନ୍ଧ୍ୟାରେ ଦୁଇ ଘଣ୍ଟା ଜିମ୍‌ରେ କଟାଇଥାଏ। ଯଦି କେବେ କୌଣସି କାମ ପାଇଁ ଜିମ୍ ଯାଇପାରେନା, ତେବେ ହାଲୁକା ଫୁଲୁକା ଏକ୍ସରସାଇଜ କରିବାକୁ ଭୁଲେନା। ତା' ସହ ଡାଏଟିଂ। ଏହା ସହ ନିଜର ଓଜନ ପ୍ରତି ସତର୍କ ରହିଥାଏ। ଏସବୁ ପାଇଁ ହିଁ ଆଜି ମୁଁ ନିଜକୁ ଫିଟ୍ ରଖିପାରିଛି।' ରକୁଲ୍ ହାତରେ ଏବେ ଚାରୋଟି ଅଫର ରହିଛି ଏବଂ ଏହି ଫିଲ୍ମଗୁଡ଼ିକ– 'ମେ ଡେ', 'ଡକ୍ଟର ଜୀ', 'ଥ୍ୟାଙ୍କ୍ ଗଡ୍' ଏବଂ 'ଆଟାକ୍'ର ଶୁଟିଂ ବ୍ୟାକ୍ ଟୁ ବ୍ୟାକ୍ ହେବ। ତେବେ ଏହି ଫିଲ୍ମଗୁଡ଼ିକ ରକୁଲଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଦେଖିବାକୁ ବାକି ରହିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୨୭/୨୦୨୧ Bhubaneswar, Thursday, May 27/ 2021

# ଅଲିମ୍ପିକ୍ସ ବାତିଲ ଦାବି ଜୋର୍ ଧରିଲା

**ଟୋକିଓ,୨୬।୫(ଏପି)**



ଟୋକିଓରେ ଆଉ ଦୁଇମାସରୁ କମ୍ ସମୟ ମଧ୍ୟରେ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ମେଗା ଇଭେଣ୍ଟକୁ ବାତିଲ କରିବା ନେଇ ଦାବି ଜୋର ଧରିଛି। ପୂର୍ବରୁ ଜାପାନ ଜନସାଧାରଣ ଏ ନେଇ ବ୍ୟାପକ ବିକ୍ଷୋଭ ଓ ବିରୋଧ ପ୍ରଦର୍ଶନ କରିଆସୁଥିବା ବେଳେ ଏବେ ଏଥିରେ ସାମିଲ ହୋଇଛି ଜାପାନର ପ୍ରମୁଖ ଖବରକାଗଜ 'ଅସାହି ଶିମ୍ବୁନ'। ଅସାହି ଅଲିମ୍ପିକ୍ସ ବାତିଲ କରିବାକୁ ବୁଧବାର ଆନୁଷ୍ଠାନିକ ଭାବେ ପରାମର୍ଶ ଦେଇଛି। ପ୍ରଥମଥର ପାଇଁ ଜାପାନର କୌଣସି ବଡ଼ ଖବରକାଗଜ ଏପରି ଦାବି କରିଛି। ଅବଶ୍ୟ ପୂର୍ବରୁ ଜାପାନର କେତେକ ସ୍ଥାନୀୟ ଖବରକାଗଜ ତଥା ଗଣମାଧ୍ୟମ ଅଲିମ୍ପିକ୍ସ ବାତିଲ କରିବାକୁ ଦାବି କରିଆସୁଥିଲେ। ଜୁଲାଇ ୨୩ ତାରିଖରେ ଅଲିମ୍ପିକ୍ସ ଆରମ୍ଭ ହେବ। ଅସାହି ଏକ ଉଦାରବାଦୀ ଖବରକାଗଜ ରୂପେ ଜଣାଶୁଣା। ଏହି ଖବରକାଗଜ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହାଇଡ ସୁଗାଙ୍କୁ ମଧ୍ୟ ଏଥିପାଇଁ ସମାଲୋଚନା କରିଛି।

ସମ୍ପ୍ରତିକ ପରିସ୍ଥିତିରେ ଅଲିମ୍ପିକ୍ସ ଆୟୋଜନ କଥା ଆମେ ଚିନ୍ତା କରିପାରିବା ନାହିଁ ବୋଲି ଏହି ଖବରକାଗଜ ତା'ର ସମ୍ପାଦକୀୟରେ ଉଲ୍ଲେଖ କରିଛି। ପ୍ରଧାନମନ୍ତ୍ରୀ ସୁଗାଙ୍କ ନିଷ୍ପତ୍ତି ବାତିଲ ହେବା ଆମେ ଚାହୁଁ ବୋଲି ଏହି ସମ୍ପାଦକୀୟର ହେଡ୍‌ଲାଇନ ରଖାଯାଇଛି। ଜାପାନ ସରକାର, ଟୋକିଓ ସରକାର ଓ ଅଲିମ୍ପିକ୍ସ ଜଡିତଥିବା ଅନ୍ୟ ଅଂଶୀଦାରମାନଙ୍କ ବିରୋଧରେ କେବଳ ଅବିଶ୍ୱାସ, ବିରୋଧ ଓ ଅସନ୍ତୋଷ ବଢ଼ିବାର ଲାଗିଛି ବୋଲି ଏହି ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ସୁଗା ଶାନ୍ତ ଭାବେ ସ୍ଥିତି ନିରୀକ୍ଷଣ କରନ୍ତୁ ଓ ଏହି ମେଗାଇଭେଣ୍ଟକୁ ବାତିଲ କରନ୍ତୁ ବୋଲି ଆମେ ଦାବି କରୁଥିବା ଏଥିରେ ଉଲ୍ଲେଖ କରାଯାଇଛି।

ଅସାହି ଖବରକାଗଜର ସର୍କୁଲେଶନ ଯଥେଷ୍ଟ ଅଧିକ। ସକାଳ ସଂସ୍କରଣରେ ଏହାର ସର୍କୁଲେଶନ ୫.୧୬ ମିଲିୟନ ଓ ସାନ୍ଧ୍ୟ ସଂସ୍କରଣରେ ୧.୫୫ ମିଲିୟନ ରହିଛି। ସର୍କୁଲେଶନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୟୋମିଉରି ଶିମ୍ବୁନ ଖବର କାଗଜ ପଛକୁ ରହି ଅସାହି ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସମ୍ପାଦକୀୟ ପ୍ରକାଶ ପାଇବା ପରେ ମଧ୍ୟ ଅଲିମ୍ପିକ୍ସ ବାତିଲ କରିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଓ ଲୋକାଲ ଅର୍ଗାନାଇଜିଂ କମିଟିର କୌଣସି ଯୋଜନା ନାହିଁ ବୋଲି ମନେହୁଏ। ଜାପାନରେ ମାତ୍ର ୨ ପ୍ରତିଶତ ଲୋକଙ୍କର ଟିକାକରଣ ହୋଇଛି ଓ ଏହାକୁ ନେଇ ବିରୋଧ ପ୍ରଦର୍ଶନ ଆହୁରି ବଢିଯାଇଛି। ତେବେ ଅଲିମ୍ପିକ୍ସ ବାତିଲ କରିବାକୁ ନିଷ୍ପତ୍ତି ନେବା ଶେଷ ତାରିଖ ଆହୁରି ଗୋଟିଏ ମାସ ବାକି ଅଛି ବୋଲି ଗତ ସପ୍ତାହରେ ଆଇଓସିର ଅନ୍ୟତମ ପ୍ରମୁଖ ସଦସ୍ୟ ରିଚାର୍ଡ ପାଉଣ୍ଡ ଏକ ସାକ୍ଷାତ୍‌କାର ଦେବା ଅବସରରେ କହିଥିଲେ।

ଜୁନ୍ ଶେଷ ହେବା ପୂର୍ବରୁ ଅଲିମ୍ପିକ୍ସ ଆୟୋଜନ ହେବ କି ନା ତାହା ସ୍ପଷ୍ଟ ହୋଇଯିବ ବୋଲି ସେ କହିଥିଲେ। ଅଲିମ୍ପିକ୍ସ ଆୟୋଜନ ନେଇ ବ୍ରିଟିଶ ମିଡିଆ ଜର୍ନାଲ, ସ୍ଥାନୀୟ ମେଡିକାଲ ଅଫିସିଆଲ ସେତେଟା ଆଶାବାଦୀ ନାହାନ୍ତି। ସେହିପରି ଜାପାନ ଉପରେ ଆଇଓସି ଅଲିମ୍ପିକ୍ସ ଲଦି ଦେଉଛି ବୋଲି ଜଣାଶୁଣା ବିଲିୟନାରି ବ୍ୟବସାୟୀ ମାସାୟୋଶି ଶୋନ କହିଛନ୍ତି। ଏବେ ୮୦ ପ୍ରତିଶତ ଜାପାନ ନାଗରିକ ଅଲିମ୍ପିକ୍ସ ବାତିଲ କିମ୍ବା ସ୍ଥଗିତ ରହୁ ବୋଲି ଚାହାନ୍ତି ବୋଲି ଶୋନ କହିଛନ୍ତି। କିଏ ବାଧ୍ୟ କରୁଛି ଓ କେଉଁ ଅଧିକାରରେ ବାଧ୍ୟ କରାଯାଉଛି ସେ ପ୍ରଶ୍ନ ଉଠାଇଛନ୍ତି। ଅସାହି ମଧ୍ୟ ଏଥିପାଇଁ ଆଇଓସି ଓ ତା'ର ଉପସଭାପତି ଜନ୍ କୋଟ୍ସଙ୍କୁ କଡ଼ା ସମାଲୋଚନା କରିଛି। ଷ୍ଟେଟ୍ ଇମର୍ଜେନ୍ସି ଜାରି ରହିବା ସତ୍ତ୍ୱେ ମଧ୍ୟ ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ବୋଲି କୋଟ୍ସ କହିଥିଲେ। ଜାପାନବାସୀଙ୍କ ଭାବନା ଓ କୋଟ୍ସଙ୍କ ଏହି ମନ୍ତବ୍ୟ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି ବୋଲି ଏହି ଖବରକାଗଜ କହିଛି। ବିଭିନ୍ନ ପ୍ରକାର ସମସ୍ୟା ସତ୍ତ୍ୱେ ଅଲିମ୍ପିକ୍ସ ଆୟୋଜନକୁ କେତେକ ସମର୍ଥନ କରୁଛନ୍ତି। କିନ୍ତୁ ଏଥିରେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଅସାହି କହିଛି।

ମଙ୍ଗଳବାର ଜାପାନ ଯାତ୍ରାକୁ ଏଡ଼େଇବା ପାଇଁ ଆମେରିକା ସତର୍କ କରାଇଥିଲା। ତେବେ ଅଲିମ୍ପିକ୍ସ ଉପରେ ଏହାର ପ୍ରଭାବ ପଡିବ ନାହିଁ ବୋଲି ଜାପାନ ସ୍ପଷ୍ଟ କରିଥିଲା। ଅଲିମ୍ପିକ୍ସ ଆୟୋଜନ ପାଇଁ ଜାପାନ ୧୫.୪ ମିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଛି। ସରକାରଙ୍କ ଅଡିଟ୍‌ରେ ଏହା ଆହୁରି ଯଥେଷ୍ଟ ଅଧିକ ବୋଲି କୁହାଯାଇଛି। ପ୍ରସାରଣ ଅଧିକାର ବାବଦରେ ଆଇଓସି କୋଟି କୋଟି ଟଙ୍କା ଆଦାୟ କରିଛି। ଏହା ମୋଟ ଆମଦାନୀର ୭୫ ପ୍ରତିଶତ ବୋଲି କୁହାଯାଇଛି। ପୂର୍ବରୁ ଅଲିମ୍ପିକ ବାତିଲ ନେଇ ମାତ୍ର କେତେ ସପ୍ତାହ ମଧ୍ୟରେ ୪ ଲକ୍ଷ ଦସ୍ତଖତ ସଂଗ୍ରହ କରାଯାଇଛି। କୋଭିଡ୍-୧୯ ପାଇଁ ୬୦-୮୦ ପ୍ରତିଶତ ଲୋକ ଅଲିମ୍ପିକ ବାତିଲ ହେଉ ବୋଲି ଚାହାନ୍ତି। ଟୋକିଓ ଓ ଓସାକା ସମେତ କେତେକ ଅଞ୍ଚଳରେ ଇମର୍ଜେନ୍ସି ଜାରି କରାଯାଇଛି ଓ ଏହା ମେ ୩୧ ତାରିଖରୁ ଆହୁରି ଆଗକୁ ବୃଦ୍ଧି ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ୧୫,୦୦୦ ଅଲିମ୍ପିକ ଓ ପାରା ଅଲିମ୍ପିକ୍ ଆଥ୍‌ଲେଟ ଜାପାନରେ ପ୍ରବେଶ କରିବେ ଓ ଏହି ମେଗା ଇଭେଣ୍ଟ ଆୟୋଜନ ନେଇ ସମସ୍ୟା ନାହିଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିବୃତିକୁ ଉଦ୍ଧାର କରି ଆଇଓସି ଓ ଆୟୋଜକମାନେ କହିଛନ୍ତି। ବିଦେଶୀ ପ୍ରଶଂସକଙ୍କୁ ଜାପାନରେ ପ୍ରବେଶ କରିବାକୁ ବାରଣ କରାଯାଇଛି। ଆସନ୍ତାମାସ ଜାପାନ ଭିତରକୁ ପ୍ରଶଂସକଙ୍କ ପ୍ରବେଶ ନେଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

# ଅଚିନ୍ତ ଶେଉଲିଙ୍କୁ ରୌପ୍ୟ ପଦକ

**ତାସ୍‌କେଣ୍ଟ, ୨୬।୫(ପି.ଟି.)**




ଅଚିନ୍ତ ଶେଉଲି

**ବିଶ୍ୱ ଜୁନିୟର ଭାରୋତ୍ତୋଳନ**

ଏଠାରେ ଚାଲିଥିବା ବିଶ୍ୱ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତର ଅଚିନ୍ତ ଶେଉଲି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୭୩ କେଜି ବର୍ଗରେ ଓଭରଅଲ୍ ରୌପ୍ୟ ପଦକ ହାସଲ କରିଛନ୍ତି। ୧୯ ବର୍ଷୀୟ ଅଚିନ୍ତ ୧୪୧ କେଜି ସ୍ନାଚ୍, ୧୭୨ କେଜି କ୍ଲିନ୍ ଆଣ୍ଡ ଜର୍କ ଏହିପରି ମୋଟ ୩୧୩ କେଜି ଭାରୋତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଅଚିନ୍ତ ଉଭୟ ସ୍ନାଚ୍ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୨ କେଜି ଲେଖାଏ ଅଧିକ ଭାର ଉଠାଇ ବ୍ୟକ୍ତିଗତ ଶ୍ରେଷ୍ଠ ସଫଳତା ପାଇଥିଲେ। ଗତ ମାସରେ ଏଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସେ ୩୦୯ (୧୩୯ କେଜି ସ୍ନାଚ୍ ଏବଂ ୧୭୦ କେଜି କ୍ଲିନ୍ ଆଣ୍ଡ ଜର୍କ) ଭାରୋତ୍ତୋଳନ କରିଥିଲେ। ଇଣ୍ଡୋନେସିଆର ଜୁନିୟାନଶା ରିଜ୍‌କି ୩୪୯ (୧୫୫+୧୯୪) କେଜି ଭାରୋତ୍ତୋଳନ କରି ଜୁନିୟରରେ ସମସ୍ତ ୩ଟି ବିଭାଗରେ ବିଶ୍ୱରେକର୍ଡ ଭାଙ୍ଗିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରୁଷିଆର ସେରୋବିଅନ ଜେଭର୍ଗ ୩୦୮ (୧୪୩+୧୬୫) ଭାର ଉଠାଇ ବ୍ରୋଞ୍ଜ ପଦକ ପାଇଥିଲେ।

ଏଠାରେ ନିଜ ପ୍ରଥମ ଉଦ୍ୟମରେ ସ୍ନାଚ୍‌ରେ ୧୩୭ କେଜି ଉଠାଇଥିବା ଅଚିନ୍ତ ଦ୍ୱିତୀୟ ଉଦ୍ୟମରେ ୧୪୧ କେଜି ଭାରୋତ୍ତୋଳନ କରିବାରେ ସକ୍ଷମ ହୋଇଥିଲେ। ତୃତୀୟ ଉଦ୍ୟମରେ ମଧ୍ୟ ସେ ସେହି ୧୪୧ କେଜି ଭାର ଉଠାଇବାରୁ ସ୍ନାଚ୍‌ରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ। ମହାଦେଶୀୟ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ନାଚ୍, କ୍ଲିନ୍ ଆଣ୍ଡ ଜର୍କ ଏବଂ ମୋଟ ଭାରୋତ୍ତୋଳନ ପାଇଁ ଭିନ୍ନଭିନ୍ନ ଭାବେ ପଦକ ପ୍ରଦାନ କରାଯାଇଥାଏ। ମାତ୍ର ଅଲିମ୍ପିକ୍ସରେ ଓଭରଅଲ୍ ପ୍ରଦର୍ଶନ ଭିତ୍ତିରେ ଗୋଟିଏ ପଦକ ଦିଆଯାଇଥାଏ।

# ମାର୍ଟିନ୍ ଜିତିଲେ ୧୭ତମ ଷ୍ଟେଜ୍

**ସେଗା ଡି ଆଲା(ଇଟାଲୀ), ୨୬।୫**




ଡାନିଏଲ ମାର୍ଟିନ

**ଗିରୋ ଡି' ଇଟାଲିଆ**

ଆୟର୍ଲାଣ୍ଡର ଡାନିଏଲ ମାର୍ଟିନ ଗିରୋ ଡି'ଇଟାଲିଆ ସାଇକ୍ଲିଂ ରେସ୍‌ର ବୁଧବାର ଅନୁଷ୍ଠିତ ୧୭ତମ ଷ୍ଟେଜ୍‌ରେ ବିଜୟ ହାସଲ କରିଛନ୍ତି। ଓଭରଅଲ୍ ଲିଡର ଇଗାନ ବେର୍ନାଲ ରେସ୍‌ରେ ପ୍ରଥମ ଥର ପାଇଁ କ୍ଲାନ୍ତଥିବା ଜଣାପଡ଼ିଥିଲେ। ଗୋଟିଏ ଦିନର ବିଶ୍ରାମ ପରେ କାନାଜେଇଠାରୁ ସେଗା ଡି ଆଲା ପର୍ଯ୍ୟନ୍ତ ୧୯୩ କିଲୋମିଟର ବିଶିଷ୍ଟ ମାଉଣ୍ଟେନ ପର୍ଯ୍ୟାୟ ରେସ୍‌ରେ ଇସ୍ରାଏଲ ଷ୍ଟାର୍ଟ-ଅପ୍ ନେଶନ ରାଇଡର ମାର୍ଟିନ ଆଧିପତ୍ୟ ବିସ୍ତାର କରି ୪ ଘଣ୍ଟା ୫୪.୩୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଡିସେଉନିଙ୍କ-କ୍ୱିକ୍‌ଷ୍ଟେପ୍ ଟିମ୍‌ର ପର୍ତ୍ତୁଗାଲ ରାଇଡର ଜୋଆଓ ଆଲମେଇଡା ୧୩ ସେକେଣ୍ଡ ଅଧିକ ସମୟ ନେଇ ଦ୍ୱିତୀୟ ଏବଂ ଟିମ୍ ବାଇକ୍ ଏକ୍ସଚେଞ୍ଜର ଗ୍ରେଟବ୍ରିଟେନ ରାଇଡର ସିମନ ୟାଟ୍ସ ତୃତୀୟ ସ୍ଥାନ ହାସଲ କରିଥିଲେ। ଇଟାଲିର ଡିଏଗୋ ଉଲିସି, ଡାମିଆନୋ କାରୁସୋ, କଲମ୍ବିଆର ଡାନିଏଲ ମାର୍ଟିନେଜ ପୋଭେଡା, ଇଗନ ବେର୍ନାଲ, ସ୍ପେନର ଆଣ୍ଟୋନିଓ ପେଦ୍ରେରୋ, ପେଲୋ ବିଲ୍‌ବାଓ ଲୋପେଜ ଏବଂ ନ୍ୟୁଜିଲାଣ୍ଡର ଜର୍ଜ ବେନେଟ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନରେ ରହି ଟପ୍-୧୦ ଫିନିଶ୍ କରିଥିଲେ। ୧୭ତମ ଷ୍ଟେଜ୍ ପରେ ଇନିଅସ ଗ୍ରେନାଡିଅର୍ସ ଟିମ୍‌ର କଲମ୍ବିଆ ରାଇଡର ଇଗାନ ବେର୍ନାଲ ଗୋମେଜ ଓଭରଅଲ୍ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ମୋଟ ୭୧ ଘଣ୍ଟା ୩୨.୦୫ ସେକେଣ୍ଡ ସମୟ ନେଇଛନ୍ତି। ବାହାରିନ ଭିକ୍ଟୋରିଅସ ଟିମ୍‌ର ଇଟାଲିଆନ ରାଇଡର ଡାମିଆନୋ କାରୁସୋ ଏବଂ ଟିମ୍ ବାଇକ୍‌ଏକ୍ସଚେଞ୍ଜର ବ୍ରିଟେନ ରାଇଡର ସିମନ ୟାଟ୍ସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୨୧ ଷ୍ଟେଜ ବିଶିଷ୍ଟ ଏହି ରେସ୍ ଚଳିତ ମାସ ୩୦ ତାରିଖରେ ଶେଷ ହେବ।

# ୪.୫ ମିଲିୟନ ଟଙ୍କା ଜରିମାନା ଦେଲେ ଆକମଲ

**କରାଚି,୨୬।୫(ପି.ଟି.)**



ଉମର ଆକମଲ

ବିବାଦୀୟ ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଆକମଲ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ୪.୫ ମିଲିୟନ ଅର୍ଥାତ ୪୫ ଲକ୍ଷ ଟଙ୍କା ଜରିମାନା ଦେଇଛନ୍ତି। ପିସିବିର ଆଣ୍ଟି କରପ୍‌ଶନ ରିହାବିଲିଟେଶନ ପ୍ରୋଗ୍ରାମ୍‌ରେ ସାମିଲ ହେବାକୁ ସେ ଏହି ପରିମାଣର ଅର୍ଥ ପ୍ରଦାନ କରିଛନ୍ତି। ଗତ ଫେବୃୟାରୀରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ) ଆକମଲଙ୍କ ଉପରେ ଏହି ଜରିମାନା ଧାର୍ଯ୍ୟ କରିଥିଲା। ସେ ଏହି ଅର୍ଥ ଦେଇଛନ୍ତି ବୋଲି ପିସିବି ସୂତ୍ରରୁ ଜଣାଯାଇଛି। ଫଳରେ ସେ ଏବେ ରିହାମ ପ୍ରୋଗ୍ରାମ୍‌ରେ ସାମିଲ ହୋଇପାରିବେ ବୋଲି ପିସିବି ତରଫରୁ କୁହାଯାଇଛି। ଏହି ପ୍ରୋଗ୍ରାମରେ ସାମିଲ ହେବାକୁ କିଛି ସମୟ ଆବଶ୍ୟକ ହେବ। ଫଳରେ ଆକମଲ ପୁଣିଥରେ ତାଙ୍କ କ୍ରିକେଟ କ୍ୟାରିୟର ଆରମ୍ଭ କରିବାରେ ବିଳମ୍ବ ହେବ।

ପୂର୍ବରୁ ୪୫ ଲକ୍ଷ ଟଙ୍କା କିସ୍ତିରେ ଦେବାକୁ ଆକମଲ ଅନୁରୋଧ କରିଥିଲେ। ତେବେ ପିସିବି ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ଦୁର୍ନୀତି ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ଆକମଲ ୨୦୨୦ ଫେବୃୟାରୀରୁ ବାସନ୍ଦ ହୋଇଛନ୍ତି। ସେ ୨୦୧୯ ନଭେମ୍ବରରୁ ପାକିସ୍ତାନ ପାଇଁ ଖେଳିନାହାନ୍ତି।

# ମିଲ୍‌ଖାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

**ଚଣ୍ଡିଗଡ଼,୨୬।୫(ପି.ଟି.)**

କିମ୍ବଦନ୍ତୀ ଆଥ୍‌ଲେଟ ମିଲ୍‌ଖା ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କୁ ଇଣ୍ଟେନସିଭ କେୟାର ୟୁନିଟ୍ (ଆଇସିୟୁ) ବାହାରକୁ ନିଆଯାଇଛି। ସେ କୋଭିଡ୍ ନିମୋନିଆ ପାଇଁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କ ୮୨ ବର୍ଷୀୟା ସ୍ତ୍ରୀ ନିର୍ମଳ କୌର କୋଭିଡ୍ ନିମୋନିଆ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଟେଷ୍ଟରେ ସେ ପଜିଟିଭ ବୋଲି ଜଣାପଡିଥିଲା। ନିର୍ମଳ ଭାରତର ପୂର୍ବତନ ଭଲିବଲ ଅଧିନାୟିକା ରହିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ସୋମବାର ମିଲ୍‌ଖାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଟେଷ୍ଟରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେହିଦିନ ସେ କୋଭିଡ୍ ନିମୋନିଆରେ ଆକ୍ରାନ୍ତ ଥିଲେ ବୋଲି ଜଣାପଡିଥିଲା।

# ଆର୍ଚରଙ୍କ କହୁଣିରେ ଅସ୍ତ୍ରୋପଚାର




**ଲଣ୍ଡନ,୨୬।୫(ପି.ଟି.)**

ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ତାଙ୍କ ଡାହାଣ କହୁଣିରେ ଅସ୍ତ୍ରୋପଚାର କରାଇଛନ୍ତି। ଦୀର୍ଘଦିନ ଧରି ସେ ଏଲ୍‌ବୋ ଇଞ୍ଜୁରି ଦେଇ ଗତି କରୁଥିଲେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଛି। ତେବେ ସେ କ୍ରିକେଟକୁ କେବେ ଫେରିବେ ସେ ନେଇ ଇସିବି କୌଣସି ସୂଚନା ଦେଇନାହିଁ। ୨୬ ବର୍ଷୀୟ ଆର୍ଚର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ମାର୍ଚ୍ଚରେ ତାଙ୍କର ହ୍ୟାଣ୍ଡ ସର୍ଜରୀ ମଧ୍ୟ ହୋଇଥିଲା ଓ ପ୍ରଥମଶ୍ରେଣୀ କ୍ରିକେଟକୁ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏବେ ସେ ରିହାବିଲିଟେଶନ ପ୍ରୋଗ୍ରାମରେ ସାମିଲ ହେବେ। ଇସିବି ଓ ସସେକ୍ସ ମେଡିକାଲ ଟିମ୍ ତାଙ୍କୁ ଏଥିରେ ସହାୟତା ପ୍ରଦାନ କରିବେ। ଟି୨୦ ବିଶ୍ୱକପ୍ ଓ ଆଶେସ ପୂର୍ବରୁ ଆର୍ଚର ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଥିବେ ବୋଲି ଆଶା କରାଯାଉଛି।

# ଫୁଟ୍‌ବଲ ପ୍ରଶାସକ ସୌରୀନ୍ଦ୍ରଙ୍କ ପରଲୋକ



**ଭୁବନେଶ୍ୱର, ୨୬।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଫୁଟ୍‌ବଲ ପ୍ରଶିକ୍ଷକ କଟକ ରାଇଜିଂ ଷ୍ଟାର ଉପସଭାପତି ସୌରୀନ୍ଦ୍ର ନାଥ ଗୁପ୍ତାଙ୍କର ମଙ୍ଗଳବାର ରାତି ପାଖାପାଖି ୯ଟା ୩୦ରେ ପରଲୋକ ଘଟିଛି। ଓଡ଼ିଶା କ୍ରୀଡ଼ା ମହଲରେ 'ଗୁଲୁ ଦା'ଭାବେ ପରିଚିତ ସୌରୀନ୍ଦ୍ରଙ୍କୁ ମୃତ୍ୟୁବେଳକୁ ୭୧ ବର୍ଷ ହୋଇଥିଲା। ତାଙ୍କ ତତ୍ତ୍ୱାବଧାନରେ ରାଇଜିଂଷ୍ଟାର କ୍ଲବ ଅନେକ ସଫଳତା ପାଇଛି। ସେ ମ୍ୟାନେଜର ଥିବାବେଳେ ରାଇଜିଂ ଷ୍ଟାର ୧୯୯୩ରେ ସିକିମରେ ଅନୁଷ୍ଠିତ ଗଭର୍ନର୍ସ କପ୍‌ରେ ଚାମ୍ପିୟନ ହୋଇଥିଲା। ତାଙ୍କ ପରଲୋକରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଭାରତର ଆଉ ୫ ପଦକ ନିଶ୍ଚିତ

**ଦୁବାଇ, ୨୬।୫(ପି.ଟି.)**

ତିନି ମହିଳାଙ୍କୁ ମିଶାଇ ଭାରତର ଆଉ ୫ ବକ୍ସର ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛନ୍ତି। ଏହି ବକ୍ସରମାନେ ପ୍ରଭାବୀ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତ ଏହି ପ୍ରତିଯୋଗିତାରୁ ଅତିକମ୍‌ରେ ୧୩ଟି ପଦକ ପାଇବା ନିଶ୍ଚିତ ହୋଇଛି। ବୁଧବାର ଅନୁଷ୍ଠିତ ଲଢ଼େଇରେ ବିଜୟ ହାସଲ କରିଥିବା ଭାରତୀୟମାନେ ହେଲେ ଗତଥରର ଚାମ୍ପିୟନ ତଥା ଅଲିମ୍ପିକ୍ସ ଯୋଗ୍ୟତା ହାସଲକାରୀ ଅମିତ ପଙ୍ଘାଲ (୫୨ କେଜି), ସଞ୍ଜିତ (୯୧ କେଜି), ସାକ୍ଷୀ (୫୪ କେଜି), ଜସ୍ମିନ (୫୭ କେଜି) ଓ ଅଲିମ୍ପିକ ଯୋଗ୍ୟତା ହାସଲକାରୀ ସିମରନଜିତ କୌର(୬୦ କେଜି)। ମଙ୍ଗଳବାର ଶିବା ଥାପ୍ପା (୬୪ କେଜି) ମଧ୍ୟ କ୍ୱାର୍ଟର ଫାଇନାଲ ଜିତି ସେମିଫାଇନାଲରେ ପହଞ୍ଚିଥିଲେ।



ବୁଧବାର ଲଢ଼େଇ ଅବସରରେ ଭାରତର ସଞ୍ଜିତ (ବାମ)।

ମଙ୍ଗୋଲିଆର ଖାର୍ଖୁ ଏଙ୍ଖମାନ୍ଦାଖଙ୍କଠାରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ତଥା ଗତଥରର ଚାମ୍ପିୟନ ପଙ୍ଘାଲ ଶେଷରେ ୩-୨ରେ ବିଜୟୀ ହେବାରେ ସକ୍ଷମ ହୋଇଥିଲେ। ଜୋର୍ଡାନର ଅମନଠାରେ ଅନୁଷ୍ଠିତ ୨୦୨୦ ଏସିଆନ ଅଲିମ୍ପିକ୍ କ୍ୱାଲିଫାୟରରେ ମଧ୍ୟ ପଙ୍ଘାଲ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ବିଜୟ ହାସଲ କରିଥିଲେ। ଇଣ୍ଡିଆ ଓପନ ସ୍ୱର୍ଣ୍ଣ ପଦକ ବିଜେତା ସଞ୍ଜିତ ତାଜିକସ୍ତାନର ଜାସୁର କୁର୍ବୋନୋଭଙ୍କୁ ୫-୦ରେ ହରାଇ ଏସିଆନ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲେ। ତାଙ୍କ ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଗତଥରର ରୌପ୍ୟ ପଦକ ବିଜେତା ଉଜବେକିସ୍ତାନର ସାଞ୍ଜାର ତୁର୍ସୁନୋଭ। ଚଳିତ ବର୍ଷ ସେ ତୃତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି। ମହିଳା ବିଭାଗ ଲଢ଼େଇରେ ତାଜିକସ୍ତାନର ରୁହାଫ୍‌ଜୋ ହକ୍‌ଜାରୋଭାଙ୍କୁ ସାକ୍ଷୀ ୫-୦ରେ ହରାଇ ନିଜ ଦକ୍ଷତା ଦେଖାଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସେ କାଜାଖସ୍ତାନର ଦିନା ଝୋଲାମାନଙ୍କୁ ଭେଟିବା ପଥ ପରିଷ୍କାର କରିଛନ୍ତି। ମଙ୍ଗୋଲିଆର ଓନ୍‌ସେସେଗ୍ ୟେସୁଗେନଙ୍କୁ ୪-୧ରେ ହରାଇଥିବା ଜସ୍ମିନ ସେମିଫାଇନାଲରେ କାଜାଖସ୍ତାନର ଭ୍ଲାଡିସ୍ଲାଭ କୁଖତାଙ୍କୁ ଭେଟିବେ। ସେହିପରି ନିକଟରେ କୋଭିଡ୍-୧୯ରୁ ଆରୋଗ୍ୟଲାଭ କରିଥିବା ସିମରନଜିତ ଉଜ୍‌ବେକିସ୍ତାନର ରିଖୋନା କୋଡିରୋଭାଙ୍କୁ ୪-୧ରେ ପରାସ୍ତ କରିଛନ୍ତି। ସେମିଫାଇନାଲରେ ସେ କାଜାଖସ୍ତାନର ରିମା ଭୋଲୋସେଙ୍କୋଙ୍କ ସହ ମୁକାବିଲା କରିବେ।

ପୂର୍ବରୁ ବିକାଶ କ୍ରିଷ୍ଣନ (୬୯ କେଜି) ଓ ଆଶିଷ କୁମାର (୭୫ କେଜି) ବିଜୟ ସହ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି।

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## କରୋନାରୁ ମୁକ୍ତି ପାଇଁ ସମୂହ ପ୍ରାର୍ଥନା

**କଟକ ଅଫିସ:** ଚାରଣ ଗୋଷ୍ଠୀ କଟକ ମଣ୍ଡଳ ପକ୍ଷରୁ ସମସ୍ତ ଚାରଣ ଶାଖାର ସଦସ୍ୟଙ୍କ ଘରେ ଏକକାଳୀନ ଜଗନ୍ନାଥଙ୍କ ନିକଟରେ ମଙ୍ଗଳବାର ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ କଟକ ମଣ୍ଡଳ ୧୩ଟି ଶାଖାର ୨୫୦ରୁ ଊର୍ଦ୍ଧ୍ୱ ପରିବାର ବିଶ୍ୱକୁ ମହାମାରୀ କରୋନା କବଳରୁ ରକ୍ଷା ନିମନ୍ତେ ବିଷ୍ଣୁ ସହସ୍ରନାମ, ହନୁମାନ ଚାଳିଶା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ମଣ୍ଡଳ ଉପଦେଷ୍ଟା ଡ. ପ୍ରଫୁଲ୍ଲଚରଣ ମହାନ୍ତି, ଶୁଭେନ୍ଦୁ ସ୍ୱାଇଁ, ଲିଙ୍ଗରାଜ ପତି, ତପନ ସାହୁ, ମନୋଜ ପଶାୟତ, ତରଣୀସେନ ଲେଙ୍କା, ବସନ୍ତ ସାହୁ, ମନୋଜ ନାୟକ, ପ୍ରଶାନ୍ତ ବିଶ୍ୱାଳ, ସୁକାନ୍ତ ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ୪୧୮୫ ଲୋକ ଅସ୍ଥାୟୀ ଶିବିର ଛାଡ଼ିଲେ

**କଟକ ସଦର, ୨୬।୫(ଡି.ଏନ.ଏ.):** ବାତ୍ୟାର ପ୍ରକୋପ କମିବା ପରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଖୋଲିଥିବା ଅସ୍ଥାୟୀ ଶିବିରରୁ ୪୧୮୫ ଜଣ ଲୋକଙ୍କୁ ବୁଧବାର ସନ୍ଧ୍ୟାରେ ଘରକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଚାଳଘରେ ରହୁଥିବା ଲୋକମାନଙ୍କୁ ସ୍କୁଲରେ ଖୋଲିଥିବା ଅସ୍ଥାୟୀ ଶିବିରକୁ ପଠାଇ ଦିଆଯାଇଥିଲା। ପ୍ରାପ୍ତ ବୟସ୍କଙ୍କୁ ମୁଣ୍ଡ ପିଛା ୧୦୦ ଟଙ୍କା ଓ ପିଲାମାନଙ୍କୁ ୬୦ ଟଙ୍କା ଖାଦ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ସରପଞ୍ଚମାନଙ୍କୁ ଦିଆଯାଇଥିଲା। ବାତ୍ୟା ଯୋଗୁ ଶିବିରାର୍ଥୀଙ୍କ ପାଇଁ ବୁଧବାର ମଧ୍ୟାହ୍ନରେ ଭୋଜନ ରନ୍ଧା ଯାଇଥିଲା। ମାତ୍ର ବାହାର ଲୋକ ଜୋରଜବରଦସ୍ତ ଖାଇବା ପାଇଁ ଆସିବାରୁ ଅନେକ ଶିବିରରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। କଟକ ସଦର ବ୍ଲକ ଅଞ୍ଚଳରେ ସନ୍ଧ୍ୟା ସୁଦ୍ଧା ଅଧିକାଂଶ ଗ୍ରାମକୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

### କୃଷକ ଆନ୍ଦୋଳନର ୬ମାସ ପୂର୍ତ୍ତି ଉପଲକ୍ଷେ କଳାଦିବସ

**କଟକ ଅଫିସ, ୨୬।୫:** କୃଷି ଆଇନ ବାତିଲ ଦାବିରେ ଚାଲିଥିବା କୃଷକ ଆନ୍ଦୋଳନର ୬ ମାସ ପୂର୍ତ୍ତି ଉପଲକ୍ଷେ ଏଆଇକେକେଏମ୍ଏସ୍ ପକ୍ଷରୁ ବୁଧବାର ଅନ୍‌ଲାଇନ୍ ମାଧ୍ୟମରେ କଳାଦିବସ ପାଳିତ ହୋଇଯାଇଛି। ଏଥି ସହିତ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା, ମାଗଣା ଟିକାକରଣ ସୁବ୍ୟବସ୍ଥା କରିବା ପାଇଁ ଅନ୍‌ଲାଇନ୍‌ରେ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲା ଆବାହକ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ଅଶୋକ ବେହେରା, ବସନ୍ତ ବିଶୋଇ, ବୀରେନ୍ ପାଇଟାଲ ପ୍ରମୁଖ ଯୋଗଦେଇଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କଣ୍ଟାପଡ଼ା, ୨୬।୫(ଡି.ଏନ.ଏ.):** ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର କନ୍ଦଳ ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଗୋବିନ୍ଦପୁର ଥାନା ଅଧୀନ ତଣ୍ଡିକଣା ଗ୍ରାମର ହେମନ୍ତ ସ୍ୱାଇଁ(୪୫)। ଗୋବିନ୍ଦପୁର ପୋଲିସ ମୃତଦେହ ଜବତ କରି କଟକ ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୧) ରୁଜୁ ହୋଇଛି। ହେମନ୍ତ ଗତ ୨୪ ତାରିଖରେ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ମଙ୍ଗଳବାର ତଣ୍ଡିକଣା-ଉରାଢ଼ ପୋଲତଳେ ତାଙ୍କର ମୃତଦେହ ଜାଲରେ ଲାଗିଥିଲା।

### ଅନୁବାଦିକା ଜ୍ୟୋତ୍ସ୍ନା ମହାପାତ୍ରଙ୍କ ପରଲୋକ

**କଟକ ଅଫିସ, ୨୬।୫:** ଅନୁବାଦିକା ଜ୍ୟୋତ୍ସ୍ନା ମହାପାତ୍ର(୮୦)ଙ୍କର ବକ୍ସିବଜାରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇଥିଲେ ବୋଲି ତାଙ୍କ ଜ୍ୱାଇଁ ଡ. କର୍ମଦେବ ମହାରଣା କହିଛନ୍ତି। ସତୀଚଉରା ଶ୍ମଶାନରେ ମଙ୍ଗଳବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଫାଲଗୁନି ବମ୍ବେରୁ ଆସିପାରି ନ ଥିବାରୁ ବଡ଼ ଝିଅ ପ୍ରାକ୍ତନ ପ୍ରଫେସର ସ୍ୱପ୍ନା ମହାପାତ୍ର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ମହାପାତ୍ର ବଙ୍ଗଳା ପୁସ୍ତକ ମା'ର ବାଁଶୀକୁ ଓଡ଼ିଆ ଭାଷାରେ ଅନୁବାଦ କରିବା ସହ ସୁଚରିତାରେ ଅନେକ ଅନୁବାଦଭିତ୍ତିକ ଲେଖା ପ୍ରକାଶିତ ହୋଇଛି।

# ଆକ୍ରାନ୍ତ କଏଦୀଙ୍କୁ ଚିକିତ୍ସା ଅବହେଳା ଅଭିଯୋଗ

## ଝାରପଡ଼ା ଜେଲ ସାମ୍ନାରେ ଉତ୍ତେଜନା




- ୨ କଏଦୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- ହସ୍ପିଟାଲ ନିଆଯାଉ ନ ଥିବା କହିଲେ ସମ୍ପର୍କୀୟ
- ଥାନା ଭୟ ଦେଖାଇ ତଡ଼ିଦେଲା ପୋଲିସ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ଝାରପଡା ଜେଲ୍‌ରେ ଏବେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଶତାଧିକ କଏଦୀ ଆକ୍ରାନ୍ତ ହୋଇଥିବାବେଳେ କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ଜେଲ୍ ଆଇସୋଲେଶନ ୱାର୍ଡରେ ଠିକ୍ ଭାବେ ଚିକିତ୍ସା ମିଳୁ ନ ଥିବା ଓ ଗୁରୁତରଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉ ନ ଥିବା ଅଭିଯୋଗ ଆଣି କଏଦୀଙ୍କ ପରିବାର ଲୋକେ ବୁଧବାର ଜେଲ୍ ସମ୍ମୁଖରେ ହୋହଲ୍ଲା କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପିସିଆର୍ ପୋଲିସ ପହଞ୍ଚି ଥାନା ଭୟ ଦେଖାଇ ତଡ଼ି ଦେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କିଛିଦିନତଳେ ବିଚାରାଧୀନ କଏଦୀ ଗଞ୍ଜାମର ତ୍ରିପତି ମହାନ୍ତିଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଥିଲା। ସେହିପରି ଆଜୀବନ ସଜା କାଟୁଥିବା ୭୨ ବର୍ଷୀୟ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ପରେ ସୋମବାର ତାଙ୍କୁ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ୨୫ଜଣ କଏଦୀଙ୍କର ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ଏମାନଙ୍କ ମଧ୍ୟରୁ ବିଚାରାଧୀନ କଏଦୀ ଲକ୍ଷ୍ମୀସାଗର ଗାଁର ନିତିନ ନାୟକ ଓ ବିଜୟ ନାଏକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ସମ୍ପର୍କରେ ଅନ୍ୟ କଏଦୀଙ୍କଠାରୁ ଖବର ପାଇବା ପରେ ପରିବାର ଲୋକଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସମ୍ପର୍କୀୟ ଜେଲ ସାମ୍ନାରେ ପହଞ୍ଚି ହୋହଲ୍ଲା କରିଥିଲେ। ଶୀଘ୍ର ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଠିକ ଚିକିତ୍ସା କରାଇବାକୁ ଦାବି କରିଥିଲେ। ପରେ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲା। ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି ଯେ, ଝାରପଡା ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଥିବାରୁ ସଂକ୍ରମଣ ବ୍ୟାପିଗଲାଣି। ଭଲ ଚିକିତ୍ସକ ନ ଥିବାରୁ ଆଇସୋଲେଶନରେ ଥିବା ଆକ୍ରାନ୍ତଙ୍କର ଠିକ୍ ଭାବେ ଚିକିତ୍ସା କରାଯାଉ ନାହିଁ। ଗୁରୁତର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଉ ନାହିଁ କି ଆକ୍ରାନ୍ତଙ୍କୁ ଉଷୁମ ଖାଦ୍ୟ ଦିଆଯାଉ ନାହିଁ। ତେଣୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସମ୍ପର୍କୀୟମାନେ କହିଛନ୍ତି।

ଏ ସମ୍ପର୍କରେ ଜେଲ ବିଭାଗ ଆଇଜି ହିମାଂଶୁ ଲାଲ କହିଛନ୍ତି, ଅନ୍ତେବାସୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଝାରପଡା ଜେଲରେ କୋଭିଡ୍ ଆକ୍ରାନ୍ତଙ୍କ ଅବସ୍ଥା ଭଲ ରହିଛି। ସେମାନଙ୍କୁ ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯାଉଛି। ଗୁରୁତର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଉନ୍ନତମାନର ଚିକିତ୍ସା ଯୋଗାଇଦେବାକୁ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଥିବା ସେ କହିଛନ୍ତି।

### ୬ ଦିନରେ ୧୨୭ କଏଦୀ ପଜିଟିଭ୍

**ଗୋଷ୍ଠୀ ସଂକ୍ରମଣ ଆଶଙ୍କା**

ଝାରପଡା ଜେଲରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେଠାରେ ଏକପ୍ରକାର ଗୋଷ୍ଠୀ ସଂକ୍ରମଣ ହୋଇସାରିଥିବା ଆଶଙ୍କା କରାଯାଉଛି। ୬ ଦିନରେ ୧୨୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହାକୁ ନେଇ ଅନ୍ତେବାସୀ ଓ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ ୧୯ ତାରିଖରେ ବିଏମ୍‌ସି ତରଫରୁ ଝାରପଡା ଜେଲର ୨୦୦ଜଣ କଏଦୀଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୯୬ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସେହିପରି ୨୨ ତାରିଖରେ ୩ଜଣ, ୨୫ ତାରିଖରେ ୭ଜଣ ଓ ୨୬ ତାରିଖରେ ୨୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।



କଟକ ତୁଳସୀପୁର ଡିୟର ପାର୍କ ପରିସରରେ ଜମି ରହିଥିବା ବର୍ଷାପାଣିରେ ଦୟନୀୟ ଅବସ୍ଥାରେ ଥିବା ହରିଣପଲ।

## ଆରମ୍ଭ ହେଲା ବିମାନ ଚଳାଚଳ

**ଭୁବନେଶ୍ୱର, ୨୬।୫ (ବ୍ୟୁରୋ)** – ବାତ୍ୟାକୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୨୫ ତାରିଖ ମଙ୍ଗଳବାର ରାତି ୧୧ଟାରୁ ୨୭ତାରିଖ ଗୁରୁବାର ସକାଳ ୫ଟା ପର୍ଯ୍ୟନ୍ତ ବିମାନ ସେବା ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ବାତ୍ୟାର ପ୍ରଭାବ କମିଯିବା ପରେ ନିର୍ଦ୍ଧାରିତ ସମୟର ୧୦ ଘଣ୍ଟା ପୂର୍ବରୁ ବିମାନ ସେବା ଆରମ୍ଭ ହୋଇଛି। ବୁଧବାର ରାତି ୭ଟାରୁ ବିମାନ ଚଳାଚଳ କରିଥିବା ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ଶ୍ରମିକଙ୍କୁ ମାସିକ ୭୫୦୦ ଭତ୍ତା ଦିଅ

**ଆଠଗଡ଼, ୨୬।୫(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହିନ୍ଦ୍ ମଜଦୁର ସଭା ଆଠଗଡ଼ ଶାଖା ପକ୍ଷରୁ ଏକ ୮ଦଫା ଦାବିପତ୍ର ଆଠଗଡ଼ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ସଂଗଠିତ ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ମାସିକ ୭୫୦୦ ଟଙ୍କା ଭତ୍ତା ପ୍ରଦାନ, ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ସହିତ ମାଗଣାରେ ଟିକା ପ୍ରଦାନ, ଶ୍ରମ ଓ କୃଷି ଆଇନ ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ କରିବା, ଶିଳ୍ପ ସଂହତିରେ ବାଧା ସୃଷ୍ଟି କରୁଥିବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ଏବଂ ରାଜ୍ୟରେ କାର୍ଯ୍ୟକ୍ଷମ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆୟ ବ୍ୟୟର ହିସାବକୁ ସାର୍ବଜନୀନ କରିବା ଆଦି ଉଲ୍ଲେଖ କରାଯାଇଛି। ସଭାପତି ଅଶୋକ କୁମାର ରାଉତଙ୍କ ନେତୃତ୍ୱରେ ସନ୍ତୋଷ କୁମାର ସାମଲ, ସଞ୍ଜୟ କୁମାର ସାମଲ, ପ୍ରଦୀପ କୁମାର ସାହୁ, କିଶୋର କୁମାର ଦଳେଇ, ଶ୍ୟାମ ସୁନ୍ଦର ରଣା, ଗଙ୍ଗାଧର ନାଏକ, ବିଜୟ କୁମାର ସାହୁ, ସନ୍ତୋଷ କୁମାର ବେହେରା ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ରାଷ୍ଟ୍ରୀୟ ୱେବିନାର

**କଟକ ଅଫିସ, ୨୬।୫:** ସ୍ଥାନୀୟ ଇମର୍ତ୍ତୀଦେବୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ରଘୁନାଥ ପଟ୍ଟନାୟକ ଯୋଗଦେଇ ପୁଞ୍ଜି ନିବେଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଅବ୍ଦୁଲ ଉସମାନ ଖାନ୍ ସ୍ୱାଗତ ଭାଷଣ, ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ଓ ମୋନିକା ଦାଶ ଧନ୍ୟବାଦ ଦେଇଥିଲେ।

## କନିଷ୍ଠରେ ଆଦ୍ୟା, ବରିଷ୍ଠରେ ଶର୍ମିଷ୍ଠା ପ୍ରଥମ

**ଭଜନ ପ୍ରତିଯୋଗିତା**

**ପୁରୀ ଅଫିସ, ୨୬।୫**

ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ପାଳନ ଅବସରରେ ବୁଧବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ରାଜ୍ୟର ଶତାଧିକ ପ୍ରତିଯୋଗୀ ଭାଗନେଇଥିଲେ। କନିଷ୍ଠ ବିଭାଗରେ କେନ୍ଦୁଝରର ଆଦ୍ୟା ପ୍ରିୟଦର୍ଶିନୀ ସାହୁ ପ୍ରଥମ, କଟକର ମଧୁସ୍ମିତା ପଣ୍ଡା ଦ୍ୱିତୀୟ ଓ ପୁରୀ ସାକ୍ଷୀଗୋପାଳର ଦେବସ୍ମିତା ହୋତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଭୁବନେଶ୍ୱରର ଶର୍ମିଷ୍ଠା ବିଦ୍ୟାଧର ନାୟକ ପ୍ରଥମ, ପୁରୀର ନିର୍ମଳ ନନ୍ଦ ଦ୍ୱିତୀୟ ଓ ବାଲେଶ୍ୱରର ସବିତା ମୁର୍ମୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସାର୍ଟିଫିକେଟ, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ କର୍ମକର୍ତ୍ତା କହିଛନ୍ତି। ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ନିର୍ଦ୍ଦେଶକ ଶତ୍ରୁଘ୍ନ କୁମାର ନାୟକ ପରିଚାଳନା କରିଥିଲେ।

## ସ୍ଥାନାନ୍ତର ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ବନ୍ଦ କଲା ପ୍ରଶାସନ



ବାତ୍ୟା ଯୋଗୁ ସାଲେପୁରରେ ଜମି ରହିଥିବା ପାଣି।

**ସାଲେପୁର, ୨୬।୫(ଡି.ଏନ.ଏ.)**

ମାଟି, ଆଜ୍‌ବେଷ୍ଟସ୍ ଓ ବିପଦସଙ୍କୁଳ ଘରେ ବସବାସ କରୁଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଥିଲା। ସେମାନଙ୍କ ଲାଗି ବୁଧବାର ରନ୍ଧାଖାଦ୍ୟ ବନ୍ଦ କରାଯାଇଛି। ସାଲେପୁର ବ୍ଲକରେ ୫୧ଟି ବାତ୍ୟା ଆଶ୍ରୟସ୍ଥଳରେ ୩,୬୦୦ ଲୋକ ରହୁଥିଲେ। ପ୍ରଶାସନ ପକ୍ଷରୁ ବାତ୍ୟା ୟାସ୍ ଯେଉଁଭଳି ପ୍ରଭାବ ପକାଇବ ବୋଲି ଆକଳନ କରାଯାଉଥିଲା ତାହା କିଛି ପ୍ରଭାବ ପଡି ନ ଥିଲା। କେବଳ ପ୍ରବଳ ବର୍ଷା ଯୋଗୁ ସାଲେପୁର ବ୍ଲକ ଅଞ୍ଚଳର ବିଭିନ୍ନ ଖାଲୁଆ ଜାଗାରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଥିଲା। କିଛି ସମୟ ପାଇଁ ସାଲେପୁର ତାରିଣୀଛକଠାରୁ ବି.କେ. ଟକିଜ୍ ମଧ୍ୟରେ ସାଲେପୁର-କଟକ ମୁଖ୍ୟ ରାସ୍ତା ଉପରେ ପାଣି ଚାଲିଥିଲା। ସେହିପରି ସାଲେପୁର ମଧୁସୂଦନ ଭବନ ଚତୁଃପାର୍ଶ୍ୱ, ସାଲେପୁର ଅଞ୍ଚଳର ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଯାଇଛି। ପବନକୁ ଆଖି ଆଗରେ ରଖି ସାଲେପୁର ବିଦ୍ୟୁତ୍ ବିଭାଗ ପକ୍ଷରୁ ଦୀର୍ଘ ୧୨ଘଣ୍ଟା ଧରି ଲାଇନ କଟା ଯିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସାଲେପୁର ଅଞ୍ଚଳରେ ବାତ୍ୟା ୟାସ୍ ଯୋଗୁ କୌଣସି କ୍ଷୟକ୍ଷତି ହୋଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ବାତ୍ୟା ଛାଡିବା ପରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ରହୁଥିବା ଲୋକମାନେ ଘରକୁ ଫେରି ଯାଇଛନ୍ତି।

## ୯ ଆଶ୍ରୟସ୍ଥଳରେ ୧୯୮ଙ୍କୁ ଥଇଥାନ

**ଆଠଗଡ଼, ୨୬।୫(ସ୍ୱ.ପ୍ର.):** ବାତ୍ୟା ୟାସ୍‌ର ପ୍ରଭାବ ଆଠଗଡ଼ରେ ସେତେ ଅଧିକ ନ ଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରୁ ୯ଟି ବାତ୍ୟା ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇ ୧୯୮ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ହରିଜନ ପ୍ରାଇମେରି ସ୍କୁଲରେ ୧୪, ରାସରସିକପୁର ୟୁଜିଏମଇ ସ୍କୁଲରେ ୧୪, କନ୍ତୋଲ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ୩୧, କନ୍ତୋଲ ପ୍ରାଇମେରି ସ୍କୁଲରେ ୫୨, ବୀରକିଶୋରପୁର ପ୍ରାଥମିକ ବିଦ୍ୟାଳୟରେ ୨୧, ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠରେ ୭, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୧ ଜଣ, ବଡେଇ ତୋଟା ଅଙ୍ଗନୱାଡି କେନ୍ଦ୍ରରେ ୨୦ ଜଣଙ୍କୁ ରଖାଯାଇଥିଲା। ଗୋପବନ୍ଧୁ ମହିଳା କଲେଜରେ ୧୮ କରୋନା ସନ୍ଦିଗ୍ଧଙ୍କୁ ରଖାଯାଇଥିବା ଆଠଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା କହିଛନ୍ତି। ୨୫ ତାରିଖ ରାତି ୧୦ଟାରେ ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଇଥିଲା। ତେବେ ଗୋପବନ୍ଧୁ ମହିଳା କଲେଜରେ ଥିବା ୧୮ ଜଣଙ୍କ ସ୍ୱାବ୍ ନମୁନା ଟେଷ୍ଟ କରାଯାଇ ସେମାନଙ୍କ ମଧ୍ୟରୁ ୪ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ଜଣାପଡିଛି।

## ବାତ୍ୟା ସତ୍ତ୍ୱେ ୪ ସ୍ଥାନକୁ ଗଲା ଅକ୍ସିଜେନ୍

**ସାହାଯ୍ୟ କଲା ଓଡ୍ରାଫ ଟିମ୍**

**କଟକ ଅଫିସ, ୨୬।୫**

ବାତ୍ୟା 'ୟାସ୍' ବୁଧବାର ସ୍ଥଳଭାଗ ଛୁଇଁବା ପରେ ରାଜ୍ୟର ବିଭିନ୍ନ ଜିଲାରେ କ୍ଷୟକ୍ଷତି ହୋଇଛି। ହେଲେ ଓଡ଼ିଶା ପୋଲିସ ଏଭଳି ପରିସ୍ଥିତିରେ ମଧ୍ୟ ମେଡିକାଲ ଅକ୍ସିଜେନ ଯୋଗାଣ କାର୍ଯ୍ୟ ଜାରି ରଖିଛି। ଅକ୍ସିଜେନ ଯୋଗାଣର ସୁପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଯୋଜନା ଓ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇଥିବା ଓଡ୍ରାଫ୍ ଟିମ୍ ରାସ୍ତାରୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଇଥିଲେ। ଫଳରେ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଅନୁଗୋଳରୁ ୪ଟି ଟ୍ୟାଙ୍କର ହାଇଦ୍ରାବାଦ ଓ ବିଶାଖାପାଟଣା ଏବଂ ଯାଜପୁରରୁ ୨ଟି ଟ୍ୟାଙ୍କର ବ୍ରହ୍ମପୁର ଓ ଭୁବନେଶ୍ୱରକୁ ପଠାଯାଇପାରିଥିଲା। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଏଭଳି ପରିସ୍ଥିତିରେ ଓଡ଼ିଶା ଦେଶର ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରତିଦିନ ମେଡିକାଲ ଅକ୍ସିଜେନ ପଠାଉଛି। ଗତ ୩୪ ଦିନ ମଧ୍ୟରେ ରାଉରକେଲା, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାରୁ ୧୨୨୬ ଟ୍ୟାଙ୍କର ଓ କଣ୍ଟେନରରେ ୨୨୫୪୨.୮୯୫ ଟନ୍ ଅକ୍ସିଜେନ୍ ଅନ୍ୟ ରାଜ୍ୟକୁ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।



## କୋଭିଡ୍ ସଂକ୍ରମଣରେ ୪ ମୃତ୍ୟୁ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ୨୬।୫(ସ୍ୱ.ପ୍ର.):** କରୋନା ମହାମାରୀ ଗ୍ରାମାଞ୍ଚଳରେ ତାଣ୍ଡବ ରଚାଇ ଚାଲିଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ବୁଧବାର ୪ ଜଣଙ୍କର କୋଭିଡ୍ ସଂକ୍ରମଣରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ସେମାନେ ହେଲେ ବାବୁଜଙ୍ଗ ପଞ୍ଚାୟତ ଦୁଲୁପୁର ଗାଁର ପ୍ରଶାନ୍ତ ମହାପାତ୍ର, ବାବୁଜଙ୍ଗ ଗାଁର ଆଇନଜୀବୀ ନଳିନୀକାନ୍ତ ମହାନ୍ତି, ଶିର୍ଲୋ ପଞ୍ଚାୟତର ବରହମପୁର ଗାଁର ଭରତ ଚୌଧୁରୀ ଓ ନାରାୟଣ ଚୌଧୁରୀ। ସମସ୍ତଙ୍କର ମୃତ୍ୟୁ କଟକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଘଟିଛି। କଟକଣାରେ ମୃତଦେହ ସଂସ୍କାର କରାଯାଇଛି। ସରକାରୀ ରେକର୍ଡରେ କରୋନାରେ ୯ ଜଣ ମୃତ୍ୟୁବରଣ କରିଥିବା ଜିପିଓ ଜନ୍ମେଜୟ ରାଉତ ପ୍ରକାଶ କରିଥିବା ବେଳେ ସଂଖ୍ୟା କିନ୍ତୁ ଯଥେଷ୍ଟ ଅଧିକ।

## ବାତ୍ୟା ପ୍ରଭାବରେ ଗଛ ଉପୁଡ଼ିଲା

**କଟକ ଅଫିସ, ୨୬।୫**

ବାତ୍ୟା 'ୟାସ୍' ପ୍ରଭାବରେ ବୁଧବାର କଟକରେ ବର୍ଷା ଓ ପବନ ଲାଗି ରହିଥିଲା। ହେଲେ ସହରରେ ସେଭଳି କିଛି କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳି ନ ଥିଲା। କେବଳ ସିଡିଏ ସେକ୍ଟର-୯ ଅଞ୍ଚଳ ଓ ଖାନ୍‌ନଗର ମୁଖ୍ୟ ରାସ୍ତାରେ କିଛି ଗଛ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଥିଲା। ବର୍ଷା, ପବନରୁ ରକ୍ଷା ପାଇବା ପାଇଁ ଗୋରୁମାନେ ଗଛ ଓ କ୍ୟାବିନ ତଳେ ଆଶ୍ରୟ ନେଇଥିଲେ। ବାତ୍ୟା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ସହରରେ ଥିବା ୨୬ଟି ବସ୍ତିର ଲୋକଙ୍କୁ ପ୍ରଶାସନ ପକ୍ଷରୁ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇ ରନ୍ଧା ଏବଂ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ତେବେ କିଛି ଆଶ୍ରୟସ୍ଥଳରେ ବିଳମ୍ବରେ ଖାଦ୍ୟ ଯୋଗାଣକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସିଏମ୍‌ସିର ଏକ ଟିମ୍ ସହରରେ ଥିବା ବିଭିନ୍ନ କୋଭିଡ୍ ହସ୍ପିଟାଲ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲା। ବାତ୍ୟାକୁ ନେଇ ଯେଭଳି ଭାବେ ପ୍ରଚାର କରାଯାଇଥିଲା ସେଭଳି ପ୍ରକୋପ କଟକରେ ଦେଖିବାକୁ ମିଳିନାହିଁ ବୋଲି ଚାଉଳିଆଗଞ୍ଜର ଯୁଗଳ କିଶୋର ସାହୁ କହିଛନ୍ତି।



ଖାନ୍‌ନଗର ରିଂବନ୍ଧ ରାସ୍ତା ପାର୍ଶ୍ୱରେ ଉପୁଡ଼ି ପଡ଼ିଥିବା ଗଛ।

## ଟଳିଲା ବିପଦ, ଆଶ୍ରୟସ୍ଥଳରୁ ଘରବାହୁଡ଼ା

**ନିଶ୍ଚିନ୍ତକୋଇଲି, ୨୬।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକରୁ ବାତ୍ୟା ୟାସ୍‌ର ବିପଦ ଟଳିଯାଇଛି। କାଁ ଭାଁ ଗଛ ଭାଙ୍ଗି ଯାଇଥିବା ବେଳେ ସେଭଳି କିଛି କ୍ଷୟକ୍ଷତି ହୋଇନାହିଁ। ପ୍ରଶାସନିକ ତତ୍ପରତା ହେତୁ ଏହି ବ୍ଲକରେ ଶୂନ୍ୟ ଜୀବନହାନି ହୋଇଛି। ମଙ୍ଗଳବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଲୋକଙ୍କର କୋଭିଡ୍ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ଟଳିବା ଶୁଣି ଲୋକମାନେ ଘରବାହୁଡା ହୋଇଥିଲେ। ବ୍ଲକରେ ଥିବା ୪୧ଟି ପଞ୍ଚାୟତରୁ ୨ ପଞ୍ଚାୟତର ଲୋକେ ସ୍ଥାନାନ୍ତର ହୋଇ ନ ଥିବା ବେଳେ ୩୯ଟି ପଞ୍ଚାୟତରୁ ୬,୫୯୭ଜଣ ଲୋକଙ୍କୁ ୭୫ଟି ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଥିଲା। ସେମାନଙ୍କ ମଧ୍ୟରେ ୫,୩୫୭କ ଜଣ ବୟସ୍କ ଓ ୧,୨୪୦ଜଣ ଶିଶୁ ଥିଲେ। ସମସ୍ତଙ୍କ ପାଇଁ ଶୁଖିଲା ଓ ରନ୍ଧାଖାଦ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ବ୍ଲକର ଦାଉଦପୁର ଓ ଓରତି ପଞ୍ଚାୟତରେ କୌଣସି ବ୍ୟକ୍ତି ବାତ୍ୟା ପାଇଁ ସ୍ଥାନାନ୍ତର ହୋଇ ନ ଥିଲେ। କଟିକଟା ପଞ୍ଚାୟତରୁ ସର୍ବାଧିକ ୩୨୦ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଦର୍ଦ୍ଦନଦପୁର ପଞ୍ଚାୟତରୁ ୩୮ ଜଣ ବାତ୍ୟା ଆଶ୍ରୟସ୍ଥଳକୁ ଯାଇଥିଲେ। ବାତ୍ୟାକୁ ଆଖି ଆଗରେ ରଖି ନିଶ୍ଚିନ୍ତକୋଇଲି ମହିଳାକ ସମନ୍ୱିତ ଶିଶୁ ବିକାଶ ପକ୍ଷରୁ ୨୩ ଜଣ ଆସନ୍ନପ୍ରସବାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ଜଣଙ୍କର ମଙ୍ଗଳବାର ପିଲା ଜନ୍ମ ହୋଇଛି। ସେମାନେ ସମସ୍ତେ ସୁସ୍ଥଥିବା ସିଡିପିଓ ଲୀଳାବତି ସେଠୀ କହିଛନ୍ତି। କୋଭିଡ୍ ସଂକ୍ରମଣ ସମୟରେ ଏତେ ସଂଖ୍ୟକ ଲୋକ ଏକତ୍ରିତ ରହିବା ସହ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ସମସ୍ତଙ୍କ କୋଭିଡ୍ ପରୀକ୍ଷା ଜରୁରୀ ବୋଲି ଜିଲାପାଳ କହିଥିଲେ ହେଁ ପରୀକ୍ଷା ନ କରି ସମସ୍ତଙ୍କୁ ଛାଡି ଦିଆଯାଇଛି। ଏହାପରେ ଗାଁରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଧାର କୁହନ୍ତି, ଆଗାମୀ ଦିନରେ ବାତ୍ୟା ଆଶ୍ରୟସ୍ଥଳରେ ଥିବା ଲୋକଙ୍କ କୋଭିଡ୍ ପରୀକ୍ଷା କରାଯିବ।



କଟକ-ଚାନ୍ଦବାଲି ରାସ୍ତାରେ ପଡ଼ିଥିବା ଗଛକୁ ଓଡ୍ରାଫ୍ ଟିମ୍ କାଟୁଛନ୍ତି।

- ହେଲାନି କୋଭିଡ୍ ପରୀକ୍ଷା
- ୨୩ରୁ ୮ ଆସନ୍ନପ୍ରସବାଙ୍କ ପିଲା ଜନ୍ମ

## ସଂକ୍ଷେପରେ

### ମେ ୨୬କୁ କଳାଦିବସ ପାଳିଲେ କୃଷକ

**ବ୍ରହ୍ମଗିରି,୨୬।୫(ଡି.ଏନ୍.ଏ):** କେନ୍ଦ୍ରରେ ମୋଦି ସରକାରଙ୍କ କୃଷକ ମାରଣ ନୀତି ଅବଲମ୍ବନ କରି ଅଗଣତାନ୍ତ୍ରିକ ଭାବେ କେନ୍ଦ୍ର ସରକାର କର୍ପୋରେଟ ସଂସ୍ଥାଗୁଡ଼ିକର ସ୍ୱାର୍ଥ ପାଇଁ ୩ଟି କଳା କୃଷି ଆଇନ ପ୍ରଣୟନ କରି କୃଷି ଓ କୃଷକର ଅଶେଷ କ୍ଷତି ଘଟାଇଛନ୍ତି। ଏହି ଆଇନକୁ ବିରୋଧ କରି ବ୍ରହ୍ମଗିରିର ସିପିଏମ୍ ଦଳ ନେତୃତ୍ୱରେ ଅଞ୍ଚଳର ଚାଷୀମାନେ ମେ ୨୬କୁ କଳା ଦିବସ ଭାବେ ପାଳନ କରିଛନ୍ତି। ଏପରିକି ଏହି କଳା ଆଇନକୁ ସାରା ରାଜ୍ୟରେ ହଟାଇବା ପାଇଁ ବିରୋଧ କରାଯାଇଥିଲା। ଏଥିସହ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଦେଶର ଲକ୍ଷାଧିକ କୃଷକ ପ୍ରାୟ ୬ମାସରୁ ଅଧିକ ଦିନ ହେବ ଦିଲ୍ଲୀ ରାଜରାସ୍ତାରେ ଧାରଣା ଜାରି ରଖିଛନ୍ତି। ଏମାନଙ୍କ ମଧ୍ୟରୁ ୬ଶହରୁ ଉର୍ଦ୍ଧ୍ୱ କୃଷକଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ର ସରକାର ଚାଷୀମାନଙ୍କର ଦାବିକୁ ଗ୍ରହଣ ନ କରି ଗୁଳିମାଡ, ରବର ବୁଲେଟ୍, ଟିୟର ଗ୍ୟାସ୍ ଏବଂ ପାଣି ମାଡ଼ ମାରିଛନ୍ତି। ତା'ର ପ୍ରତିବାଦରେ ମେ ମାସ ୨୬ ତାରିଖକୁ କୃଷକଙ୍କ ପକ୍ଷରୁ କଳା ଦିବସ ରୂପେ ପାଳିତ ହେଉଥିବା ବେଳେ ବ୍ରହ୍ମଗିରିର ଚାଷୀମାନେ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକଜୁଟ ହୋଇ କଳାଦିବସ ପାଳିଛନ୍ତି। ଏହି ସଭାରେ ପୁରୀ ଜିଲା ସିପିଏମ୍ ସମ୍ପାଦକ ଭୀମସେନ ସ୍ୱାଇଁ, ସିପିଆଇ ନେତା ବ୍ରଜବନ୍ଧୁ ପ୍ରଧାନ, ତପନ ଉପାଧ୍ୟାୟ, ବିଦ୍ୟାଧର ଦଳାଇ, ସୁବଳ ଦଳାଇ, ସୁରେନ୍ଦ୍ର ଦଳାଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଜଟଣୀ,୨୬।୫(ଡି.ଏନ୍.ଏ.):** ଜଟଣୀ ଜେଏମ୍ଏଫ୍‌ସି କୋର୍ଟର ବିଚାରପତି ଧ୍ରୁବି ସୋଲାଙ୍କୀଙ୍କ ଶ୍ୱଶୁର ତଥା ବରିଷ୍ଠ ଆଇନଜୀବୀ ମିହିର କୁମାର ମଲ୍ଲିକଙ୍କ ବୁଧବାର ୮୩ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ମଲ୍ଲିକ ସମବାୟ ଆଇନ ବିଶାରଦ ଭାବେ ସାରା ରାଜ୍ୟରେ ଖ୍ୟାତି ଅର୍ଜନ କରିଥିଲେ। କ୍ରୀଡ଼ାପ୍ରେମୀ ଭାବେ ମଧ୍ୟ ତାଙ୍କର ବେଶ୍ ସୁନାମ ରହିଥିଲା। ସେ କଟକ ଝାଞ୍ଜିରିମଙ୍ଗଳାସ୍ଥ ମଙ୍ଗଳା କ୍ଲବର ଆଜୀବନ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଅମାୟିକ ଏବଂ ସରଳ ବ୍ୟକ୍ତି ଥିଲେ। ତାଙ୍କ ଅବର୍ତ୍ତମାନରେ ଜଟଣୀ ଲୟର୍ସ ଆସୋସିଏଶନ, ଜଟଣୀ ବାର୍ ଆସୋସିଏଶନର ସମସ୍ତ ଅଧିବକ୍ତା, ଜଟଣୀ କୋର୍ଟର ସରକାରୀ ଅଧିବକ୍ତା, କର୍ମଚାରୀଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ମରଶରୀରକୁ କଟକ ସତୀଚଉରା ଶ୍ମଶାନରେ ସତ୍କାର କରାଯାଇଥିବା ବେଳେ ପୁତ୍ର ଆଇନଜୀବୀ ମନୋରଞ୍ଜନ ମଲ୍ଲିକ ମୁଖାଗ୍ନି ଦେଇଥିଲେ।

### ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକସଭା

**ଖୋର୍ଦ୍ଧା ଅଫିସ,୨୬।୫:** ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଭାବଗ୍ରାହୀ ମହାପାତ୍ରଙ୍କ ବିୟୋଗରେ ବୁଧବାର ଖୋର୍ଦ୍ଧା ଶାଖା ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ସଭାପତି ଶକ୍ତି ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ପାଦକ ବିଚିତ୍ର କୁମାର ବଡଜେନା ଉତ୍କଳ ସମ୍ମିଳନୀକୁ ଭାବଗ୍ରାହୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବସୁନ୍ଦର ପଟ୍ଟନାୟକ, ଦୟାନିଧି ରାଉତରାୟ, ନିତ୍ୟାନନ୍ଦ ଦାଶ, ବିଶ୍ୱନାଥ ମହାରଣା, ଗଦାଧର ଗୋଛି ପ୍ରମୁଖ ଭାବଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ।

# ଆକ୍ରାନ୍ତ କଏଦୀଙ୍କୁ ଚିକିତ୍ସା ଅବହେଳା ଅଭିଯୋଗ

**ଝାରପଡ଼ା ଜେଲ ସାମ୍ନାରେ ଉତ୍ତେଜନା**

- ୨ କଏଦୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- ହସ୍ପିଟାଲ ନିଆଯାଉ ନ ଥିବା କହିଲେ ସମ୍ପର୍କୀୟ
- ଥାନା ଭୟ ଦେଖାଇ ତଡ଼ିଦେଲା ପୋଲିସ



**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ଝାରପଡା ଜେଲ୍‌ରେ ଏବେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଶତାଧିକ କଏଦୀ ଆକ୍ରାନ୍ତ ହୋଇଥିବାବେଳେ କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ଜେଲ୍ ଆଇସୋଲେଶନ ୱାର୍ଡରେ ଠିକ୍ ଭାବେ ଚିକିତ୍ସା ମିଳୁ ନ ଥିବା ଓ ଗୁରୁତରଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉ ନ ଥିବା ଅଭିଯୋଗ ଆଣି କଏଦୀଙ୍କ ପରିବାର ଲୋକେ ବୁଧବାର ଜେଲ୍ ସମ୍ମୁଖରେ ହୋହଲ୍ଲା କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପିସିଆର୍ ପୋଲିସ ପହଞ୍ଚି ଥାନା ଭୟ ଦେଖାଇ ତଡ଼ି ଦେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କିଛିଦିନତଳେ ବିଚାରାଧୀନ କଏଦୀ ଗଞ୍ଜାମର ତ୍ରିପତି ମହାନ୍ତିଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଥିଲା। ସେହିପରି ଆଜୀବନ ସଜା କାଟୁଥିବା ୭୨ ବର୍ଷୀୟ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ପରେ ସୋମବାର ତାଙ୍କୁ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ୨୫ଜଣ କଏଦୀଙ୍କର ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ଏମାନଙ୍କ ମଧ୍ୟରୁ ବିଚାରାଧୀନ କଏଦୀ ଲକ୍ଷ୍ମୀସାଗର ଗାଁର ନିତିନ ନାୟକ ଓ ବିଜୟ ନାଏକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ସମ୍ପର୍କରେ ଅନ୍ୟ କଏଦୀଙ୍କଠାରୁ ଖବର ପାଇବା ପରେ ପରିବାର ଲୋକଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସମ୍ପର୍କୀୟ ଜେଲ ସାମ୍ନାରେ ପହଞ୍ଚି ହୋହଲ୍ଲା କରିଥିଲେ। ଶୀଘ୍ର ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଠିକ ଚିକିତ୍ସା କରାଇବାକୁ ଦାବି କରିଥିଲେ। ପରେ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲା। ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି ଯେ, ଝାରପଡା ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଥିବାରୁ ସଂକ୍ରମଣ ବ୍ୟାପିଗଲାଣି। ଭଲ ଚିକିତ୍ସକ ନ ଥିବାରୁ ଆଇସୋଲେଶନରେ ଥିବା ଆକ୍ରାନ୍ତଙ୍କର ଠିକ୍ ଭାବେ ଚିକିତ୍ସା କରାଯାଉ ନାହିଁ। ଗୁରୁତର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଉ ନାହିଁ କି ଆକ୍ରାନ୍ତଙ୍କୁ ଉଷୁମ ଖାଦ୍ୟ ଦିଆଯାଉ ନାହିଁ। ତେଣୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସମ୍ପର୍କୀୟମାନେ କହିଛନ୍ତି।

ଏ ସମ୍ପର୍କରେ ଜେଲ ବିଭାଗ ଆଇଜି ହିମାଂଶୁ ଲାଲ କହିଛନ୍ତି, ଅନ୍ତେବାସୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଝାରପଡା ଜେଲରେ କୋଭିଡ୍ ଆକ୍ରାନ୍ତଙ୍କ ଅବସ୍ଥା ଭଲ ରହିଛି। ସେମାନଙ୍କୁ ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯାଉଛି। ଗୁରୁତର ହେଲେ ତୁରନ୍ତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଉନ୍ନତମାନର ଚିକିତ୍ସା ଯୋଗାଇଦେବାକୁ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଥିବା ସେ କହିଛନ୍ତି।

### ୬ ଦିନରେ ୧୨୭ କଏଦୀ ପଜିଟିଭ୍

**ଗୋଷ୍ଠୀ ସଂକ୍ରମଣ ଆଶଙ୍କା**

ଝାରପଡା ଜେଲରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେଠାରେ ଏକପ୍ରକାର ଗୋଷ୍ଠୀ ସଂକ୍ରମଣ ହୋଇସାରିଥିବା ଆଶଙ୍କା କରାଯାଉଛି। ୬ ଦିନରେ ୧୨୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହାକୁ ନେଇ ଅନ୍ତେବାସୀ ଓ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ ୧୯ ତାରିଖରେ ବିଏମ୍‌ସି ତରଫରୁ ଝାରପଡା ଜେଲର ୨୦୦ଜଣ କଏଦୀଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୯୬ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସେହିପରି ୨୨ ତାରିଖରେ ୩ଜଣ, ୨୫ ତାରିଖରେ ୭ଜଣ ଓ ୨୬ ତାରିଖରେ ୨୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।



ବାତ୍ୟା ପ୍ରଭାବରେ କୃଷ୍ଣପ୍ରସାଦ ବ୍ଲକର ଅରଖକୁଦା ଗାଁରେ ସମୁଦ୍ର ଜୁଆରପାଣି ପଶିଥିବାରୁ ଜଣେ ମତ୍ସ୍ୟଜୀବୀ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ରଖୁଛନ୍ତି।

# ଅରଖକୁଦାରେ ପଶିଲା ଜୁଆରପାଣି

**ୟାସ୍ ପ୍ରଭାବ**

**ବ୍ରହ୍ମଗିରି,୨୬।୫(ଡି.ଏନ୍.ଏ.)**

ସାମୁଦ୍ରିକ ବାତ୍ୟା ୟାସ୍ ପୁରୀ ଜିଲାରେ ବିଶେଷ କ୍ଷୟକ୍ଷତି କରିନାହିଁ। ତଥାପି ବ୍ରହ୍ମଗିରି ଅଞ୍ଚଳରେ ବାତ୍ୟା ପ୍ରଭାବରେ ବୁଧବାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦା ଗାଁରେ ସମୁଦ୍ରର ଜୁଆର ପାଣି ପଶିଯାଇଛି। ଫଳରେ ଲୋକମାନେ ଭୟଭୀତ ହୋଇପଡିଛନ୍ତି।

ଅନ୍ୟପକ୍ଷରେ 'ୟାସ' ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହି ଅନେକ ମତ୍ସ୍ୟଜୀବୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିଥିଲା। ବାତ୍ୟା ପ୍ରଭାବରୁ ବ୍ରହ୍ମଗିରି ଅଞ୍ଚଳ ବର୍ତ୍ତିଯାଇଥିବା ସମୟରେ ପୂର୍ଣ୍ଣମୀ ତିଥିରେ ସମୁଦ୍ର ଅଶାନ୍ତ ହୋଇଥିଲା। ଏହି ଗ୍ରାମକୁ ସାମୁଦ୍ରିକ ଜୁଆରରୁ ସୁରକ୍ଷା ପାଇଁ ଗ୍ରାମ ଚାରିପଟେ ରିଙ୍ଗ ବନ୍ଧ ହୋଇଛି। କିନ୍ତୁ ଦୁର୍ବଳ ରିଙ୍ଗବନ୍ଧ ଯୋଗୁ ଅରଖକୁଦା ଗାଁର ମେରାଇନ୍ ଥାନା ନିକଟ, ଭାଗବତ ସାହି, ଲକ୍ଷ୍ମୀନାରାୟଣ ସାହି ଓ ହରଚଣ୍ଡୀ ସାହି ଇତ୍ୟାଦିରେ ଜୁଆର ପାଣି ପଶିଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ ଆତଙ୍କିତ ହୋଇପଡ଼ିଛନ୍ତି। ସୂଚନା ଥାଉକି, କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରିଙ୍ଗ୍ ବନ୍ଧ ବର୍ତ୍ତମାନ ସୁଦ୍ଧା ଶେଷ ହୋଇ ନ ଥିବାବେଳେ ଏବଂ ରିଙ୍ଗବନ୍ଧରେ ଥିବା କଲଭର୍ଟରେ ଗେଟ୍ ବ୍ୟବସ୍ଥା ନ ଥିବାରୁ ସମୁଦ୍ର ଜୁଆର ପାଣି ଗାଁରେ ପଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ଗୁରୁତ୍ୱ ଦେଇ ଠିକ୍ ଭାବେ ରିଙ୍ଗ ବନ୍ଧ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାତ୍ୟା ପରେ ଫେରିଲେ ୯୭୪୭

**ଖୋର୍ଦ୍ଧା ଅଫିସ,୨୬।୫**

ବାତ୍ୟା ୟାସ୍ ପ୍ରଭାବରେ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ପବନ ଲାଗି ରହିଥିଲା। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୟାସ୍‌ର ପ୍ରଭାବ ନ ଥିଲେ ମଧ୍ୟ ଉପକୂଳ ଓ ତଳିଆ ଅଞ୍ଚଳରେ ସାମାନ୍ୟ ବର୍ଷା ପବନ ହୋଇଥିଲା। କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇନାହିଁ ବୋଲି ଅତିରିକ୍ତ ଜିଲାପାଳ ଅନୁଜ ଦାସପଟ୍ଟନାୟକ ସୂଚନା ଦେଇଛନ୍ତି। ବାତ୍ୟାର ପ୍ରଭାବ କମିବା ପରେ ଆଶ୍ରୟସ୍ଥଳୀରେ ଥିବା ଲୋକେ ବୁଧବାର ସନ୍ଧ୍ୟା ସୁଦ୍ଧା ନିଜ ଘରକୁ ଫେରିଯାଇଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାର୧୦ଟି ବ୍ଲକ ଏବଂ ୨ ପୌରାଞ୍ଚଳ ସମେତ ୨ ଏନ୍ଏସିରେ ମୋଟ ୯୭୪୭ ଜଣଙ୍କୁ ୨୨୫ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରେ ୭୩୬୧ ବୟସ୍କ ଓ ୨୩୮୬ ଜଣ ଶିଶୁ ରହିଥିଲେ। ଆଶ୍ରୟସ୍ଥଳରେ ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଦିଆଯାଇଥିଲା। ୨୨ ମେଡିକାଲ ଟିମ୍ ଓ ୧୩ ପ୍ରାଣୀଧନ ମେଡିକାଲ ଟିମ୍ ନିୟୋଜିତ ଥିଲେ। ସମସ୍ତ ବ୍ଲକରେ ପର୍ଯ୍ୟାପ୍ତ ପରିମାଣରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି। ଗର୍ଭବତୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ରାସ୍ତା ଅବରୋଧ ହଟାଇବା ଲାଗି ଗୋଟିଏ ଓଡ୍ରାଫ ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ରହିଥିଲେ। ବାଲିଅନ୍ତା ବ୍ଲକରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିବା ୩ଜଣ ମହିଳାଙ୍କର ପ୍ରସବ ହୋଇଥିବା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି। ଏହି ଉପଖଣ୍ଡରୁ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ବାତ୍ୟାର ପ୍ରକୋପ କମିବା ପରେ ଲୋକେ ନିଜ ଭିଟାମାଟିକୁ ଚାଲିଯାଇଥିବା ଉପଜିଲାପାଳ ସାହୁ କହିଛନ୍ତି।

### ବିମାନ ଚଳାଚଳ ଆରମ୍ଭ ହେଲା

**ଭୁବନେଶ୍ୱର, ୨୬।୫ (ବ୍ୟୁରୋ)**

ବାତ୍ୟାକୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୨୫ ତାରିଖ ମଙ୍ଗଳବାର ରାତି ୧୧ଟାରୁ ୨୭ତାରିଖ ଗୁରୁବାର ସକାଳ ୫ଟା ପର୍ଯ୍ୟନ୍ତ ବିମାନ ସେବା ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ବାତ୍ୟାର ପ୍ରଭାବ କମିଯିବା ପରେ ନିର୍ଦ୍ଧାରିତ ସମୟର ୧୦ ଘଣ୍ଟା ପୂର୍ବରୁ ବିମାନ ସେବା ଆରମ୍ଭ ହୋଇଛି। ବୁଧବାର ରାତି ୭ଟାରୁ ବିମାନ ଚଳାଚଳ କରିଥିବା ବମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### କନିଷ୍ଠରେ ଆଦ୍ୟା, ବରିଷ୍ଠରେ ଶର୍ମିଷ୍ଠା ପ୍ରଥମ

**ପୁରୀ ଅଫିସ, ୨୬।୫**

**ଭିକାରୀ ବଳଙ୍କ ଜୟନ୍ତୀରେ ଭଜନ ପ୍ରତିଯୋଗିତା**

ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୨ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ରାଜ୍ୟର ଶତାଧିକ ପ୍ରତିଯୋଗୀ ଭାଗନେଇଥିଲେ। କନିଷ୍ଠ ବିଭାଗରେ କେନ୍ଦୁଝରର ଆଦ୍ୟା ପ୍ରିୟଦର୍ଶିନୀ ସାହୁ ପ୍ରଥମ, କଟକର ମଧୁସ୍ମିତା ପଣ୍ଡା ଦ୍ୱିତୀୟ ଓ ପୁରୀ ସାକ୍ଷୀଗୋପାଳର ଦେବସ୍ମିତା ହୋତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଭୁବନେଶ୍ୱରର ଶର୍ମିଷ୍ଠା ବିଦ୍ୟାଧର ନାୟକ ପ୍ରଥମ, ପୁରୀର ନିର୍ମଳ ନନ୍ଦ ଦ୍ୱିତୀୟ ଓ ବାଲେଶ୍ୱରର ସବିତା ମୁର୍ମୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସାର୍ଟିଫିକେଟ୍, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ କର୍ମକର୍ତ୍ତା କହିଛନ୍ତି। ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ନିର୍ଦ୍ଦେଶକ ଶତ୍ରୁଘ୍ନ କୁମାର ନାୟକ ପରିଚାଳନା କରିଥିଲେ।

# ଆଶ୍ରୟସ୍ଥଳରେ ଥିବା ୧୬୩୭ ଘରକୁ ଫେରିଲେ

**ବେଗୁନିଆ,୨୬।୫(ଡି.ଏନ୍.ଏ)**

ସାମୁଦ୍ରିକ ବାତ୍ୟା 'ୟାସ୍' ବେଗୁନିଆ ବ୍ଲକ ଅଞ୍ଚଳରେ ସେଭଳି ପ୍ରଭାବ ପକାଇ ନ ଥିଲା। କେବଳ ୫୦ରୁ ୬୦କିମି ବେଗରେ ପବନ ବହିବା ସହ ଝିପିଝିପି ବର୍ଷା ଲାଗିରହିଥିଲା। ଫଳରେ ଅଞ୍ଚଳରେ ବିଭିନ୍ନ ଆଶ୍ରୟସ୍ଥଳରେ ରହିଥିବା ୧୬୩୭ଜଣ ବୁଧବାର ବର୍ଷା କମିବା ପରେ ନିଜ ନିଜ ଘରକୁ ଫେରିଛନ୍ତି। ବାତ୍ୟାରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁତର ପଦକ୍ଷେପ ନିଆଯାଇଥିଲା। ଏହି ବ୍ଲକ ଅଞ୍ଚଳରେ କଚ୍ଚାଘରେ ବାସ କରୁଥିବା ପରିବାର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ୩୭ଟି ଅତିରିକ୍ତ ଆଶ୍ରୟସ୍ଥଳ ଖୋଲାଯାଇ ସମୁଦାୟ ୧୬୩୭ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଥିରେ ମହିଳା ୫୯୪ଜଣ, ଶିଶୁ ୩୨୬ଜଣ, ପୁରୁଷ ୭୧୬ଜଣ ଓ ଶାରୀରିକ ଅକ୍ଷମ ଜଣେ ରହିଛନ୍ତି। ସେମାନେ ବୁଧବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ନିଜ ଘରକୁ ଫେରିଥିଲେ। ମାତ୍ର ସେମାନେ ବ୍ଲକ ପ୍ରଶାସନର ଏଭଳି ପଦକ୍ଷେପକୁ ପ୍ରଶଂସା କରୁଥିବାବେଳେ ପକ୍କାଘର ଖଣ୍ଡିଏ ପାଇଁ ଆଶା ବାନ୍ଧିଛନ୍ତି। ତେବେ ଏହି ବ୍ଲକ ଅଞ୍ଚଳରେ ଲୋକେ ପକ୍କାଘର ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, ବାତ୍ୟାରୁ ରକ୍ଷା ପାଇବା ପାଇଁ ଆମ ପକ୍ଷରୁ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ସଫଳତା ମିଳିଛି। କଚ୍ଚାଘରେ ବାସ କରୁଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇ ପୂର୍ବରୁ ସରକାରଙ୍କୁ ଅବଗତ କରାଯାଇଛି। ଆଦେଶନାମା ପ୍ରକାଶ ପାଇଲେ ସେମାନେ ଗୃହ ନିଶ୍ଚୟ ପାଇବେ।

# ଅସହାୟ ଅବସ୍ଥାରେ ମାନସିକ ବିକାରଗ୍ରସ୍ତ ମହିଳା

**ଜଟଣୀ,୨୬।୫(ଡି.ଏନ୍.ଏ.)**

ରାଜ୍ୟରେ କରୋନା ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏଭଳି ସମୟରେ ନିରାଶ୍ରୟ, ଗରିବ, ଭିକାରିମାନଙ୍କ ପାଇଁ ସରକାର ପକ୍ଷରୁ ଖାଦ୍ୟ ଯୋଗାଇବା ବ୍ୟବସ୍ଥା କରାଯାଇଛି। ତଥାପି କେତେଜଣ ନିରାଶ୍ରୟ, ମାନସିକ ବିକାରଗ୍ରସ୍ତଙ୍କ ନିକଟକୁ ଠିକ୍ ଭାବେ ଖାଦ୍ୟ ପହଞ୍ଚିପାରୁ ନ ଥିବାରୁ ସେମାନେ ଖାଦ୍ୟ ଟିକେ ପାଇଁ ଏଣେତେଣେ ବୁଲୁଛନ୍ତି। ତେବେ ଜଟଣୀ ସହରରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ଖାଦ୍ୟ ପାଇଁ ଏଭଳି ଅସହାୟ ଅବସ୍ଥାରେ ବାରମ୍ବାର ବୁଲୁଥିବା ଦେଖିବାକୁ ମିଳିଛି। ମହିଳାଙ୍କର ଘରଦ୍ୱାର ନ ଥିବାରୁ ସହରର ରାସ୍ତାକଡ, ଡ୍ରେନ୍ ଏବଂ ଦୋକାନ ବାରଣ୍ଡା ପାଲଟିଛି ତାଙ୍କ ଆଶ୍ରୟ। ଏବେ ଲକଡାଉନ ଯୋଗୁ ବଜାର ଘାଟ ବନ୍ଦ ରହିଥିବାରୁ ଅସହାୟ ମହିଳା ଜଣକ କିଛିଦିନ ହେବ ଜଟଣୀ ପୌରାଞ୍ଚଳ ୨୦ ନମ୍ବର ୱାର୍ଡ ମାଣିଆଛକସ୍ଥିତ ମା'ଭଗବତୀ ନଗର ଅଞ୍ଚଳକୁ ସାହାରା ପାଇବା ଉଦ୍ଦେଶ୍ୟରେ ଚାଲିଆସିଛି। ଖରାବର୍ଷା ସତ୍ତ୍ୱେ ସେଭଳି ରାସ୍ତାକଡ଼ରେ ସେ ବସିରହୁଛନ୍ତି। ମହିଳାଙ୍କ ବୟସ ପାଖାପାଖି ୪୦ରୁ ୪୫ବର୍ଷ ଥିବାବେଳେ କଥାରୁ ଗଞ୍ଜାମ ଜିଲା ଅଞ୍ଚଳର ବୋଲି ଜଣାପଡୁଛି। ଗତ ୭ରୁ ଉର୍ଦ୍ଧ୍ୱ ଦିନ ହେବ ଏଠାରେ ବସିରହି ଥିବାବେଳେ କୌଣସି ସାମାଜିକ ଅନୁଷ୍ଠାନ କି ପ୍ରଶାସନର କାହାର ବି ନଜର ପଡିନାହିଁ। ଅନ୍ୟପଟେ କରୋନା ବ୍ୟାପିବା ଭୟରେ ସ୍ଥାନୀୟ ଲୋକେ ମଧ୍ୟ ମାନସିକ ବିକାରଗ୍ରସ୍ତ ମହିଳା ପାଖକୁ ଯାଉନାହାନ୍ତି। ଏଭଳି ସମୟରେ ସ୍ଥାନୀୟ ଅଞ୍ଚଳର ମାନବପ୍ରେମୀ ଜିତେନ୍ଦ୍ର କୁମାର ସାହୁ ନିଜ ମାନବିକତା ଦେଖାଇ ଉକ୍ତ ମହିଳାଟିକୁ ପ୍ରତିଦିନ କିଛି ଖାଦ୍ୟ ଦେଉଛନ୍ତି। ଏପରିକି ମହିଳାଟିକୁ ଉଦ୍ଧାର କରିବା ପାଇଁ ପୋଲିସ, ଏନ୍‌ଜିଓ ଏବଂ ସ୍ଥାନୀୟ ପ୍ରଶାସନ ସହ ଯୋଗାଯୋଗ କରିଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିବା ବ୍ୟତୀତ କେହି ଆସୁ ନ ଥିବା ଜିତେନ୍ଦ୍ର କହିଛନ୍ତି। କୌଣସି ଅଘଟଣ ଘଟିବା ପୂର୍ବରୁ ମହିଳାଙ୍କ ପ୍ରଶାସନ ଉଦ୍ଧାର କରି ସୁରକ୍ଷା ପ୍ରଦାନ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।



ମହିଳା ଜଣକ ଖାଦ୍ୟ ଖାଉଛନ୍ତି।

# ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟ

**ଜଟଣୀ,୨୬।୫(ଡି.ଏନ୍.ଏ.)**

ବାତ୍ୟା ୟାସ୍ ପରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ (ଜଟଣୀ) ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବାତ୍ୟା ଯୋଗୁ କ୍ଷୟକ୍ଷତିକୁ ରୋକିବା ନିମନ୍ତେ ଟ୍ରେନ୍ ଚଳାଚଳ, ବିଭିନ୍ନ ବନ୍ଦରଗୁଡ଼ିକରେ ମାଲ ପରିବହନ ପାଇଁ ମାଲଗାଡି ଚଳାଚଳ ବନ୍ଦ କରିବା ସହ ପ୍ରଭାବିତ ପ୍ରାଇଭେଟ୍ ସାଇଡିଂର ପୁନରୁଦ୍ଧାର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା। ଏହି ପରିପ୍ରେକ୍ଷୀରେ ଯାଜପୁର-କେନ୍ଦୁଝରରୋଡ-ରାଣିତାଲ ବିଭାଗ, ଭଦ୍ରକ-ଧାମରା ବନ୍ଦର ବିଭାଗ, କଟକ-ପାରାଦୀପ ବିଭାଗ ଏବଂ ହରିଦାସପୁର-ପାରାଦୀପ ପ୍ରଭାବିତ ଅଞ୍ଚଳଗୁଡିକରେ ଥିବା ରେଳ ଟ୍ରାକ୍ ଯାଞ୍ଚ କରାଯାଇଛି। ବାତ୍ୟା ପ୍ରଭାବରେ ପାଣିରେ ବୁଡ଼ିଯାଇଥିବା ରେଳ ଟ୍ରାକ୍‌ଗୁଡିକର କ୍ଷୟକ୍ଷତି ଯାଞ୍ଚ କରିବା ନିମନ୍ତେ ରେଳ ଟ୍ରାକ୍ ପାଟ୍ରୋଲିଂ କରାଯାଇ ମରାମତି କାର୍ଯ୍ୟ ଚାଲିଛି। ଏହାସହ ସିଗ୍‌ନାଲ ସିଷ୍ଟମ ଏବଂ ପ୍ୟାନେଲ କାର୍ଯ୍ୟର ଯାଞ୍ଚ ଚାଲିଥିବା ବେଳେ ସମ୍ପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ ସମ୍ପୂର୍ଣ୍ଣ ଟ୍ରାକ୍ ଏବଂ ଓଭରହେଡ୍ ବିଦ୍ୟୁତୀକରଣ ଫିଟ୍‌ନେସ ସୁନିଶ୍ଚିତ ହେବାପରେ ଗାଡିଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ବାତ୍ୟା ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ, ଭଦ୍ରକ, ଯାଜପୁର-କେନ୍ଦୁଝର ରୋଡ ଏବଂ ଭୁବନେଶ୍ୱର ଇତ୍ୟାଦି ରେଳ ଷ୍ଟେଶନରେ ଅଟକି ଥିବା ଅସହାୟ ଲୋକଙ୍କୁ ରେଳ ପ୍ରଶାସନ ପକ୍ଷରୁ ଖାଦ୍ୟ, ପାନୀୟ ପ୍ରଦାନ କରାଯାଇଥିବା ସମୟରେ ଭୁବନେଶ୍ୱର ମାରୱାଡି ଯୁବ ମଞ୍ଚ, ସେଭ୍ ଆୱାର ସୋଲ, ଭୁବନେଶ୍ୱର ଏବଂ କନ୍ଦାହାଟ ଏସ୍ଏଚ୍‌ଜି ଏବଂ ବ୍ୟାସ ସେନା-ଯାଜପୁର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଯାତ୍ରୀ ଏବଂ ଅସହାୟମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଖବର ଲେଖାହେବା ବେଳକୁ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସାଧାରଣ ଟ୍ରେନ୍ ଚଳାଚଳ ନିମନ୍ତେ ପ୍ରସ୍ତୁତ ହୋଇଯାଇଥିବା ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ଖୋର୍ଦ୍ଧା ଗ୍ରାମାଞ୍ଚଳ: ଆଉ ୪୯୫ ଆକ୍ରାନ୍ତ

**ଖୋର୍ଦ୍ଧା ଅଫିସ,୨୬।୫**



ଖୋର୍ଦ୍ଧା ଗ୍ରାମାଞ୍ଚଳରେ ପୁଣି ଥରେ କରୋନା ରେକର୍ଡ ଭାଙ୍ଗିଛି। ଗତ ସପ୍ତାହକ ମଧ୍ୟରେ ଦୈନିକ ସଂକ୍ରମଣ ୪ଶହ ଉପରକୁ ଟପିଲାଣି। ବୁଧବାର ୨୪ ଘଣ୍ଟାରେ ୪୯୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୭୬ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୮୩, ଭୁବନେଶ୍ୱର ବ୍ଲକରୁ ୨୮, ବାଲିଅନ୍ତାରୁ ୫୩, ବାଲିପାଟଣାରୁ ୫୯, ଜଟଣୀରୁ ୪୪, ବେଗୁନିଆରୁ ୫୩, ବୋଲଗଡରୁ ୧୫, ଟାଙ୍ଗୀରୁ ୬୭, ଚିଲିକାରୁ ୬୨ ଏବଂ ବାଣପୁରରୁ ୩୧ଜଣ ରହିଛନ୍ତି। ଜିଲା ପ୍ରଶାସନ ତଥ୍ୟ ଅନୁଯାୟୀ, ବୁଧବାର ସୁଦ୍ଧା ୨୦୪୩୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୮୨୮୦ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୦୯୪ ସକ୍ରିୟ ସଂକ୍ରମିତ ରହିଛନ୍ତି। ଦ୍ୱିତୀୟ ଲହରରେ ୬୯୨୫ ପଜିଟିଭ ଚିହ୍ନଟ ଓ ୪୮୯୩ ସୁସ୍ଥ ହୋଇଥିବା ଜିଲା ପ୍ରଶାସନର ପକ୍ଷରୁ ସୂଚନା ମିଳିଛି। ଖୋର୍ଦ୍ଧା ଉପଖଣ୍ଡରେ ବୁଧବାର ୮୦୮ ନମୁନା ସଂଗ୍ରହ କରାଯାଇଛି। ୨୪୧ ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୬୨ ସୁସ୍ଥ ହୋଇଛନ୍ତି। ଏହି ଉପଖଣ୍ଡରେ ମୋଟ ୨୨୪୦୮୩ ନମୁନା ସଂଗ୍ରହ କରାଯାଇଛି। ୧୨୩୬୪ ପଜିଟିଭ, ୧୧୨୩୪ ସୁସ୍ଥ ଏବଂ ୧୨୭୫ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୧୩୮ ଘରୋଇ ସଙ୍ଗରୋଧ ଓ ୧୩୭ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଥିବା ଉପଜିଲାପାଳ ଅଶୋକ ବେହୁରିଆ ସୂଚନା ଦେଇଛନ୍ତି।

### ୨ ପଞ୍ଚାୟତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ,୨୬।୫:** ଖୋର୍ଦ୍ଧା ଉପଖଣ୍ଡ ବୋଲଗଡ ବ୍ଲକର ୪ଟି ଗ୍ରାମ ଓ ଖୋର୍ଦ୍ଧା ପୌରାଞ୍ଚଳର ୨ଟି ୱାର୍ଡରେ ଅଧିକ କରୋନା ସଂକ୍ରମିତ ଚିହ୍ନଟ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବୁଧବାରଠାରୁ ଆସନ୍ତା ଜୁନ ୪ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ସେବା ଉପଲବ୍ଧ କରାଯିବ। ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ଅଧୀନ ପିଟୁକୁଳି ଗ୍ରାମର ଆଦିବାସୀ ସାହି, ବ୍ରାହ୍ମଣ ସାହି ଓ ଦଳିତ ସାହି ଏବଂ ଦଳାଇସାହି ପଞ୍ଚାୟତର ଦଳାଇ ସାହି ଓ ଖୋର୍ଦ୍ଧା ପୌରାଞ୍ଚଳ ଅଧୀନ ୱାର୍ଡ ନମ୍ବର ୧୫ର ଶ୍ରୀବିହାର ଏବଂ ୱାର୍ଡ ନମ୍ବର ୬ର ନବୀନାବାଗ ପ୍ରଭୃତି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

## ବିମାନ ଚଳାଚଳ ଆରମ୍ଭ ହେଲା

ଭୁବନେଶ୍ୱର, (ବ୍ୟୁରୋ): ବାତ୍ୟାକୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୨୫ ତାରିଖ ମଙ୍ଗଳବାର ରାତି ୧୧ଟାରୁ ୨୭ତାରିଖ ଗୁରୁବାର ସକାଳ ୫ଟା ପର୍ଯ୍ୟନ୍ତ ବିମାନ ସେବା ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ବାତ୍ୟାର ପ୍ରଭାବ କମିଯିବା ପରେ ନିର୍ଦ୍ଧାରିତ ସମୟର ୧୦ ଘଣ୍ଟା ପୂର୍ବରୁ ବିମାନ ସେବା ଆରମ୍ଭ ହୋଇଛି। ବୁଧବାର ରାତି ୭ଟାରୁ ବିମାନ ଚଳାଚଳ କରିଥିବା ବମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୬.୦୫.୨୦୨୧

୧୭୨୨ ଟଙ୍କା

## ସଂକ୍ଷେପରେ

### ଆଜି ୩ କେନ୍ଦ୍ରରେ ଟିକା ଦିଆଯିବ

**ସାକ୍ଷୀଗୋପାଳ, ୨୬।୫(ସ୍ୱ.ପ୍ର.):** ସାକ୍ଷୀଗୋପାଳ ବ୍ଲକର ୩ କେନ୍ଦ୍ରରେ ଗୁରୁବାର ସକାଳ ୯ଟାରୁ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ କୋଭିଡ୍ ଟିକା ଦିଆଯିବ। ନିଜ ଆଧାରକାର୍ଡ କିମ୍ବା ବୟସ ପ୍ରମାଣପତ୍ର ସାଙ୍ଗରେ ଆଣି ଟୋକନ ଗ୍ରହଣ କରି ଟିକା ନେବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୩ କେନ୍ଦ୍ର ପାଇଁ ୫୮୦ ଡୋଜ ଟିକା ଆସିବ। ଗବକୁଣ୍ଡସ୍ଥିତ ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପାଇଁ ୨୦୦, ଅଲଗୁମସ୍ଥିତ ଜାଗେଶ୍ୱରୀ ବିଦ୍ୟାପୀଠ ନିମନ୍ତେ ୧୫୦ ଏବଂ ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଲାଗି ୨୩୦ ଡୋଜ୍ ଟିକା ଆସିବ।

### କଣାସରୁ ଉଠିଲା କଣ୍ଟେନ୍‌ମେଣ୍ଟ

**କଣାସ,୨୬।୫(ସ୍ୱ.ପ୍ର.):** କଣାସ ବ୍ଲକର କଣାସ ପଞ୍ଚାୟତରେ ସର୍ବାଧିକ ୫୦ରୁ ଉର୍ଦ୍ଧ୍ୱ କରୋନା ପଜିଟିଭ୍ ରୋଗୀ ଚିହ୍ନଟ ହେବାପରେ ବିଡିଓ ଲୋଚନ ଦାସ କଣାସ ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଥିଲେ। ଗତ ୧୫ଦିନ ହେଲା ଆବଦ୍ଧ ହେବାପରେ ସଂକ୍ରମିତ ସଂଖ୍ୟା ହ୍ରାସ ହେବାରୁ ବୁଧବାର ବିଡିଓ ଗ୍ରାମରୁ କଣ୍ଟେନ୍‌ମେଣ୍ଟ ଜୋନ ଉଠାଇଦେଇଛନ୍ତି। ସେହିପରି ତ୍ରିଲୋଚନପୁର ପଞ୍ଚାୟତର କାତପଡ଼ା ଗ୍ରାମରେ ପଜିଟିଭ ସଂଖ୍ୟା ଦୈନନ୍ଦିନ ବାହାରୁଥିବାରୁ ଗତ ୧୫ଦିନ ହେଲା ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନରେ ରଖାଯାଇଛି । ବିଡିଓ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା,କଣାସ ଥାନା ଆଇଆଇସି ତପନ ରାଉତ ଏବଂ ଗଡିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ଅମାନିଆଙ୍କୁ ସାବାଡ ଏବଂ ସଚେତନ କରିବା ପାଇଁ ପ୍ରତିଦିନ ଚେକିଂ କରୁଛନ୍ତି।

### ନିମାପଡ଼ାରେ ୧୨୧୫ ପଜିଟିଭ ଚିହ୍ନଟ

**ନିମାପଡ଼ା,୨୬।୫(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳରେ କରୋନାର ଦ୍ରୁତ ସଂକ୍ରମଣ ଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସହରାଞ୍ଚଳ ଅପେକ୍ଷା ସ୍ଥାନୀୟ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ନିମାପଡ଼ା ବ୍ଲକ ଓ ଏନ୍‌ଏସିରେ ବୁଧବାରକୁ ମିଶାଇ ମୋଟ ୧୨୧୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୯ଜଣଙ୍କ ମୃତ୍ୟୁ ଘଟିଥିବା ବିପିଏମ୍ ଶିବ ନନ୍ଦଙ୍କଠାରୁ ସୂଚନା ମିଳିଛି। ଗ୍ରାମାଞ୍ଚଳରେ ଦ୍ରୁତ ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ୮ଟି ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏଥିସହ ପ୍ରତ୍ୟେକ ଦିନ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବା ସହ ବହୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତଥାପି ସଂକ୍ରମଣ ସଂଖ୍ୟା ବଢ଼ିଚାଲିଛି। ତେଣୁ ଏ ଦିଗରେ ଆହୁରି କଡ଼ା ପଦକ୍ଷେପ ଗ୍ରହଣ କରାଯିବା ସହ ଲୋକଙ୍କୁ ପର୍ଯ୍ୟାପ୍ତ କରୋନା ଟିକା ଯୋଗାଇ ଦିଆଯିବାକୁ ସାଧାରଣରେ ଦାବି ହେଉଛି।

# ଅରଖକୁଦାରେ ପଶିଲା ଜୁଆର ପାଣି

**ବ୍ରହ୍ମଗିରି,୨୬।୫(ଡି.ଏନ୍.ଏ.)**

ସାମୁଦ୍ରିକ ବାତ୍ୟା ୟାସ୍ ପୁରୀ ଜିଲାରେ ବିଶେଷ କ୍ଷୟକ୍ଷତି କରିନାହିଁ। ତଥାପି ବ୍ରହ୍ମଗିରି ଅଞ୍ଚଳରେ ବାତ୍ୟା ପ୍ରଭାବରେ ବୁଧବାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦା ଗାଁରେ ସମୁଦ୍ରର ଜୁଆର ପାଣି ପଶିଯାଇଛି। ଫଳରେ ଲୋକମାନେ ଭୟଭୀତ ହୋଇପଡିଛନ୍ତି।

ଅନ୍ୟପକ୍ଷରେ 'ୟାସ' ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହି ଅନେକ ମତ୍ସ୍ୟଜୀବୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିଥିଲା। ବାତ୍ୟା ପ୍ରଭାବରୁ ବ୍ରହ୍ମଗିରି ଅଞ୍ଚଳ ବର୍ତ୍ତିଯାଇଥିବା ସମୟରେ ପୂର୍ଣ୍ଣମୀ ତିଥିରେ ସମୁଦ୍ର ଅଶାନ୍ତ ହୋଇଥିଲା । ଏହି ଗ୍ରାମକୁ ସାମୁଦ୍ରିକ ଜୁଆରରୁ ସୁରକ୍ଷା ପାଇଁ ଗ୍ରାମ ଚାରିପଟେ ରିଙ୍ଗ ବନ୍ଧ ହୋଇଛି। କିନ୍ତୁ ଦୁର୍ବଳ ରିଙ୍ଗବନ୍ଧ ଯୋଗୁ ଅରଖକୁଦା ଗାଁର ମେରାଇନ୍ ଥାନା ନିକଟ, ଭାଗବତ ସାହି, ଲକ୍ଷ୍ମୀନାରାୟଣ ସାହି ଓ ହରଚଣ୍ଡୀ ସାହି ଇତ୍ୟାଦିରେ ଜୁଆର ପାଣି ପଶିଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ ଆତଙ୍କିତ ହୋଇପଡ଼ିଛନ୍ତି। ସୂଚନା ଥାଉକି, କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରିଙ୍ଗ୍ ବନ୍ଧ ବର୍ତ୍ତମାନ ସୁଦ୍ଧା ଶେଷ ହୋଇ ନ ଥିବାବେଳେ ଏବଂ ରିଙ୍ଗବନ୍ଧରେ ଥିବା କଲଭର୍ଟରେ ଗେଟ୍ ବ୍ୟବସ୍ଥା ନ ଥିବାରୁ ସମୁଦ୍ର ଜୁଆର ପାଣି ଗାଁରେ ପଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ଗୁରୁତ୍ୱ ଦେଇ ଠିକ୍ ଭାବେ ରିଙ୍ଗ ବନ୍ଧ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ମତ୍ସ୍ୟଜୀବୀ ନିଜ ଡ଼ଙ୍ଗାକୁ ସୁରକ୍ଷିତ ରଖୁଛନ୍ତି।

## ୟାସ୍ ପ୍ରଭାବ

# ଆଶ୍ରୟସ୍ଥଳରୁ ଘରକୁ ଫେରିଲେ ଲୋକେ

**ପୁରୀ ଅଫିସ/ଡେଲାଙ୍ଗ/ ସାକ୍ଷୀଗୋପାଳ, ୨୬।୫ (ଡି.ଏନ୍.ଏ./ସ୍ୱ.ପ୍ର.)**

ବାତ୍ୟା ୟାସ୍ ପ୍ରଭାବରେ ପୁରୀ ସହରରେ ସାମାନ୍ୟ ବର୍ଷା ଓ ପବନ ହୋଇଛି। କୌଣସି କ୍ଷୟକ୍ଷତି କିମ୍ବା ଧନଜୀବନ ନଷ୍ଟ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିନାହିଁ। ମଙ୍ଗଳବାର ପୁରୀ ପ୍ରଶାସନ ପକ୍ଷରୁ ଜିଲାରେ ୩୩୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ୯୧୨୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଏହି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟାଯାଇଛି। ତେବେ ବାତ୍ୟା ଭୟ ହଟିବା ପରେ ଲୋକେ ଆଶ୍ରୟସ୍ଥଳୀ ଛାଡ଼ି ନିଜ ଘରକୁ ଫେରିବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ପ୍ରସ୍ତୁତିକୁ ନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ପ୍ରଶଂସା କରିଛନ୍ତି।

ବାତ୍ୟା 'ୟାସ୍'କୁ ଲକ୍ଷ୍ୟରେ ରଖି ଡେଲାଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରୁ ୧୩୪୮ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବାତ୍ୟା ପ୍ରଭାବ ନ ପଡ଼ିବାରୁ ବୁଧବାର ଅପରାହ୍ଣରେ ଆଶ୍ରୟ ନେଇଥିବା ଲୋକମାନେ ନିଜ ଘରକୁ ଫେରିଛନ୍ତି। ବାତ୍ୟାର ଭୟାବହତାକୁ ଲକ୍ଷ୍ୟ ରଖି ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଢେଇ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଓ ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ମଙ୍ଗଳବାର ବିଭିନ୍ନ ପଞ୍ଚାୟତରେ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା ସହିତ ବାତ୍ୟା ସମ୍ପର୍କରେ ସଚେତନ କରାଇଥିଲେ। ଚାଲଛପର, ଆଜବେଷ୍ଟସ ଓ ଜରିପାଲ ତଳେ ଆଶ୍ରୟ ନେଇଥିବା ଲୋକଙ୍କୁ ୨୬ଟି ଆଶ୍ରୟସ୍ଥଳର ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ସ୍ଥାନାନ୍ତର ସମୟରେ ୩ଜଣ କୋଭିଡ୍ ଆକ୍ରାନ୍ତଙ୍କୁ କଲ୍ୟାଣପୁରସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶ୍ରୟ ଦିଆଯାଇଥିବା ବେଳେ ୩ଜଣ ଗର୍ଭବତୀଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୫ଜଣଙ୍କୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ଦିଆଯାଇଥିଲା। ଆଶ୍ରୟସ୍ଥଳରେ କୋଭିଡ୍ ସୁରକ୍ଷା ପାଇଁ ମାସ୍କ ପ୍ରଦାନ କରିବା ସହିତ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ବୁଧବାର ବର୍ଷା କମିବା ପରେ ଅପରାହ୍ଣରେ ଲୋକମାନେ ନିଜଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ମିଶନ ଶକ୍ତି ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ ଓ ସ୍ଥାନୀୟ ସରପଞ୍ଚମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ସହଯୋଗ କରିଥିଲେ।

ପ୍ରଶାସନ ପକ୍ଷରୁ ସତ୍ୟବାଦୀ ବ୍ଲକରେ ୬୩ଟି ଆଶ୍ରୟସ୍ଥଳୀକୁ ମଙ୍ଗଳବାର ୨୦୫୨ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ପାନୀୟଜଳ, ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚମାନେ ସହଯୋଗ କରିଥିବାବେଳେ ବିଡିଓ ଏବଂ ତହସିଲଦାର କାର୍ଯ୍ୟ ତଦାରଖ କରିଥିଲେ।

# କଳାଦିବସ ପାଳିଲେ କୃଷକ




ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ୍ ପକ୍ଷରୁ କଳାଦିବସ ପାଳନ କରାଯାଉଛି।

**ବ୍ରହ୍ମଗିରି,୨୬।୫(ଡି.ଏନ୍.ଏ)**

କେନ୍ଦ୍ର ସରକାର କୃଷକ ମାରଣ ନୀତି ଅବଲମ୍ବନ କରି ଅଗଣତାନ୍ତ୍ରିକ ଭାବେ କେନ୍ଦ୍ର ସରକାର କର୍ପୋରେଟ ସଂସ୍ଥାଗୁଡ଼ିକର ସ୍ୱାର୍ଥ ପାଇଁ ୩ଟି କଳା କୃଷି ଆଇନ ପ୍ରଣୟନ କରି କୃଷି ଓ କୃଷକର ଅଶେଷ କ୍ଷତି ଘଟାଇଛନ୍ତି। ଏହି ଆଇନକୁ ବିରୋଧ କରି ବ୍ରହ୍ମଗିରିର ସିପିଏମ୍ ଦଳ ନେତୃତ୍ୱରେ ଅଞ୍ଚଳର ଚାଷୀମାନେ ମେ ୨୬କୁ କଳା ଦିବସ ଭାବେ ପାଳନ କରିଛନ୍ତି। ଏପରିକି ଏହି କଳା ଆଇନକୁ ସାରା ରାଜ୍ୟରେ ହଟାଇବା ପାଇଁ ବିରୋଧ କରାଯାଇଥିଲା। ଏଥିସହ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଦେଶର ଲକ୍ଷାଧିକ କୃଷକ ପ୍ରାୟ ୬ମାସରୁ ଅଧିକ ଦିନ ହେବ ଦିଲ୍ଲୀ ରାଜରାସ୍ତାରେ ଧାରଣା ଜାରି ରଖିଛନ୍ତି। ଏମାନଙ୍କ ମଧ୍ୟରୁ ୬ଶହରୁ ଉର୍ଦ୍ଧ୍ୱ କୃଷକଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ର ସରକାର ଚାଷୀମାନଙ୍କର ଦାବିକୁ ଗ୍ରହଣ ନ କରି ଗୁଳିମାଡ, ରବର ବୁଲେଟ, ଟିୟର ଗ୍ୟାସ୍ ଏବଂ ପାଣି ମାଡ଼ ମାରିଛନ୍ତି। ତା'ର ପ୍ରତିବାଦରେ ମେ ମାସ ୨୬ ତାରିଖକୁ କୃଷକଙ୍କ ପକ୍ଷରୁ କଳା ଦିବସ ରୂପେ ପାଳିତ ହେଉଥିବା ବେଳେ ବ୍ରହ୍ମଗିରିର ଚାଷୀମାନେ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକଜୁଟ ହୋଇ କଳାଦିବସ ପାଳିଛନ୍ତି। ଏଥିରେ ପୁରୀ ଜିଲା ସିପିଏମ୍ ସମ୍ପାଦକ ଭୀମସେନ ସ୍ୱାଇଁ, ସିପିଆଇ ନେତା ବ୍ରଜବନ୍ଧୁ ପ୍ରଧାନ, ତପନ ଉପାଧ୍ୟାୟ, ବିଦ୍ୟାଧର ଦଳାଇ, ସୁବଳ ଦଳାଇ, ସୁରେନ୍ଦ୍ର ଦଳାଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କରୋନା ସଚେତନତା

**ପୁରୀ ଅଫିସ, ୨୬।୫**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ବୈଠକରେ ଅଧ୍ୟକ୍ଷତା କରି କରୋନାକୁ ନ ଡରି ସରକାରଙ୍କ ଗାଇଡ୍ ଲାଇନ ମାନିବା ସହ ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା ସହ ପରିଷ୍କାର ପରିଚ୍ଛନ୍ନତା ଆପଣାଇବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡା. ମହେଶ୍ୱର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ଥିରତା ସହ ଉପଯୁକ୍ତ ଆହାରର ସନ୍ତୁଳନ ରଖିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରର ପ୍ରଫେସର ଗୌରପ୍ରିୟା ଦାଶ କୋଭିଡ୍ ନିୟମକୁ ମାନିବା ସହିତ ଶାସ୍ତ୍ରୀୟ ମାର୍ଗରେ ଜୀବନ ନିର୍ବାହ କଲେ ରୋଗ ସ୍ପର୍ଶ କରିବ ନାହିଁ ବୋଲି ମତ ରଖିଥିଲେ। ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅକ୍ଷୟ କୁମାର ରାଉଳ ଟିକା ଓ ମେଡିସିନ ବିଷୟରେ ସଚେତନତା କରାଇବାକୁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଟ୍ରେନିଂ ସେଣ୍ଟର ସଂଯୋଜକ ନୀରଜ କୁମାର ଖୁଣ୍ଟିଆ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଂଯୋଜକ ବସନ୍ତ କୁମାର ମିଶ୍ର, ଲୋକଭାଷା ପ୍ରଚାର ସମିତିର ସର୍ବଭାରତୀୟ ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତ ପ୍ରମୁଖ ଯୋଗଦେଇ କରୋନା ସମୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରକାଶ ଶତପଥୀ, ହେମନ୍ତ କୁମାର ମୁଦୁଲି ଏବଂ ବାପି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ଆକ୍ରାନ୍ତ ଶିକ୍ଷାବିତ୍‌ଙ୍କ ପରଲୋକ

**ପୁରୀ ଅଫିସ, ୨୬।୫**

ବାଲିଘାଟସ୍ଥିତ ଜାଗୁଲାଇ ଲେନ୍ ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର (୬୨)ଙ୍କର ସୋମବାର ମୃତ୍ୟୁ ଘଟିଛି। ମହାପାତ୍ର କରୋନାରେ ଆକ୍ରାନ୍ତ ହୋଇ ପୁରୀର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ।

## ରଥଖଳାରୁ

# ଚଉପଟ, ଅରକଣ୍ଟା ତିଆରି ଚାଲିଛି



ଚଉପଟ ନିର୍ମାଣ କରାଯାଉଛି।

**ପୁରୀ ଅଫିସ,୨୬।୫**

ବାତ୍ୟା ଆଶଙ୍କା ଟଳିବା ପରେ ବୁଧବାରଠାରୁ ରଥଖଳାରେ ପୁଣି କାମ ଆରମ୍ଭ ହୋଇଛି। ୧୪୬ ଜଣ ସେବକ କାମରେ ଲାଗିଥିଲେ। ୫୫ ମହାରଣା, ୫୫ ଭୋଇ ସେବକ, ୪ କରତି ସେବକ, ଜଣେ ପାହି ମହାରଣା, ୧୫ କମାର ସେବକ, ୧୩ ରୂପକାର ସେବକ, ୨ ତୁମ୍ବବିନ୍ଧ କାରିଗର ଓ ଜଣେ ସହାୟକ ନିୟୋଜିତ ଥିଲେ। ଭୋଇସେବକମାନେ ରଥ ଚାଳିରେ ଚାଞ୍ଚବନ୍ଧା କାମ ଶେଷ କରିଛନ୍ତି। ଏଥିସହ ବର୍ଷା ଯୋଗୁ ଯନ୍ତା ଗାଡ଼ରେ ପାଣି, ବାଲି ମାଟି ପଶିଥିବାରୁ ଏହାକୁ ପୁଣି ଥରେ ଠିକ୍ କରାଯାଇ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ତାଳଧ୍ୱଜ ରଥର ୧୪ ତୁମ୍ବ ମଧ୍ୟରୁ ୨ଟିର କାମ ସରିଥିବା ବେଳେ ଆଉ ୫ଟିର କାର୍ଯ୍ୟ ଚାଲିଛି। ସେହିଭଳି ବୁଧବାର ଆହୁରି ୪ଟି ତୁମ୍ବ ବିନ୍ଧ କାମ ଆରମ୍ଭ ହୋଇଛି। ଯନ୍ତାପଟାରେ ବିନ୍ଧ ଖୋଳା ହେବା ସହ ଗୁଜ ଅନୁକୂଳ ହୋଇଥିବା ଧଉରା କାଠର ଚଉପଟ କାର୍ଯ୍ୟ ହେଉଛି। ଦେବଦଳନ ରଥର ୧୨ ତୁମ୍ବ ମଧ୍ୟରୁ ୮ଟି ବିନ୍ଧର କାମ ସରିଥିଲା। ୪ଟି ବିନ୍ଧର କାମ ଜାରି ରହିଛି। ବିନ୍ଧ ସରିଥିବା ୮ଟି ତୁମ୍ବରୁ ୩ଟିର ଠେକଟୁଲିଆ ସହ ଘେରକଟା ଚାଲିଛି। ଗୁଜକାଠର ଚଉପଟ କାର୍ଯ୍ୟ ମଧ୍ୟ ଚାଲିଛି। ନନ୍ଦିଘୋଷ ରଥର ୮ ତୁମ୍ବର ବିନ୍ଧ କାମ ଜାରି ରହିଛି। ସେଥିମଧ୍ୟରୁ ଗୋଟିଏ ତୁମ୍ବର ବିନ୍ଧ ସରି ଘେରକଟା ଚାଲିଛି। ଦୁଇଟି ତୁମ୍ବରେ ସୂତାବାଡ଼ିଆ ସରି ବିନ୍ଧ ପାଇଁ ରହିଛି। ଚଉପଟ ଓ ଯନ୍ତାପଟା ଖୋଦେଇ କାମ ଜାରି ରହିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ତିନି ରଥର ଓଝା ସେବକମାନେ ତୁମ୍ବରେ ଫିଟିଂ ପାଇଁ ପନ୍ଦାରୀ ଓ ଅରକଣ୍ଟା ତିଆରି କରୁଛନ୍ତି।



ବୁଦ୍ଧପୂର୍ଣ୍ଣିମାରେ ବୁଧବାର ପୁରୀ ରେଳଷ୍ଟେଶନ ନିକଟ ବୁଦ୍ଧ ମନ୍ଦିରରେ ଜଣେ ଭକ୍ତଙ୍କ ପୂଜାର୍ଚ୍ଚନା।

# କନିଷ୍ଠରେ ଆଦ୍ୟା, ବରିଷ୍ଠରେ ଶର୍ମିଷ୍ଠା ପ୍ରଥମ

## ଭିକାରୀ ବଳଙ୍କ ଜୟନ୍ତୀରେ ଭଜନ ପ୍ରତିଯୋଗିତା

**ପୁରୀ ଅଫିସ, ୨୬।୫**

ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୨ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ରାଜ୍ୟର ଶତାଧିକ ପ୍ରତିଯୋଗୀ ଭାଗନେଇଥିଲେ। କନିଷ୍ଠ ବିଭାଗରେ କେନ୍ଦୁଝରର ଆଦ୍ୟା ପ୍ରିୟଦର୍ଶିନୀ ସାହୁ ପ୍ରଥମ, କଟକର ମଧୁସ୍ମିତା ପଣ୍ଡା ଦ୍ୱିତୀୟ ଓ ପୁରୀ ସାକ୍ଷୀଗୋପାଳର ଦେବସ୍ମିତା ହୋତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଭୁବନେଶ୍ୱରର ଶର୍ମିଷ୍ଠା ବିଦ୍ୟାଧର ନାୟକ ପ୍ରଥମ, ପୁରୀର ନିର୍ମଳ ନନ୍ଦ ଦ୍ୱିତୀୟ ଓ ବାଲେଶ୍ୱରର ସବିତା ମୁର୍ମୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସାର୍ଟିଫିକେଟ, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ କର୍ମକର୍ତ୍ତା କହିଛନ୍ତି। ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ନିର୍ଦ୍ଦେଶକ ଶତ୍ରୁଘ୍ନ କୁମାର ନାୟକ ପରିଚାଳନା କରିଥିଲେ।

# କଣାସରେ ସଂକ୍ରମଣ ସଂଖ୍ୟା ୬ଶହ ଟପିଲା

**କଣାସ,୨୬।୫(ସ୍ୱ.ପ୍ର.)**

କଣାସ ବ୍ଲକରେ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ବ୍ଲକର ବିଭିନ୍ନ ଗ୍ରାମରୁ ୧୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ମୋଟ ସଂଖ୍ୟା ବ୍ଲକରେ ଏବେ ୬୦୧ ହୋଇଯାଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି। ନୂଆଗାଁ ୧, ବାଲିପାଟଣା ୧, ବୀରତୋଇ ୨, ସବଳଙ୍ଗ ୩, କାତପଡା ୧, ସିରେଇ ୧, ବୀରକେଶରପୁର ୧ଗ୍ରାମରୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩୬୮ଜଣ ସୁସ୍ଥ ହୋଇଥିବା ବେଳେ ୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବ୍ଲକରେ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ପ୍ରଶାସନିକ ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇଯାଇଛି।

# କରୋନା ଭୟ: ଦୀର୍ଘ ସମୟ ପଡ଼ିରହିଲା ମୃତଦେହ

**ସାକ୍ଷୀଗୋପାଳ, ୨୬।୫ (ଡି.ଏନ୍.ଏ/ସ୍ୱ.ପ୍ର.)**

ସତ୍ୟବାଦୀ ବ୍ଲକର ସାରଙ୍ଗଯୋଡିବଜାରରେ ରହୁଥିବା ସାରଙ୍ଗଯୋଡ଼ି ମଲୁଖପାଟଣା ଗ୍ରାମର ତାରା ଭାଇନା ଭାବେ ପରିଚିତ ରାଧାମୋହନ ଦାଶ(୫୫)ଙ୍କର ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ବୁଧବାର ସକାଳେ ତାଙ୍କ ମୃତ୍ୟୁ ଖବର ସାଧାରଣରେ ପ୍ରଚାରିତ ହୋଇଥିଲା। ତେବେ କରୋନାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି କେହି ତାଙ୍କ ମୃତଦେହ ନିକଟକୁ ଯାଇ ନ ଥିଲେ କି ଶବ ସଂସ୍କାର କରିବା ପାଇଁ ଆଗଭର ହୋଇ ନ ଥିଲେ। ଦୀର୍ଘ ସମୟ ଧରି ମୃତଦେହ ପଡ଼ିରହିଥିଲା। ଏ ନେଇ ସାମାଜିକ କର୍ମୀ ସୁଶୀଲ କୁମାର ସାହୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର କାହାରି ସହଯୋଗ ମିଳି ନ ଥିଲା। ଶେଷରେ ସେ ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସହଯୋଗର ହାତ ବଢ଼ାଇବା ପାଇଁ ଆଇଆଇସି ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଆଇଆଇସି ପାତ୍ର ୪ ପିପିଇ କିଟ୍‌ଧରି ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଆସି ପହଞ୍ଚିଥିଲେ। କୋଭିଡ୍ ଗାଇଡଲାଇନ୍ ଅନୁଯାୟୀ ମୃତଦେହ ସତ୍କାର କରିବାକୁ ମୃତକଙ୍କ ସମ୍ପର୍କୀୟ ଓ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ଆଇଆଇସିଙ୍କ ସହଯୋଗରେ ସାମାଜିକ କର୍ମୀ ସୁଶୀଲ କୁମାର ସାହୁ, ବିଜୟ କୁମାର ଦାସ, କୁଲୁ ଦାସ ଓ ମୃତକଙ୍କ ସମ୍ପର୍କୀୟ ସ୍ୱାଇଁ ପିପିଇ କିଟ୍ ପରିଧାନ କରି ମୃତକଙ୍କ ଶବ ସତ୍କାର କରିଥିଲେ।

## ପୋଲିସ ସହଯୋଗରେ ହେଲା ସତ୍କାର



ସତ୍କାର ପାଇଁ ମୃତଦେହକୁ ନିଆଯାଉଛି।

# ଦୟାନଦୀ ବନ୍ଧ ରାସ୍ତା ଫାଟିଲା

**କଣାସ,୨୬।୫(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ରବିବାର ପୁରୀ ଜିଲାର କଣାସ ବ୍ଲକର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡିଛି। ଏପରି କି ବନ୍ୟା ଦାଉରୁ ରକ୍ଷାକରିବା ପାଇଁ ଥିବା ଦୟାନଦୀ ବନ୍ଧର ଅବସ୍ଥା ଦୁର୍ବିଷହ ହୋଇପଡ଼ିଛି। ନଦୀବନ୍ଧ କଣାସଠାରୁ ଦୟାନଦୀ ବନ୍ଧ ବାମପାର୍ଶ୍ୱ ଜଙ୍କିଆ ପର୍ଯ୍ୟନ୍ତ ହୋଇଥିବା କଂକ୍ରିଟ୍ ଫାଟି ଦୁଇଫାଳ ହୋଇଯାଇଛି। ପୁନଶ୍ଚ ମରାମତି ପାଇଁ ବାରମ୍ବାର ଦାବି ହେବାରୁ ସେହି ଫାଟରେ ପିଚୁ ଭରି ଦିଆଯାଇଥିଲା। ହେଲେ ପିଚୁଗୁଡିକ ଫାଟରେ ଗଳି ରାସ୍ତା ପୂର୍ବ ଅବସ୍ଥାକୁ ଫେରିଆସିଛି। ସେହିପରି କଣାସଠାରୁ ଭାଟପଡା ପର୍ଯ୍ୟନ୍ତ ଦୟାନଦୀ ବନ୍ଧ କଂକ୍ରିଟି ରାସ୍ତା ଫାଟି ଦୁଇଫାଳ । ବନ୍ଧର ଅବସ୍ଥା କହିଲେ ନ ସରେ। ନଦୀବନ୍ଧ ଦୁର୍ବଳ ହୋଇପଡିଥିବାରୁ ଗତବର୍ଷ ବନ୍ୟାରେ ଆଞ୍ଚଳିକ କୁଶେଶ୍ୱରୀ ସାଂସ୍କୃତିକ ପରିଷଦ ନିକଟସ୍ଥ ନଦୀବନ୍ଧରେ ବଡବଡ ଘଳିଆ ପଡି ଜିଲା ପ୍ରଶାସନର ନିଦ ହଜାଇ ଦେଇଥିଲା। ବନ୍ୟାପରେ ପ୍ରଶାସନିକ ଅଧିକାରୀମାନେ ସେଥିପ୍ରତି ନଜର ଦେଇ ନ ଥିବାରୁ ଆଗାମୀ ବନ୍ୟାରେ ନଦୀବନ୍ଧ ଭୁଶୁଡି ଯିବାର ଆଶଙ୍କା ରହିଛି। ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କୁହନ୍ତି, ଏହି ରାସ୍ତାରେ ଦଶଠାରୁ ଆରମ୍ଭ କରି ଅଠର ଚକିଆ ଭାରିଯାନ ଚଳାଚଳ କରୁଥିବାରୁ ନଦୀବନ୍ଧ ଫାଟିଯାଉଛି। ଏସବୁକୁ ବାରଣ କରିଲେ ମଧ୍ୟ କିଛିଦିନ ଚୁପ ରହି ପୁଣି ଚଳାଚଳ କରୁଥିବାରୁ ଏହି ଫାଟ ହୋଇଛି ବୋଲି ସେ କହିଛନ୍ତି।

## ନିମ୍ନ ମାନର କାମ ଅଭିଯୋଗ

